

ଆରପାରିରେ
ସାଧୁ ମେହେର
▶ଭିତର ପୃଷ୍ଠାରେ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-219 ♦BHUBANESWAR ♦SATURDAY ♦3 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୯ ♦ଭୁବନେଶ୍ୱର ♦ଶନିବାର ♦୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



DSPL-607

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

## ଶୁଭାରମ୍ଭ

ଫେବୃଆରୀ ୩ ତାରିଖ, ପୂର୍ବାହ୍ଣ ୧୧ଟା
ଜନତା ମଇଦାନ, ଭୁବନେଶ୍ୱର

OIPR-15001/13/0319/2324



## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନାଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

ଭାଷା ଅତୀତର ଅସ୍ତିତ୍ୱ
**ଭାଷା ହିଁ ଭବିଷ୍ୟତ**

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-219 ◆BHUBANESWAR ◆SATURDAY ◆3 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୧୯ ◆ଭୁବନେଶ୍ୱର ◆ଶନିବାର ◆୩ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ଆଜି ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରିପରିଷଦ ବୈଠକ

**ଭୁବନେଶ୍ୱର, ୨।୨ (ସମିସ):** ଶନିବାର ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରିପରିଷଦ ବୈଠକ ବସିବ। ସନ୍ଧ୍ୟା ୭ଟା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ବାଜିବାର ସମ୍ଭାବନା ରହିଛି। କ୍ୟାବିନେଟ ବୈଠକ ପରେ ମନ୍ତ୍ରିପରିଷଦ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ କାମଚଳା ବଜେଟକୁ ମଞ୍ଜୁରୀ ମିଳିବ। ଆସନ୍ତା ୫ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେଉଥିବାରୁ କ୍ୟାବିନେଟ ଓ ମନ୍ତ୍ରିପରିଷଦ ବୈଠକ ବେଶ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି।




**ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଶାବର ଶ୍ରୀକ୍ଷେତ୍ରର କଳା ଜିରା ଚାଉଳ**

# ମହାପ୍ରସାଦ ପ୍ରସ୍ତୁତି ପାଇଁ ନିବେଦନ

■ **ପୁରୀ, ୨।୨ (ସମିସ):** ଶ୍ରୀକ୍ଷେତ୍ର ସହ ଶାବର ଶ୍ରୀକ୍ଷେତ୍ରର ରହିଛି ଘନିଷ୍ଠ ସମ୍ପର୍କ। ସେହି ସମ୍ପର୍କର ପ୍ରତୀକସ୍ୱରୂପ ପୁରୀରେ ପହଞ୍ଚିଛି କୋରାପୁଟର ଜୈବିକ ପଦ୍ଧତିରେ ଅମଳ ହେଉଥିବା କଳା ଜିରା ଚାଉଳ। ଏହି କଳାଜିରା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରିବା ଲାଗି ଅନୁରୋଧ କରିଛନ୍ତି ଚାଉଳ ଆଣିଥିବା ଚାଷୀମାନେ। ଯଦି ମନ୍ଦିର ପ୍ରଶାସନ ଏହାକୁ ଅନୁମୋଦନ ଦିଏ, ତେବେ କଳାଜିରା ଚାଉଳର ସୁଗନ୍ଧରେ ମହକିବ ବଡ଼ଠାକୁରଙ୍କ ରୋଷଶାଳା। ଆଉ ଭକ୍ତମାନେ ପାଇପାରିବେ କଳାଜିରାରୁ ପ୍ରସ୍ତୁତ ମହାପ୍ରସାଦ।

### ସାଥିରେ ଆଣିଥିଲେ ନଡ଼ିଆ, କଦଳୀ



ନିକଟରେ କୋରାପୁଟ ଜିଲ୍ଲାରେ ଉତ୍ପାଦିତ କଳାଜିରା ଧାନକୁ ଜିଆଇ ଟ୍ୟାଗ୍ ମିଳିଛି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଏହି ଧାନ ଚାଷ କରାଯାଉଥିବା ବେଳେ ଏହାର ଚାଉଳ ସବୁଠୁ ସ୍ୱାସ୍ଥ୍ୟପ୍ରଦ। ତେଣୁ ଏବେ ଏହିଭଳି ଚାଉଳର ଚାହିଦା ଅଧିକ ଥିବା ବେଳେ ଏହା କିପରି ଶ୍ରୀମନ୍ଦିରରେ ବ୍ୟବହାର ହୋଇପାରିବ, ସେହି ଲକ୍ଷ୍ୟ ନେଇ ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ୨୦ଜଣ ଚାଷୀ ୧ କୁଇଣ୍ଟାଲ କଳା ଜିରା ଚାଉଳ ଶ୍ରୀମନ୍ଦିର ପ୍ରଶାସନ ଡୋନେସନ୍ ସେଲ୍‌ର ଜିମା ଦେଇଛନ୍ତି। ଜୈବିକ ଶ୍ରୀ କୃଷକ ଉତ୍ପାଦକ ଲିମିଟେଡ କମ୍ପାନୀ ସହ ପଦ୍ମଶ୍ରୀ ସାବରମତୀ, ପ୍ରଗତି ନିର୍ଦ୍ଦେଶକ ପ୍ରଭାକର ଅଧିକାରୀଙ୍କ ନେତୃତ୍ୱରେ ଉଭୟ ମହିଳା ଓ ପୁରୁଷ ଚାଷୀ ପାରମ୍ପରିକ ପୋଷାକ ପିନ୍ଧି ଶ୍ରଦ୍ଧା ଓ ଭକ୍ତିର ସହ ଏହି ଚାଉଳ ଆଣି ଆସିଥିଲେ।

କେବଳ ଚାଉଳ ନୁହେଁ, ଜୈବିକ ପଦ୍ଧତିରେ ଚାଷ କରାଯାଇଥିବା ପନିପରିବା, ନଡ଼ିଆ ଆଦି ମଧ୍ୟ ସେମାନେ ସାଙ୍ଗରେ ଆଣିଥିଲେ। ପାହାଡ଼ିଆ ଅଞ୍ଚଳ କୋରାପୁଟରେ ଭୌଗୋଳିକ ପରିବେଶ ଓ ଜଳବାୟୁ ଏହି ଚାଷ ପାଇଁ ପ୍ରକୃଷ୍ଟ। କୋରାପୁଟ ପରି ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ଜୈବିକ କଳାଜିରା ଚାଉଳ ଚାଷ କରାଯାଇପାରିବ ବୋଲି ଦୀର୍ଘ ବର୍ଷ ଧରି ଜୈବିକ ଚାଷ ଉପରେ କାର୍ଯ୍ୟ କରୁଥିବା ପଦ୍ମଶ୍ରୀ ସାବରମତୀ କହିଛନ୍ତି।

ଏହି ଦଳ କୋରାପୁଟ ଜଗନ୍ନାଥ ମନ୍ଦିରରେ ଚାଉଳ ଅର୍ପଣ କରିବା ସହ ପୁରୀ ଆସିଥିଲେ। ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଭୋଗ ରସାୟନିକସାର ମୁକ୍ତ ଶସ୍ୟରେ ହେବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। କଳାଜିରା ଚାଉଳର ଗୁଣବତ୍ତା ଅନ୍ୟ ଚାଉଳ ଅପେକ୍ଷା ଉନ୍ନତମାନର। ତେଣୁ ଶ୍ରୀମନ୍ଦିର ରୋଷଶାଳାରେ ନିୟମିତ ଭୋଗ ପ୍ରସ୍ତୁତ ହେଲେ ଚାଷୀ ଉପକୃତ ହେବେ ବୋଲି କୁହାଯାଉଛି। ଆଗକୁ ଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିରକୁ ମଧ୍ୟ ପଠାଯିବ ବୋଲି ଉତ୍ପାଦନକାରୀ ଜୈବିକ ଶ୍ରୀର ଅଧିକାରୀ କହିଛନ୍ତି।

# ଆରପାରିରେ ସାଧୁ ମେହେର

■ **ଭୁବନେଶ୍ୱର/ମନମୁଣ୍ଡା/ଶଗଡ଼ା, ୨।୨ (ସମିସ):** ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ତଥା ବର୍ଷିଆନ୍ ଅଭିନେତା ପଦ୍ମଶ୍ରୀ ଡଃ ସାଧୁ ମେହେର (୮୪)ଙ୍କ ଆଜି ମୁମ୍ବାଇରେ ପରଲୋକ ହୋଇଯାଇଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁମ୍ବାଇରେ ତାଙ୍କ ଅନ୍ତିମ ସତ୍କାର କରାଯିବ। ତାଙ୍କ ପୋଷ୍ୟପୁତ୍ରୀ ନିକି ମୁଖାଗ୍ନି ଦେବେ ବୋଲି ଜଣାଯାଇଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି କହିଛନ୍ତି ଯେ ପଦ୍ମଶ୍ରୀ ସାଧୁ ମେହେର ତାଙ୍କର ବଳିଷ୍ଠ ଅଭିନୟ ଓ ନିର୍ଦ୍ଦେଶନା ପାଇଁ ଓଡ଼ିଶା ସମେତ ଜାତୀୟ ସ୍ତରରେ ଜଣେ ପ୍ରଶଂସନୀୟ ବ୍ୟକ୍ତିତ୍ୱ ଥିଲେ। ଉଭୟ ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ରରେ ସେ ତାଙ୍କର ନିଖୁଣ ଅଭିନୟର ଛାପ ଛାଡ଼ି ଯାଇଛନ୍ତି।



ସେ ହେଉଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଥମ ଓଡ଼ିଆ ଅଭିନେତା। କଳା କ୍ଷେତ୍ରରେ ପାରଦର୍ଶିତା ପାଇଁ ଅନେକ ସମ୍ମାନ ଓ ପୁରସ୍କାରରେ ସେ ସମ୍ମାନିତ ହୋଇଛନ୍ତି। ତାଙ୍କ ବିୟୋଗ କଳା ଜଗତ ପାଇଁ ଅପୂରଣୀୟ କ୍ଷତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜ୍ଞାପନ କରିଛନ୍ତି।

ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ ଓ ବଙ୍ଗଳା ଆଦି ଭାଷାରେ ୨୮ରୁ ଅଧିକ ସିନେମାରେ ଅଭିନୟ ଓ ୫ଟି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଡଃ ମେହେର ୧୯୬୯ ମସିହାରେ 'ଭୁବନ ସୋମ୍' କଥାଚିତ୍ରରୁ ନିଜର ଅଭିନୟ ଯାତ୍ରାରମ୍ଭ କରିଥିଲେ। ଏଥିରେ ସେ ଏକ ମୂକ ପକ୍ଷୀଧରାଳି ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଥିଲେ। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁ ନଥିଲେ। ୧୯୭୪ର ଚଳଚ୍ଚିତ୍ର 'ଅଙ୍କୁର' ତାଙ୍କୁ ଜାତୀୟସ୍ତରରେ ଜଣେ ଭଲ ଅଭିନେତାର ସ୍ୱୀକୃତି ଦେଇଥିଲା। ସିନେମା ଜଗତକୁ ତାଙ୍କର ଅବଦାନ ପାଇଁ ୨୦୧୭ରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅଭିନୟ ସାଙ୍ଗକୁ ତାଙ୍କର ଦମ୍‌ଦାର ସ୍ୱର ପାଇଁ ସେ ବେଶ୍ ପରିଚିତ ଥିଲେ।

ତାଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର ମଧ୍ୟରେ ଇଚ୍ଛା ପୂରଣ, ୨୭ ଡାଉନ୍, ମନ୍ଥନ, ଦେବଶିଶୁ, ନିଶାନ୍ତ, ସଫେଦ ହାତୀ, ମୃଗୟା, ଚରାଚର, ଉତ୍ତରଣ ଆଦି ଉଲ୍ଲେଖନୀୟ। ୧୯୭୭ ମସିହାରେ ସେ ନିଜ ପ୍ରଥମ ଓଡ଼ିଆ କଥାଚିତ୍ର 'ଅଭିମାନ'ର ନିର୍ଦ୍ଦେଶନା ଦେଇଥିଲେ। ଏହି ଚଳଚ୍ଚିତ୍ର ଜରିଆରେ ଅଭିନେତା ଉତ୍ତମ ମହାନ୍ତି ନିଜର ଅଭିନୟ କ୍ୟାରିଅର୍ ଆରମ୍ଭ କରିଥିଲେ। ଏହାବ୍ୟତୀତ ଡଃ ମେହେର ଅଭିଳାଷ, ଅପରିଚିତା, ଗୋପରେ ବଢୁଛି କଳାକହ୍ନେଇ ଭଳି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ଶୀତରାତି, ଭୁଖା ଆଦି ଓଡ଼ିଆ ଚଳଚ୍ଚିତ୍ରରେ ସେ ନିଖୁଣ ଅଭିନୟ କରିଥିବା ବେଳେ 'ହମ୍ ଆପ୍‌କେ ଦିଲ୍ ମେ ରହତେ ହେଁ' ଏହି ଚଳଚ୍ଚିତ୍ର ଦର୍ଶକଙ୍କ ମନ ଛୁଇଁଥିଲା। ସାଧୁ ମେହେର ଉଭୟ ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ରରେ ଦକ୍ଷ ଅଭିନୟ କରିଥିଲେ।

### ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

୧୯୪୦ ଜାନୁଆରୀ ୧ରେ ବୌଦ୍ଧ ଜିଲ୍ଲା ଗୁଡଭେଲିପଦର ଗ୍ରାମର ଏକ ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିବା ଡଃ ମେହେର ସୋନପୁର ସହରରେ ବିଦ୍ୟାଳୟ ଶିକ୍ଷା ଆରମ୍ଭ କରିଥିଲେ। ପିଲା ଦିନରୁ ଅଭିନୟ ପ୍ରତି ତାଙ୍କର ଆକର୍ଷଣ ଥିଲା। ଅଭିନୟରେ ସେ ଏପରି ମଗ୍ନ ରହୁଥିଲେ ଯେ ମଞ୍ଚରେ ଅଭିନୟ କରୁଥିବା ବେଳେ ପିତାଙ୍କ ମୃତ୍ୟୁ ଖବର ପାଇ ବି ସେ ମଞ୍ଚ ଛାଡ଼ି ଯାଇନଥିଲେ। ସ୍ନାତକ ଶିକ୍ଷା ପରେ ସେ ଅଭିନୟରେ ଡିପ୍ଲୋମା କରିବା ପାଇଁ କୋଲକାତାର ରବୀନ୍ଦ୍ର ଭାରତୀ ଯାଇଥିଲେ। ସେଠାରେ, ମଞ୍ଚ ଓ ସିନେମା ପ୍ରଭାବରେ ତାଙ୍କ ଜୀବନର ଗତିପଥ ପରିବର୍ତ୍ତନ ହୋଇଥିଲା। ଏହା ପରେ ମହାରାଷ୍ଟ୍ରର ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏନ୍‌ଆଇଏଫ୍‌ଟି) ଯାଇ ଅଭିନୟରେ ଡିପ୍ଲୋମା ହାସଲ କରିଥିଲେ। ତା' ପରେ ସେ ଥିଏଟର୍‌ରେ ଯୋଗ ଦେଇଥିଲେ ଓ ସତ୍ୟଦେବ ଦୁବେଙ୍କ ନିର୍ଦ୍ଦେଶନାରେ ଅନେକ ନାଟକରେ ଅଭିନୟ କରିଥିଲେ। ୨୦୧୭ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହା ପୂର୍ବରୁ ସେ ସର୍ବଶ୍ରେଷ୍ଠ ଅଭିନୟ ନିମନ୍ତେ ୧୯୭୪ରେ ଜାତୀୟ ପୁରସ୍କାର ଓ 'ଜୟଦେବ ସମ୍ମାନ' ମଧ୍ୟ ଗ୍ରହଣ କରିଛନ୍ତି।

## ବରବରା ଜଙ୍ଗଲରେ ଦନ୍ତାହାତୀ ମୃତ

■ **ବାଲୁଗାଁ, ୨।୨ (ସମିସ):** ବାଲୁଗାଁ ବନ ବିଭାଗ ରେଞ୍ଜ ଅନ୍ତର୍ଗତ ଏସିଆର ସର୍ବବୃହତ୍ ଶାଳ-ଶାଗୁଆନ ଜଙ୍ଗଲ ବରବରା ସେକ୍ସନ ଅଧୀନ ଖରିଆପଲ୍ଲୀର ବିଘ୍ନପୁଟ ଗ୍ରାମ ନିକଟ ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକ ଦନ୍ତାଟିର ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖୋର୍ଦ୍ଧା ବନଖଣ୍ଡ ଡିଏଫ୍‌ଓ ପୂର୍ଣ୍ଣିମା ପଣ୍ଡିଆନ ଏବଂ ବାଲୁଗାଁ ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶିକାରୀଙ୍କ ଆକ୍ରମଣ କିମ୍ବା ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ହୋଇନଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବିଭାଗୀୟ କର୍ମଚାରୀ ଓ ଫୋର୍ସ ଘଟଣାସ୍ଥଳରେ ମୃତ ହାତୀକୁ ଜଗି ରହିଛନ୍ତି। ମେଟାଲ ଡିଟେକ୍ଟର ଟିମ୍ ଆସି ଅଧିକ ତଦନ୍ତ କରାଗଲା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ଡିଏଫଓ ପାଣ୍ଡିଆନ ସୂଚନା ଦେଇଛନ୍ତି। ହାତୀର ଦାନ୍ତ ସଂଗ୍ରହ କରାଯିବା ପରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ହାତୀଟିକୁ ପୋତି ଦିଆଯିବ ବୋଲି ବାଲୁଗାଁ ରେଞ୍ଜ ଅଧିକାରୀ ଶ୍ରୀ ମହାନ୍ତି କହିଛନ୍ତି। ମୃତ ହାତୀର ଆନୁମାନିକ ବୟସ ୩୦ରୁ ୩୫ବର୍ଷ ହୋଇଥିବା ଅନୁମାନ କରାଯାଉଛି।



## 'ସିଭି ରମଣ ପୁରସ୍କାର' ପାଇବେ ୪ ଓଡ଼ିଆ

■ **ଭୁବନେଶ୍ୱର, ୨।୨ (ସମିସ):** ସିଭି ରମଣ ପୁରସ୍କାର ପାଇବାକୁ ଚଳିତ ବର୍ଷ ୪ଜଣ ଓଡ଼ିଆ ମନୋନୀତ ହୋଇଛନ୍ତି। ଏସି ହୋମେଓପାଥିକ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର୍ ଲକ୍ଷ୍ମୀକାନ୍ତ ନନ୍ଦ 'ବିଜ୍ଞାନ ରତ୍ନ' ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଭେଷଜ ବିଜ୍ଞାନ ବିଭାଗର ପ୍ରଫେସର୍ ବିଦ୍ୟୁତ ଦାସ 'ସିଭି ରମଣ ସ୍ମାରକୀ ସ୍ୱର୍ଣ୍ଣ ପଦକ', ୱାରାଙ୍ଗଲସ୍ଥିତ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ସହକାରୀ ପ୍ରଫେସର ଡକ୍ଟର ଯୀଉ ଦାସ 'ସିଭି ରମଣ ଯୁବ ବୈଜ୍ଞାନିକ ସମ୍ମାନ' ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ବିଭାଗର ଛାତ୍ର ରିତେଶ ନାୟକ 'ସିଭି ରମଣ ଛାତ୍ର ପ୍ରତିଭା ସମ୍ମାନ' ପାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ସମ୍ପର୍କରେ ସିଭି ରମଣ ସମ୍ମାନ ଚୟନ ପରିଷଦ ପକ୍ଷରୁ ଘୋଷଣା କରାଯାଇଛି। ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଜୟକୃଷ୍ଣ ପାଣିଗ୍ରାହୀ ଅନୁମୋଦନ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ପରିଷଦର ମହାସଚିବ ଡକ୍ଟର୍ ବିଶ୍ୱଜିତ ପ୍ରଧାନ ପ୍ରକାଶ କରିଛନ୍ତି।



**■ ଘଣ୍ଟାଏରେ ସର୍ବାଧିକ ହାତଲେଖା ଫେସବୁକ୍‌ରେ ଅପଲୋଡ୍**

# ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟିକଲେ ଛାତ୍ରଛାତ୍ରୀ



■ **ଭୁବନେଶ୍ୱର, ୨।୨ (ସମିସ):** ଘଣ୍ଟାକ ମଧ୍ୟରେ ଫେସବୁକ୍‌ରେ ସର୍ବାଧିକ ହାତଲେଖା ଚିଠା ଅପଲୋଡ୍ କରି ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ୍ ରେକର୍ଡ ସୃଷ୍ଟି କରିଛନ୍ତି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ସାହିତ୍ୟ ସୃଜନୀ କ୍ଲବ୍‌ରେ ରଚନା କରିଥିବା 'ମୋ କଥା ମୋ କାହାଣୀ' ପୁସ୍ତକର ତଥ୍ୟକୁ ଅପଲୋଡ୍ କରିଛନ୍ତି। ଶୁକ୍ରବାର ଦିନ ୧୨ଟାରୁ ୧ଟା ମଧ୍ୟରେ ଫେସ୍‌ବୁକ୍‌ରେ ଅପଲୋଡ୍ କରି ସର୍ବକାଳୀନ ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ୫୪୦୮ଟି ପୁସ୍ତକର ହସ୍ତଲିଖିତ ତଥ୍ୟ ୨୦୨୧ ମସିହା ନଭେମ୍ବର ୧ ତାରିଖରେ ଅନଲାଇନରେ ଅପଲୋଡ କରି ନମାମୀ ଗଙ୍ଗେ ଏହି ରେକର୍ଡର ଅଧିକାରୀ ହୋଇଥିଲା। ଶୁକ୍ରବାର ଏହାର ପ୍ରାୟ ୪ ଗୁଣାରୁ ଅଧିକ ହାତଲେଖା ଅପଲୋଡ୍ ହୋଇଛି।

ଛାତ୍ରଛାତ୍ରୀଙ୍କ ଭାଷା ସାହିତ୍ୟ ଓ ସୃଜନଶୀଳତାର ବିକାଶ ପାଇଁ ସାହିତ୍ୟ ସୃଜନୀ ଶିକ୍ଷାର୍ଥୀ କ୍ଲବ୍ ମାଧ୍ୟମରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୃଜନାତ୍ମକ ଗଳ୍ପ ଏବଂ କବିତା ଆଦି ରଚନା କରିଛନ୍ତି। ମାତ୍ର ଏକ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଜି ସର୍ବାଧିକ ପୁସ୍ତକର ତଥ୍ୟକୁ ହାତରେ ଲେଖି ଫେସ୍‌ବୁକ୍‌ରେ ଅପଲୋଡ୍ କରିଛନ୍ତି। ପୂର୍ବ ରେକର୍ଡର ୪ଗୁଣା ଅଧିକ ହାତଲେଖା ଅପଲୋଡ୍ କରିଛନ୍ତି। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏକ ସମୟରେ ଅପଲୋଡ୍ କରୁଥିବାରୁ କିଛି ସମୟ ପାଇଁ ଫେସବୁକ୍‌ରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଏଥିଯୋଗୁଁ ଅପଲୋଡ୍ ହୋଇଥିବା ସମୁଦାୟ ହାତଲେଖା ଚିଠା ସଂଖ୍ୟା ଜଣାପଡ଼ିନାହିଁ। ମାତ୍ର ସର୍ବନିମ୍ନ ସଂଖ୍ୟାକୁ ବିବେଚନା କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ୍ ରେକର୍ଡର ଅଧିକାରୀ ଏହି ରେକର୍ଡ ଘୋଷଣା କରିଛନ୍ତି। ମୋ ସ୍କୁଲ ଉଦ୍ୟମରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି ରେକର୍ଡ ସୃଷ୍ଟି କରାଯାଇଥିବା ଜଣାଯାଇଛି।

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ଛାତ୍ରଛାତ୍ରୀ ଲେଖିଛନ୍ତି 'ମୋ କଥା ମୋ କାହାଣୀ' ପୁସ୍ତକ**

**ନବୋଦୟ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା**

## ୧୦ଲକ୍ଷ କ୍ଷତିପୂରଣ ପ୍ରଦାନ ଆଦେଶ କାଏମ

**କଟକ, ୨।୨(ସମିସ):** କ୍ରିକେଟ ବ୍ୟାଟ ବାଜି କୋଣାର୍କ ନବୋଦୟ ବିଦ୍ୟାଳୟ ଛାତ୍ର ଜୟରାମ ଜେନା ନାମକ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟକୁ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ କାଏମ ରଖିଛନ୍ତି। ସମ୍ପୃକ୍ତ ମୃତ ଛାତ୍ରଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଗତ ୨୦୨୨ଅକ୍ଟୋବର ୧୮ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ରୁଜୁ ରିଟ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏସ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟରେ କୌଣସି ତ୍ରୁଟି ନାହିଁ ଏଣୁ ଏହି ରାୟକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର, ନବୋଦୟ ବିଦ୍ୟାଳୟ ସମିତି ଓ ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ**

**ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡିର କଟୁ ସମାଲୋଚନା**

# ଗୋପାଳପୁର ବିଧାୟକ ପାଗଳ ହୋଇଗଲେଣି : ବିକ୍ରମ

**ଭୁବନେଶ୍ୱର / ବ୍ରହ୍ମପୁର, ୨।୨ (ସମିସ):** ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଚାକିରୀ ନାଁରେ ଲୁଟିଥିବା ପ୍ରଦୀପ ପାଣିଗ୍ରାହୀ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବା ଆଶଙ୍କାରେ ମାନସିକ ଭାରସାମ୍ୟ ହରାଇ ସାରିଲେଣି। ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲାରେ କୋର୍ଟ ଚାର୍ଜଫ୍ରେମ କରିବା ପରେ ତାଙ୍କର ପ୍ରବଳ ମୁଣ୍ଡ ଦୋଷ ବାହାରିଛି। କେତେବେଳେ କ'ଣ କହୁଛନ୍ତି, ସେ ନିଜେ ଜାଣି ପାରୁ ନାହାନ୍ତି କି ବୁଝିପାରୁ ନାହାନ୍ତି। ନିଜକୁ ରକ୍ଷା କରିବାକୁ ଯାଇ ମନଗଢ଼ା କାହାଣୀ କହୁଛନ୍ତି। ତାଙ୍କ କଥାକୁ ଗୋପାଳପୁରବାସୀ, ସାଧାରଣ ଜନତା କେହି ବି ଗୁରୁତ୍ୱ ଦେଉନାହାନ୍ତି ବୋଲି କହିଛନ୍ତି ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା। ଏହା ସହ ପ୍ରଦୀପ ପାଣିଗ୍ରାହୀଙ୍କୁ ବିକ୍ରମ ଠକ, ମିଥ୍ୟାବାଦୀ ଓ ପ୍ରବଞ୍ଚକ ଭାବରେ ଅଭିହିତ କରି କଟୁ ସମାଲୋଚନା କରିଛନ୍ତି।

ବିକ୍ରମ କହିଛନ୍ତି ଯେ ପ୍ରଦୀପ ପାଣିଗ୍ରାହୀ ଭଲ ଭାବେ ଜାଣିଛନ୍ତି ତାଙ୍କ ବିରୋଧରେ ପ୍ରାଥମିକ ତଥ୍ୟ ପ୍ରମାଣ ଅଛି ଓ ଏହି ମାମଲାରେ ତାଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ହେବ। ତେଣୁ ଲଜ୍ଜାହୀନଙ୍କ ଭଳି ଇଆଡୁ ସିଆଡୁ ଗପୁଛନ୍ତି। ପ୍ରଦୀପ ପାଣିଗ୍ରାହୀ ଜଣେ ନିର୍ବାଚିତ ଲୋକ ପ୍ରତିନିଧି ହୋଇ ମଧ୍ୟ ଚାକିରି ଦେବା ନାଁରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଛନ୍ତି। ଏଥିପାଇଁ ତାଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଥିଲା। ଏବେ ନିଜ ଭବିଷ୍ୟତ କଥା ଚିନ୍ତା କରି କରି ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ସେଥିପାଇଁ ସେ ସାମ୍ବାଦିକ ସମ୍ମିଳନୀ କରି ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ପାଗଳାମୀ କରୁଛନ୍ତି। ସେ ଯାହା କହୁଛନ୍ତି ନିଜେ ଜାଣି ପାରୁନାହାନ୍ତି। ସାଧାରଣ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ, ଠକ, ଦଗାଦିଆ ପ୍ରଜାତିର ଏହି ବ୍ୟକ୍ତିଙ୍କୁ କୋଳେଇ ନେବାକୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିଷ୍ପତି ନେଇସାରିଲାଣି ବୋଲି ସେ ଚାରିଆଡେ କହିବୁଲୁଛନ୍ତି। ଯଦି ଏଥିରେ ସତ୍ୟତା ଥାଏ ତେବେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ସେହି ଦଳଟି ଏଭଳି ଜନବିରୋଧୀ ନେତାଙ୍କୁ ସବୁବେଳେ ଆପଣାଇ ଚାଲନ୍ତି ଏବଂ ଓଡ଼ିଶାବାସୀ ଏମାନଙ୍କୁ ପ୍ରତ୍ୟାଖ୍ୟାନ କରିଚାଲନ୍ତି ବୋଲି ବିକ୍ରମ କହିଛନ୍ତି।

ଅପରପକ୍ଷେ ଗଞ୍ଜାମ ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଛନ୍ତି, କୁକର୍ମ ପାଇଁ ଗୋପାଳପୁରବାସୀ ତାଙ୍କୁ କେବେ କ୍ଷମା ଦେବେ ନାହିଁ। ସେ ଜଣେ ମିଥ୍ୟାବାଦୀ, ଠକ ଓ ପ୍ରବଞ୍ଚକ ପ୍ରକୃତିର ଲୋକ। ଲୋକଙ୍କ ପଇସା ଲୁଟି ଥିବା ଏହି ବିଧାୟକ ନିଜ ଭବିଷ୍ୟତ କଥା ଚିନ୍ତା କରି ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଲୋକେ ତାଙ୍କୁ ଜନବିରୋଧୀ ନେତା କହୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି, ସେ ଜେଲ ମଧ୍ୟ ଯାଇଥିଲେ। ଦିନଥିଲା ସେ ନବୀନ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ କହୁଥିଲେ। ଜନବିରୋଧୀ କାମ କରିବା ପରେ ତାଙ୍କୁ ଦଳ ବିଦା କରିଥିଲା। ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ଲାଗି ସେ ଏପରି ନାଟକବାଜୀ ଚଳାଇଛନ୍ତି ବୋଲି ମତପ୍ରକାଶ ପାଇଛି।

**ଗୋପାଳପୁରବାସୀ ତାଙ୍କୁ କ୍ଷମା ଦେବେନାହିଁ: ରମେଶ**

**ଅଦାଲତରେ ଦୋଷୀ ସାବ୍ୟସ୍ତ ଆଶଙ୍କାରେ ମତିଭ୍ରମ**

**କ'ଣ କହୁଛନ୍ତି ନିଜେ ବୁଝିବା ଅବସ୍ଥାରେ ନାହାନ୍ତି**

**ପ୍ରତାରକଙ୍କ କଥାକୁ କେହି ଗ୍ରହଣ କରିବେ ନାହିଁ**



'ଛାବା'ର ସୁଟିଂ ସାରିଲେ ରଶ୍ମିକା
▶ପୃଷ୍ଠା ୧୫ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-219 ♦BHUBANESWAR ♦SATURDAY ♦3 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୯ ♦ଭୁବନେଶ୍ୱର ♦ଶନିବାର ♦୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


### ଆଜିଠୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ମହାକୁମ୍ଭ

# ଅକ୍ଷର ଭୂମିରୁ ଅଭିଯାନ ଆରମ୍ଭ

■ **ଭୁବନେଶ୍ୱର, ୨।୨ (ସମିସ):** ଇତିହାସରେ ଓଡ଼ିଆ ଭାଷାର ବହୁ ଐତିହ୍ୟ ଓ ଗୌରବମୟ ଅଧ୍ୟାୟ ରହିଛି। ଓଡ଼ିଆ ଭାଷାର ସତ୍ତା ବଜାୟ ରଖିବା ପାଇଁ ମହାପୁରୁଷମାନେ ଅତୀତରେ କେତେ ଯେ ପରିଶ୍ରମ କରିଛନ୍ତି, ବଳିଦାନ ଦେଇଛନ୍ତି; ତାହା ଅବର୍ଣ୍ଣନୀୟ। କିନ୍ତୁ ବର୍ତ୍ତମାନର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଯୁଗରେ ଓଡ଼ିଆ ଭାଷା ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେଉଛି। ଏହି ଆହ୍ୱାନର ମୁକାବିଲା କରି ଓଡ଼ିଆକୁ ଅଧିକ ଉନ୍ନତ ଓ ଲୋକପ୍ରିୟ କରାଇବାକୁ ଆସନ୍ତାକାଲି (ଶନିବାର)ଠାରୁ ଆରମ୍ଭ ହେଉଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଏନେଇ ଭବ୍ୟ ଆୟୋଜନ କରାଯାଇଛି। ୩ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତାକାଲି ଦିନ ୧୧ଟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ପ୍ରଥମଥର ପାଇଁ କୌଣସି ଆଞ୍ଚଳିକ ଭାଷା ପାଇଁ ଏଭଳି ଉତ୍ସବ ଆୟୋଜନ ହେଉଥିବାରୁ ଓଡ଼ିଶା ସମେତ ଦେଶ ଓ ଦେଶ ବାହାରେ ଥିବା ଓଡ଼ିଆଙ୍କମହଲରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ସମ୍ମିଳନୀରେ କେବଳ ଓଡ଼ିଆ ଭାଷା ପ୍ରସଙ୍ଗରେ ବିଚାରବିମର୍ଶ କରାଯିବ ନାହିଁ, ବରଂ ବୃହତ୍ତର ବିଶ୍ୱ ଆଡ଼କୁ ଓଡ଼ିଆ ଭାଷା କିପରି ଅଗ୍ରସର, ତାହା ନିର୍ଦ୍ଧାରଣ କରାଯିବ। ▶ପୃଷ୍ଠା-୯

**ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ହେବ ମାନସମନ୍ଥନ**

**ଉତ୍ସବମୁଖର ସାରା ଓଡ଼ିଶା; ସମ୍ମିଳନୀ ଅଭିମୁଖେ ବିଶ୍ୱର ପ୍ରତିଷ୍ଠିତ ଭାଷାବିତ୍**

**ଆଜି ପୂର୍ବାହ୍ନ ୧୧.୩୦ରେ ସବୁ ଓଡ଼ିଆ ଗାଇବେ 'ବନ୍ଦେ ଉତ୍କଳ ଜନନୀ'**

## ଭାଷା ସମ୍ମିଳନୀ ସ୍ମୃତିକୁ ଚିର ସ୍ମରଣୀୟ କରିବ 'ଅକ୍ଷର ଭୂମି': ମୁଖ୍ୟମନ୍ତ୍ରୀ






■ **ଭୁବନେଶ୍ୱର, ୨।୨ (ସମିସ):** ଶନିବାରଠାରୁ ୩ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେବ। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ପାଇଁ ଭୁବନେଶ୍ୱର କଳାମଣ୍ଡଳ ପରିସରରେ ନିର୍ମିତ ହୋଇଥିବା 'ଅକ୍ଷରଭୂମି'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମୁଖ୍ୟମନ୍ତ୍ରୀ ଅକ୍ଷର ଭୂମିର ଲୋକାର୍ପଣ କରିଛନ୍ତି। ପ୍ରଥମ ବଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ ଖାଣ୍ଡେଲାଇଟ ପଥରରେ କଳିଙ୍ଗ ଶୈଳୀରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ସ୍ୱରୂପ ନିର୍ମିତ ହୋଇଛି ଅକ୍ଷର ଭୂମି। ଓଡ଼ିଆ ବର୍ଣ୍ଣମାଳାରେ ସୁଶୋଭିତ ଅକ୍ଷର ଭୂମି, ଓଡ଼ିଆ ଭାଷା ପ୍ରୀତିକୁ ଉଜ୍ଜୀବିତ କରି ରଖିବା ସହ ଆମ ଭାଷା ସଂସ୍କୃତି କଳା ଓ ସ୍ଥାପତ୍ୟର ଜୟଗାନ କରି ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମର ମହାନ୍ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷର ଭୂମି ଭବିଷ୍ୟତ ପୀଢ଼ିକୁ ପ୍ରେରଣା ଦେଇଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ସୂଚନା ଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନିୟମିତ କଳାମଣ୍ଡଳ ଯାଇ ଅକ୍ଷର ଭୂମି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଇଡ୍‌କୋ ଜରିଆରେ ସମ୍ପାଦିତ ହୋଇଛି। ଲୋକାର୍ପଣ ଉତ୍ସବରେ ସଂସ୍କୃତି ▶ପୃଷ୍ଠା-୯

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ



**ଆଇଆଇଏମ୍ ସହ ଏକାଧିକ ପ୍ରକଳ୍ପର ହେବ ଲୋକାର୍ପଣ**

**ଯୋଗଦେବେ ମୁଖ୍ୟମନ୍ତ୍ରୀ**

■ **ସମ୍ବଲପୁର/ଭୁବନେଶ୍ୱର, ୨।୨ (ସମିସ):** ସମ୍ବଲପୁର ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଶନିବାର ପୂର୍ବାହ୍ନରେ ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର୍ ଯୋଗେ ସମ୍ବଲପୁର ଅଭିମୁଖେ ଯାତ୍ରା କରିବେ। ଅପରାହ୍ଣ ୧.୪୦ରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଆଇଆଇଏମ୍ ଉଦ୍‌ଘାଟନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଇଆଇଏମ୍ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ହସ୍ତଗତ ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୨ଟା ୧୫ ମିନିଟରେ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ବସନ୍ତପୁର ଆଇଆଇଏମ୍ କ୍ୟାମ୍ପସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରେ ନୂତନ କ୍ୟାମ୍ପସ୍‌ର ଲୋକାର୍ପଣ କରିବେ। ଆଉ ସେହି ମଞ୍ଚରୁ ହିଁ ପଶ୍ଚିମ ଓଡିଶାର ଶିକ୍ଷା, ସଡ଼କ ପରିବହନ, କୋଇଲା, ରେଳବାଇ ଓ ଖଣି ଆଦି ବିଭାଗର ପ୍ରାୟ ୬୦ ହଜାର କୋଟିର ୨୩ଟି ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତାବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ, କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର୍. କେ. ସିଂହ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସମେତ ସ୍ଥାନୀୟ ସାଂସଦ ଓ ବିଧାୟକ ସାମିଲ ରହିବାର ସ୍ଥିର ହୋଇଛି। ଏହି ଅବସରରେ ଓଡ଼ିଶାରେ ୬୮ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜଗଦିଶପୁର- ▶ପୃଷ୍ଠା-୯







## ସର୍ବଭାରତୀୟ ପୋଷ୍ଟାଲ ପାୱାର ସ୍ପୋର୍ଟସ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ସ୍ୱର୍ଣ୍ଣ ପଦକ ହାସଲ କଲେ ଶ୍ରୀକାନ୍ତ

**ବ୍ରହ୍ମପୁର,୨।୨(ସମିସ)**

ମହାରାଷ୍ଟ୍ରର ପୁନେଠାରେ ଶ୍ରୀ ସ୍ୱର୍ଷ କମ୍ପ୍ଲେକ୍ସ ବିଲବାଡ଼ି ଷ୍ଟାଡ଼ିୟମ ପରିସରରେ ୩୭ତମ ପୋଷ୍ଟାଲ ପାୱାର ସ୍ପୋର୍ଟସ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବ୍ରହ୍ମପୁରର ଭାଡ଼ି ଶ୍ରୀକାନ୍ତ ଓଡିଶା ପାଇଁ ପତିନିଧତ୍ୱ କରିବା ସହ ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ଓ ଗଞ୍ଜାମ ପାଇଁ ଗୌରବ ଆଣିଛନ୍ତି। ବହୁତ କମ୍ ଯୁବପିଢ଼ି ଫେସନରୁ ପ୍ରଫେସନ ଆଉ ସେହି ପ୍ରଫେସନରୁ ସଫଳତା ପାହାଚ ଚଢ଼ିବାର ଲାଗିଛନ୍ତି। ଠିକ୍ ଯେପରି ବ୍ରହ୍ମପୁର ସହରର ପ୍ରେମ ନଗର ସପ୍ତମ ଲାଇନର ଭାଡ଼ି ଶ୍ରୀକାନ୍ତ। ସେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପ୍ରତିଯୋଗିତା କରି ରାଜ୍ୟ ସ୍ତରରେ ବାରମ୍ବାର ଗଞ୍ଜାମ-ବ୍ରହ୍ମପୁର ନାମକୁ ମଧ୍ୟ ଚମକାଉଛନ୍ତି । ତେବେ ଜାନୁଆରୀ ୩୦ରୁ ଫେବୃଆରୀ ୨ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ପୋଷ୍ଟାଲ ପାୱାର ସ୍ପୋର୍ଟସ୍ ପକ୍ଷରୁ ମହାରାଷ୍ଟ୍ରର ପୁନେଠାରେ ଆୟୋଜିତ ୩୭ତମ ରାଜ୍ୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବ୍ରହ୍ମପୁରର ଭାଡ଼ି ଶ୍ରୀକାନ୍ତ ଅଂଶଗ୍ରହଣ କରି ନିଜ ବର୍ଗରେ (୬୫କେଜି) ଶ୍ରେଷ୍ଠ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୬ଟି ରାଜ୍ୟର ବହୁ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସାମଗ୍ରିକ ପ୍ରଦର୍ଶନରେ ଶ୍ରୀକାନ୍ତ ପ୍ରଥମ ସ୍ଥାନ ହାସଲ କରି ବିଜେତା ହୋଇଛନ୍ତି। ସେ ବର୍ତ୍ତମାନ ଏହି ସ୍ୱର୍ଣ୍ଣ ପଦକକୁ ମିଶାଇ ମୋଟ ୯ଟି ଏବଂ ଏକାଧିକ ରୌପ୍ୟ ପଦକ ଆସଲ କରିଛନ୍ତି। ଆଗକୁ ଆହୁରି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି ଶ୍ରୀକାନ୍ତ। ଏହି ସଫଳତା ପାଇଁ ଶ୍ରୀକାନ୍ତଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# ସ୍ତ୍ରୀର ଚିକିତ୍ସା ପାଇଁ ଡାକ୍ତରଖାନା ଆସିଥିବା ସ୍ୱାମୀର ମୃତ୍ୟୁ

**ଫୁଲବାଣୀ,୨।୨(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିବାହିତ ଯୁବକ ନିଜ ସ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଉଥିବା ବେଳେ ଶୁକ୍ରବାର ସକାଳେ ହଠାତ ତାଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଫିରିଙ୍ଗିଆ ଥାନା ପାଙ୍ଗା ଉପରସାହି ପଞ୍ଚାୟତ ଦାମି ଗାଁର ସୁଭାଷ ଦିଗାଲ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ କିଛି ଦିନ ଆଗରୁ ସୁଭାଷ ତାଙ୍କ ସ୍ତ୍ରୀଙ୍କୁ ପ୍ରସବ ପାଇଁ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ତ୍ରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଗତ ୩୦ ତାରିଖ ଦିନ ବାଲିଗୁଡା ଡାକ୍ତରଖାନାରେ ସ୍ତ୍ରୀଙ୍କ ଦେହ ଗୁରୁତର ହେବାରୁ ତାଙ୍କୁ ବାଲିଗୁଡ଼ାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ରାତିରେ ସୁଭାଷ ନିଜର ନବଜାତ ପୁତ୍ରକୁ ଧରି ତାଙ୍କ ସ୍ତ୍ରୀଙ୍କ ଶଯ୍ୟା ପାଖରେ ଶୋଇଥିଲେ। ଶୁକ୍ରବାର ସକାଳୁ ତାଙ୍କ ଶାଳକ ଉଠେଇବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁହୋଇ ଯାଇଥିବା ଜଣାପଡ଼ିଥିଲା। ପରେ ମୃତକଙ୍କ ସମ୍ପର୍କୀୟ ଭାଇ କୈଳାସ ଦିଗାଲ ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଫୁଲବାଣୀ ଟାଉନ ଥାନା ପୁଲିସ ପହଞ୍ଚି ଶବ ଜବତ କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଏଏସ୍‌ଆଇ ବାଳକୃଷ୍ଣ ସ୍ୱାଇଁ ସୂଚନା ଦେଇଛନ୍ତି।

# ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବ୍ରହ୍ମପୁର,୨।୨(ସମିସ):** ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଲପୁର ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ଶରତ ଚନ୍ଦ୍ର ଡାକୁଆଙ୍କ ପତ୍ନୀ ବନିତା ଡାକୁଆ (୪୩)। ମରଶରୀର ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ମୃତ ମହିଳାଙ୍କ ମାନସିକ ସ୍ଥିତି ଠି ନଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏନେଇ ନିମଖଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଘଟଣା ସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ପୁଲିସ ଏହା ଯୋଜନାବଦ୍ଧ ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ସୂଚନା ପ୍ରକାରେ, ମୃତ ମହିଳା ବନିତାଙ୍କ ସ୍ୱାମୀ ଶରତ ଚନ୍ଦ୍ରଗିରିରେ ରହୁଥିବା ବେଳେ ବନିତା ଓ ତାଙ୍କର ୨ ପୁଅ ଗାଁରେ ରହୁଥିଲେ। ବନିତାଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ତାଙ୍କର ଚିକିତ୍ସା ଜାରି ରହିଥିଲା। କିଛି ଦିନ ତଳେ ସେ ନିଜ ବାପଘର ଜଗଦଲପୁରକୁ ଆସିଥିଲେ।

**● ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ**

ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ପରେ ସେ ନିଜ ଘରକୁ ଫେରିଯାଇଥିଲେ। ହେଲେ ଗୁରୁବାର ରାତି ୧୨ଟା ବେଳେ କୌଣସି କାରଣରୁ ପୋଡି ହୋଇ ବନିତାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପୁଅ ଅଜାଘର ଲୋକଙ୍କୁ ଜଣାଇଥିଲେ। ସେହିକ୍ରମରେ ବନିତାଙ୍କ ବାପା ଲକ୍ଷ୍ମୀଧର ପୂଜାରୀ ଘଟଣା ସମ୍ପର୍କରେ ନିମଖଣ୍ଡି ଥାନାକୁ ଲିଖିତ ଭାବେ ଜଣାଇବା ସହ ନିଜ ଝିଅର ଶବ ସତ୍କାର କରିବାକୁ ଅନୁମତି ମାଗିଥିଲେ। ଖବର ପାଇ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ, ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ଓ ନିମଖଣ୍ଡି ଥାନା ଅଧିକାରୀ ରେବତୀ ଶବର ଓ ଅନ୍ୟପୁଲିସ କର୍ମଚାରୀମାନେ ପହଞ୍ଚି ଘଟଣା ତଦନ୍ତ କରି ଫେରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସ ଅପେକ୍ଷା କରିଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରିରହିଥିବା ପୁଲିସ କହିଛି।

# 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମର ଶୁଭାରମ୍ଭ



**ପାରଳାଖେମୁଣ୍ଡି,୨।୨(ସମିସ):** ଗଜପତି ଜିଲ୍ଲାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲ୍ଲାର ମୋହନା ବିଧାନସଭା ନିର୍ବାଚନମଣ୍ଡଳୀ ଛେଳିଗଡ଼ ପଞ୍ଚାୟତ ସହ ଛେଳିଗଡ଼ ଗ୍ରାମ ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର କାଶୀନଗର ବ୍ଲକ ଖାରଡା ପଞ୍ଚାୟତ ଅନ୍ତର୍ଗତ ଧନସରା ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ବିଜେଡିର ତୃଣମୂଳସ୍ତରର କର୍ମୀ ଓ ଦଳୀୟ ନେତୃବୃନ୍ଦ ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା, ତାଙ୍କର ଆଦର୍ଶ, ଦଳର ଶୃଙ୍ଖଳିତ ଅନୁଶାସନ ସମ୍ପର୍କରେ କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଜଗବନ୍ଧୁ ଦାସଙ୍କ ନେତୃତ୍ୱରେ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁ, ଇଂ.ରୁପେଶ ପାଣିଗ୍ରାହୀ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ଜିଲ୍ଲା ବିଜେଡି ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ବରିଷ୍ଠ ନେତା ଜମିଦାର ପଟ୍ଟନାୟକ, ଅଖିଳ ପାତ୍ର ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ଯୁବ, ଛାତ୍ର ସଂଗଠନର ବହୁ ଛାତ୍ରନେତା ଏଥିରେ ସାମିଲ ହୋଇଥିଲେ। ଏନେଇ ଜିଲ୍ଲା ଯୁବ ସଭାପତି ଏସ୍.ଲିଙ୍ଗରାଜୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାବ୍ୟାପୀ ଆସନ୍ତା ମାର୍ଚ୍ଚ ପାଞ୍ଚ ତାରିଖ ପର୍ଯ୍ୟନ୍ତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନବୀନ ସରକାରଙ୍କ ବିକାଶର ବାର୍ତ୍ତା ଘରେ ଘରେ ଯେମିତି ପହଞ୍ଚିବ ସେନେଇ ନେତା ଓ କର୍ମୀ ବେଶ ଉତ୍ସାହର ସହ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି।

# ପ୍ରେସ୍‌କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ

**ସାନଖେମୁଣ୍ଡି,୨।୨(ସମିସ):** ସାନଖେମୁଣ୍ଡି ପ୍ରେସ୍ କ୍ଲବ୍ ତରଫରୁ ଏକ ବୈଠକ ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ପ୍ରେସ୍ କ୍ଲବ୍ ଆଗାମୀ ଦିନରେ କିପରି ମଜଭୁତ ହେବାସହ ସାଧାରଣ ଲୋକଙ୍କ ସେବାରେ କିପରି କାର୍ଯ୍ୟକାରୀ ହେବ ତାହା ଆଲୋଚନା କରାଯାଇଥିଲା। ସଭାପତି ଭାବେ କାଳୁଚରଣ ନାହାକଙ୍କୁ ନିର୍ବାଚିତ କରାଯିବା ସହ ସମ୍ପାଦକ ଭାବେ ସତ୍ୟନାରାୟଣ ପାଢ଼ୀ ଓ କୋଷାଧ୍ୟକ୍ଷ ଭାବେ ବିଜୟ ପ୍ରଧାନଙ୍କୁ ନିର୍ବାଚିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ସାନଖେମୁଣ୍ଡି ପ୍ରେସ୍ କ୍ଲବର ଉପଦେଷ୍ଟା ପ୍ରଶାନ୍ତି ତ୍ରିପାଠୀ ଯୋଗଦେବା ସହ ସାନଖେମୁଣ୍ଡି ପ୍ରେସ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।



# ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



**ଭଞ୍ଜନଗର,୨।୨(ସମିସ):** ସ୍ଥାନୀୟ ଉପେନ୍ଦ୍ରଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ତରଫରୁ ଏକ ସ୍ୱତନ୍ତ୍ର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଷୟ ଭିତ୍ତିକ ପାଠ୍ୟଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାର ପ୍ରାପ୍ତ ଦୁଇ ବରିଷ୍ଠ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଓ ହୃଷିକେଶ ନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ପରେ ଗଞ୍ଜାମ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ ତରଫରୁ କେମ୍ପୋରୀ କାର୍ଯ୍ୟକ୍ରମ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ୬ତାରିଖ ଠାରୁ ୪ଦିନ ଧରି ଅନୁଷ୍ଠିତ ହେଉଥିବା ଯୋଗୁଁ ଏହାକୁ ଶୃଙ୍ଖଳିତ ଓ ସୁନ୍ଦର ପରିଚାଳନା ପାଇଁ ଆଲୋଚନା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସହଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟ ନାୟକ, ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉମାକାନ୍ତ ନାହାକ ଓ ସିଆରସିସି ମୋହନ ସାହୁ ମଞ୍ଚାସୀନ ଥିଲେ। ସହ-ଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟ ନାୟକ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସନ୍ତୋଷ ଜେନା ଏହାର ରୂପରେଖ ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉପ-ଜିଲ୍ଲାପାଳଙ୍କୁ ଭାରତୀୟ ଆଇନଜୀବୀ ସଂଘର ଦାବିପତ୍ର

**ବ୍ରହ୍ମପୁର,୨।୨(ସମିସ):** ଭାରତୀୟ ଆଇନଜୀବୀ ସଂଘର ଓଡିଶା ଶାଖାର ପକ୍ଷରୁ ଶୁକ୍ରବାର ୭ଦଫା ଦାବି ନେଇ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେମାନଙ୍କ ଦାବି ଗୁଡ଼ିକ ହେଲା ରାଜ୍ୟରେ ଆଡଭୋକେଟ ପ୍ରଟେକସନ ଆଇନ ପ୍ରଣୟନ, ଆଇନଜୀବୀମାନଙ୍କ ମୃତ୍ୟୁକାଳୀନ ସହଯୋଗ ୪ଲକ୍ଷ ୫୦ହଜାର ଟଙ୍କାରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ରାଜ୍ୟରେ ସମସ୍ତ ଆଇନଜୀବୀ ପାଇଁ ସର୍ବନିମ୍ନ ୧୫ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ କରିବା, ନୂତନ ଭାବେ ଆଇନଜୀବୀ ବୃତ୍ତିରେ ଯୋଗ ଦେଇଥିବା ଆଇନଜୀବୀମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କା ବୃତ୍ତି ଯୋଗାଇଦେବା, ବାର କାଉନସିଲର ବର୍ତ୍ତମାନର ପ୍ରଚଳିତ ଅନରୋଲମେଣ୍ଟ ଫି ହ୍ରାସ ୨୦ହଜାର ଟଙ୍କା ମଧ୍ୟରେ ସୀମିତ ରଖିବା, ଆଇନଜୀବୀ ପେନସନ ଯୋଜନାରେ ବୟସ ସୀମା ୬୫ରୁ ୬୦ବର୍ଷକୁ ହ୍ରାସ କରିବା ଓ ମାସିକ ପେନସନ ୫ହଜାର ଟଙ୍କାକୁ ବୃଦ୍ଧି କରିବା ପରି ବିଭିନ୍ନ ଦାବି ନେଇ ବ୍ରହ୍ମପୁର ଉପ-ଜିଲ୍ଲାପାଳ ଧିନା ଦସ୍ତାଗରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ବେଳେ ଜିଲ୍ଲା ନେତା ଟୁଟୁ ପାତ୍ର, ରାମକୁମାର ପାତ୍ର, ସୁଧାଂଶୁ ଶେଖର ପଣ୍ଡା, ପୀତବାସ ପଣ୍ଡା, କାମଦେବ ନାହାକ, ରତୁରାଜ ପ୍ରାର୍ଥସାରଥୀ, ବିନୋଦ ଚନ୍ଦ୍ର ମହାଙ୍କୁଡ଼, କୃଷ୍ଣ ଚନ୍ଦ୍ର ସାହୁ, ମନରଞ୍ଜନ ଦଳାଇ, ଅସିତ ସାହୁ, ମନୋଜ କୁମାର ନାୟକ, ପ୍ରକାଶ ସେଠୀଙ୍କ ସମେତ ବିଭିନ୍ନ ଜିଲ୍ଲାର ବହୁ ଆଇନଜୀବୀମାନେ ଉପସ୍ଥିତ ଥିଲେ।




# 'ସାଧୁ ସଙ୍ଗେ ହରି କଥା' କାର୍ଯ୍ୟକ୍ରମ

**ଭଞ୍ଜନଗର,୨।୨(ସମିସ):** ଭଞ୍ଜନଗର ସ୍ଥିତ ଜେଲ ପଡିଆରେ ଇସ୍କନ ଭଞ୍ଜନଗର ଶାଖା ବାଉଁଶଲୁଣ୍ଡି, ଲକ୍ଷ୍ମୀ ବିହାର ଆନୁକୂଲ୍ୟରେରେ ସାଧୁ ସଙ୍ଗେ ହରି କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଇସ୍କନ ବରିଷ୍ଠ ସନ୍ୟାସୀ ତଥା ବୃନ୍ଦାବନ ନିବାସୀ ପରମ ପୂଜ୍ୟ ଶ୍ରୀମଦ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ଶ୍ରୀମୁଖରୁ ଭଗବାନଙ୍କ କଥା ଶୁଣି ଅଞ୍ଚଳବାସୀ ନିଜକୁ କୃତାର୍ଥ ମନେ କରିଥିଲେ। ହରିନାମର ଆବଶ୍ୟକତା ଓ ପ୍ରଭାବ ଉପରେ ବରିଷ୍ଠ ସନ୍ୟାସୀ ପରମପୁଜ୍ୟ ଭକ୍ତି ପ୍ରାଣ ଗୋପୀନାଥ ସ୍ୱାମୀ ଶାସ୍ତ୍ରୀୟ ବିଚାର ଭକ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଇସ୍କନ ଭଞ୍ଜନଗର କେନ୍ଦ୍ର ପରିଚାଳକ ବିଶ୍ୱମ୍ବର ଦାସଙ୍କ ତତ୍ତ୍ୱାବଧାନରେ ତୋଷଣ ମାଧବ ଦାସ, କୁଳଶେଖର ଦାସ, ସଞ୍ଜୟ କୃଷ୍ଣ ଦାସ, ମୁରଲୀ ମନୋହର ଦାସ, ଭକ୍ତ ଶ୍ରୀକାନ୍ତ, ଅଚ୍ୟୁତ, ଶ୍ୟାମ, ରବି, ସୁନୀଲ ବ୍ରହ୍ମା, ସୋମ ପ୍ରମୁଖ ସହଯୋଗ କରିଥିଲେ। ସେବାୟତ ଭକ୍ତ ସ୍ୱସ୍ତି ସୁନ୍ଦର ଅଞ୍ଚଳବାସୀଙ୍କ ସହଯୋଗ ପାଇଁ ସାଧୁବାଦ ଅର୍ପଣ କରିଥିଲେ।

# ଲିଜ୍ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଧାରଣା



**ଫୁଲବାଣୀ,୨।୨(ସମିସ):** ଭୂମିହୀନ ବୋଲି ଘର ଖଣ୍ଡେ କରିବା ପାଇଁ ପ୍ରଶାସନ ଯୋଗାଇ ଦେଇଥିଲା ଜମି। କିନ୍ତୁ ଏହାକୁ ଅନ୍ୟାୟ ଭାବେ ମାଡ଼ିବସିଲେ ଜବରଦଖଲକାରୀ। ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ ହୋଇଥିଲା ଅହେତୁକ ବିଳମ୍ବ। ତେଣୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସପରିବାର ଧାରଣା ଦେଇଥିଲେ ଦାରିଙ୍ଗବାଡ଼ିର ବିଜୟ ନାୟକ।

ଅଭିଯୋଗ ଅନୁଯାୟୀ, ବିଜୟଙ୍କୁ ଘର କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ୧୬ ଆର ଜାଗା ଲିଜ୍ ସୂତ୍ରରେ ଦିଆ ଯାଇଥିଲା। କିନ୍ତୁ କିଛି ପ୍ରଭାବଶାଳୀ ଲୋକ ଏହି ଜାଗାକୁ ମାଡ଼ି ବସିଥିଲେ। ବିଜୟ ଏ ନେଇ ଅଭିଯୋଗ କରିବା ପରେ ବାଲିଗୁଡ଼ା ଉପଜିଲ୍ଲାପାଳ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଗତବର୍ଷ ଫେବୃଆରୀ ୯ ତାରିଖରେ ଦାରିଙ୍ଗବାଡ଼ି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୀର୍ଘ ଦିନ ବିତି ଯାଇଥିଲେ ବି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ବାରମ୍ବାର ଦୌଡ଼ି ଦୌଡ଼ି ଫଳ ନ ମିଳିବାରୁ ବିଜୟ ସପରିବାର କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଜୟଙ୍କ ଅଭିଯୋଗ ଶୁଣିବା ପରେ ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଉଠିଥିଲେ ପରିବାର।

# ଗଞ୍ଜାମ କଳା ପରିଷଦର ପ୍ରତିଷ୍ଠା ଦିବସ ପାଳିତ

**ବ୍ରହ୍ମପୁର,୨।୨(ସମିସ):** ଗଞ୍ଜାମ କଳା ପରିଷଦର ୬୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଷଦର ବରିଷ୍ଠ ସଦସ୍ୟ କେଦାର ଆପ୍ତା, ଦେବେନ୍ଦ୍ର ନନ୍ଦ, ରାମନାରାୟଣ ପ୍ରଧାନ, ସୂର୍ଯ୍ୟ କାନ୍ତ ପାତ୍ର, ରଜନୀକାନ୍ତ ପାଠୀ, ମନୋଜ ସାମଲ, ଗଗନ ଚାନ୍ଦ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଗୋକୁଳ ପଣ୍ଡା, ରାଜୁ ପାଢ଼ୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଗଞ୍ଜାମ କଳାପରିଷଦର ଐତିହ୍ୟ ତଥା ମଞ୍ଚ ନାଟକ, ନୃତ୍ୟ ଓ ସଂଗୀତ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ କିପରି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ତାହା ଅତିଥିମାନେ କହିଥିଲେ। ସାଧାରଣ ସମ୍ପାଦକ ଶ୍ରୀ ପଟ୍ଟନାୟକଙ୍କ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଗଞ୍ଜାମ କଳାପରିଷଦ ପ୍ରତିଷ୍ଠାରେ ସେମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପରିଷଦର ଅନ୍ୟତମ ସଦସ୍ୟ ଅଶୋକ ଜେନା ନୂତନ କବିସୂର୍ଯ୍ୟ ରଙ୍ଗମଞ୍ଚ ନିର୍ମାଣ କ୍ଷେତ୍ରରେ ବରିଷ୍ଠ ସଦସ୍ୟ, ସରକାରୀ ଅଧିକାରୀ ବ୍ୟକ୍ତି ବିଶେଷଙ୍କ ଭୂମିକା ଓ ସହଯୋଗ ଉପରେ କହିଥିଲେ। କବିସୂର୍ଯ୍ୟ ରଙ୍ଗ ମଞ୍ଚର ସମସ୍ତ ଅନୁସାଙ୍ଗିକ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶେଷ ହୋଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଯିବ ବୋଲି ଏଠାରେ କୁହାଯାଇଥିଲା। ସେହିପରି ସାଂସ୍କୃତିକ ସମ୍ପାଦକ ସୁବୋଧ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ଗୁରୁ ଏମ. ମାଧବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର କଳାକାରମାନଙ୍କୁ ନେଇ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ, ଓଡିଶୀ କଣ୍ଠ ସଂଗୀତ, ଓଡିଶୀ ନୃତ୍ୟପରିବେଷଣ ପରିବେଷଣ କରିଥିଲେ। ଜାତୀୟ ସ୍ତରରେ ବିଭିନ୍ନ ସ୍ଥାନରେ ନୃତ୍ୟ କରି ପୁରସ୍କୃତ ହୋଇ ଥିବା ଅନୁଷ୍ଠାନର ଛାତ୍ରୀ ମୟୂରୀ ପ୍ରିୟଦର୍ଶିନୀ, ଅଗମ୍ୟା ପଣ୍ଡା, ସୁଶ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ, ପ୍ରିୟଙ୍କା ମିଶ୍ର, ତେଜସ୍ୱିନୀ ସାହୁ, ସ୍ୱସ୍ତିକା ପଣ୍ଡା, ଶ୍ରୀୟା ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ଗନ୍ଧର୍ବ ଜେନା, ଗୁରୁ ବାଳଗୋପାଳ ଶତପଥୀ, ଇଂ ଅଭୟେନ୍ଦୁ ଶେଖର ପଟ୍ଟନାୟକ, ଅଶ୍ୱିନୀ ମହାପାତ୍ର, ଭବାନୀ ଚରଣ ମିଶ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ଶାନ୍ତନୁ ମିଶ୍ର, ସୁବାଷ ମହାରଣା, ସତ୍ୟ ମହାରଣା, ଅମୀୟ ତ୍ରିପାଠୀ ମିହିର ପାଣିଗ୍ରାହୀ, ତାପସ ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି
ବଡରଘୁନାଥପୁର, ଖୋର୍ଦ୍ଧା
ଆବିର୍ଭାବ: ୧୦.୧୨.୧୯୪୨
ତିରୋଧାନ: ୨୩.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଲା, ବୁଲୁ, ଟାଇନ, ଟୁନା, ରାଜା, ଟିକନ, ପୁତ୍ରବଧୂ- ଲିପି, ଟିନୁ, ମିନା, ବବି, ଇନା ଓ ପରିବାରବର୍ଗ

# ଷଷ୍ଠ ଜୟବର୍ଦ୍ଧନ ସ୍ମାରକୀ ଟେନିସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର,୨।୨(ସମିସ):** ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ସ୍ଥିତ ବେଡମିଣ୍ଟନ କୋର୍ଟ ପରିସରରେ ଷଷ୍ଠ ଜୟ ବର୍ଦ୍ଧନ ମାମୋରିୟାଲ ବନ୍ଧୁତ୍ୱପୂର୍ଣ୍ଣ ବେଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ପ୍ରମେୟ ଡିଜିଏମ ଅମ୍ବିକା ପ୍ରସାଦ ଦାସ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସମାଜସେବୀ ଉମାକାନ୍ତ ମିଶ୍ର, ସାମ୍ବାଦିକ ସୁଦୀପ ସାହୁ, ପ୍ରହଲ୍ଲାଦ ସାହୁ, ଶିବରାମ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଫଟୋ ସାମ୍ବାଦିକ ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରେଫରି ଭାବେ ଦୀପକ ତିବରିୱାଲ, ଶିବ ପ୍ରସାଦ ପାଢ଼ୀ, ସରୋଜ ଦୋରା ଯୋଗ ଦେଇଥିଲେ। ଏ ଅବସରରେ ସାମ୍ବାଦିକ, ପୁଲିସ, କର୍ପୋରେଟର ଓ ମହାନଗର ନିଗମ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମହିଳା ଯୋଡ଼ିରେ ବିଇଏମସିକୁ ହରାଇ ସାମ୍ବାଦିକ ଯୋଡ଼ି ବିଜୟୀ ହୋଇଥିଲେ। ସାମ୍ବାଦିକଙ୍କ ପକ୍ଷରୁ ମହିଳା ଯୋଡିରେ ସୋନାଲି ପ୍ରଧାନ, ବନିତା ବେହେରା ଖେଳିଥିବା ବେଳେ ବିଇଏମସି ପକ୍ଷରୁ କର୍ପୋରେଟର ସୋନାଲି ଗନ୍ତାୟତ ଓ ଗୋଷ୍ଠୀ ସଂଯୋଜିକା ଜୟଶ୍ରୀ ପାଣିଗ୍ରାହୀ ଖେଳିଥିଲେ। ସେହିପରି ପୁରୁଷ ଜୋଡ଼ିରେ ପୁଲିସ ୱାରିଅର ଓ ପୁଲିସ ଟାଇଗର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୁରୁଷ ଏକକତାରେ ସାମ୍ବାଦିକ ମନୋଜ ମହାରଣା ଓ ଟୁନା ପ୍ରଧାନଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।





# ୨ ଦିନ ଘନ କୁହୁଡ଼ି ଚେତାବନୀ

■ **ଭୁବନେଶ୍ୱର, ୨।୨ (ସମିସ):** ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେବ। କୁହୁଡ଼ିର ଘନତା ଅଧିକ ହେତୁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବ। ବିଶେଷ କରି କୁହୁଡ଼ିର ପ୍ରକୋପ ଉପକୂଳ ଓଡ଼ିଶାରେ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଆସନ୍ତା ୨ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିବା ସହ କୁହୁଡ଼ି ଯୋଗୁଁ ଯାନବାହନ ଚଳାଚଳରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ସକାଳ ସୁଦ୍ଧା ରାଜ୍ୟର ୧୦ ଟି ସ୍ଥାନରେ ଘନ କୁହୁଡ଼ି ଆଶଙ୍କା ରହିଥିବା ବେଳେ ଶନିବାର ବିଳମ୍ବିତ ରାତିରୁ ରବିବାର ସକାଳ ମଧ୍ୟରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ଏସ୍ଆରସିଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ କରାଯାଇଛି। ରାଜପଥରେ ଯାନବାହନ ଚଳାଚଳ ବେଳେ ଯେପରି ଦୁର୍ଘଟଣା ନ ଘଟିବ ସେନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏସଆର୍ସି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ଶୁକ୍ରବାର ବର୍ଷା ହୋଇଛି। ଭୁବନେଶ୍ୱର ସମେତ ଯାଜପୁର ଓ ଦେବଗଡ଼ ଆଦି ଅଞ୍ଚଳରେ ବର୍ଷା ହୋଇଛି। ଶନିବାରଠାରୁ ପାଗରେ ପରିବର୍ତ୍ତନ ଆସିବା ସହିତ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-219 ♦BHUBANESWAR ♦SATURDAY ♦3 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୯ ♦ଭୁବନେଶ୍ୱର ♦ଶନିବାର ♦୩ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ନୂଆପଡ଼ାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିକାଶ ସମୀକ୍ଷା

# ନୂଆ ଓଡ଼ିଶା ଗଠନରେ ସାମିଲ ହୁଅନ୍ତୁ

■ **ଭୁବନେଶ୍ୱର, ୨।୨ (ସମିସ):** ଓଡ଼ିଶାରେ ରହୁଥିବା ଗରିବ ଲୋକଟି ଆଜି ବଡ଼ ବଡ଼ ସ୍ୱପ୍ନ ଦେଖୁଛି, ଆଉ ତାକୁ ସାକାର କରିବା ପାଇଁ କ୍ଷମତା ମଧ୍ୟ ରଖୁଛି। ପ୍ରତ୍ୟେକ ଓଡ଼ିଶାବାସୀଙ୍କ ସ୍ୱପ୍ନ ସାକାର ହେଲେ ଯାଇ 'ନବୀନ ଓଡ଼ିଶା' ଗଠନ ହୋଇପାରିବ। ନୂଆ ଓଡ଼ିଶା ଗଠନ ପାଇଁ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ଜିଲ୍ଲାବାସୀ ସାମିଲ ହେବାକୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ନୂଆପଡ଼ାର ବୋଡେନ୍ ଠାରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଏହା ନବୀନ ପଟ୍ଟନାୟକ କି ବିଜେଡି ସରକାର ନୁହେଁ; ଏହା ହେଉଛି ଲୋକଙ୍କ ସରକାର।

> **ମୁଖ୍ୟମନ୍ତ୍ରୀ କଥାରେ ନୁହେଁ; କାମରେ ବିଶ୍ୱାସ କରନ୍ତି, ସେଥିପାଇଁ ସବୁ ଅସାଧ୍ୟ ସମ୍ଭବ ହେଉଛି। ବିଜୁ ପରିବାର ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ: କାର୍ତ୍ତିକ ପାଣ୍ଡିଆନ**

ସାଧାରଣ ଲୋକ ଯାହା ଚାହିଁବେ ମୁଖ୍ୟମନ୍ତ୍ରୀ ତାହା କରିବେ। ଏକ ନୂଆ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେଇଛନ୍ତି। ଏହି ନୂଆ ଓଡ଼ିଶାରେ ଧନୀ ଲୋକଙ୍କ ଭଳି ଗରିବ ଲୋକଟିଏ ବି ନିଜ ଆଶା, ଆକାଂକ୍ଷା ପୂରଣ କରିପାରିବ। କିନ୍ତୁ ଆପଣମାନଙ୍କ ସହଯୋଗ ବିନା ଏତେ ବଡ଼ ଲକ୍ଷ୍ୟ ହାସଲ କରିବା ସହଜ ନୁହେଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଖରିଆରବାସୀ ଏକାଠି ହୁଅନ୍ତୁ। ସମୟ ଆସିଛି, ବିଜୁ ପରିବାର ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ଥରେ ଆଶୀର୍ବାଦ କରନ୍ତୁ। ଦେଖିବେ ଆପଣମାନଙ୍କର ପ୍ରତିଟି ସ୍ୱପ୍ନ ବାସ୍ତବ ରୂପ ନେବ।

'୫-ଟି' ଅଧ୍ୟକ୍ଷ କହିଥିଲେ, ଆଦିବାସୀମାନଙ୍କର ସର୍ବାଙ୍ଗୀଣ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି କାମ କରୁଛନ୍ତି। ଓଡ଼ିଶାବାସୀ ଅନେକ ନେତା ଦେଖିଲେଣି। ହେଲେ କୌଣସି ନେତା ଲୋକଙ୍କୁ କାମର ହିସାବ ଦିଅନ୍ତି ନାହିଁ। ଏକମାତ୍ର ନେତା ନବୀନ ପଟ୍ଟନାୟକ ଯିଏ ଲୋକଙ୍କୁ ଗୋଟି ଗୋଟି ହିସାବ ଦେଉଛନ୍ତି। ଯାହା କହୁଛନ୍ତି ତାହା କରୁଛନ୍ତି। ଗତ ମେ' ମାସରେ ମୁଁ ଖରିଆର ଗସ୍ତରେ ଆସିଥିବା ବେଳେ ଲୋକଙ୍କ ଠାରୁ ୮୪୦ଟି ଦରଖାସ୍ତ ମିଳିଥିଲା। ସେଥିରୁ ୭୮୦ଟିର ସମାଧାନ ହୋଇସାରିଛି।

▸ପୃଷ୍ଠା-୯

**ଗତ ୭ ମାସରେ ନୂଆପଡ଼ାବାସୀଙ୍କ ଦାବି ଅନୁସାରେ ୬୦୦ କୋଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ**



**ପାନୀୟ ଜଳ ପାଇଁ ୯.୪୦ କୋଟି**

**ଶିକ୍ଷା କମ୍ପ୍ଲେକ୍ସ ପାଇଁ ୧.୮୦ କୋଟି**

- **କଲେଜ ରୂପାନ୍ତରଣ ପାଇଁ ୧୩.୨୫ କୋଟି ଟଙ୍କା**
- **ମାର୍ଚ୍ଚରେ ସରିବ କୋମନା-ସୁନାବେଡ଼ା ରାସ୍ତା କାମ**
- **ଲୋକଙ୍କ ୮୪୦ ଆବେଦନରୁ ୭୮୦ରେ ସମାଧାନ**
- **୧୦ ଦିନ ମଧ୍ୟରେ ଖୁସି ଖବର ଦେବେ ମୁଖ୍ୟମନ୍ତ୍ରୀ**

# ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ନୂଆ ମୁଖ୍ୟ ବିଚାରପତି



■ **କଟକ, ୨।୨ (ସମିସ):** ପାଟନା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କୁ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ମୁଖ୍ୟ ବିଚାରପତି ଭାବେ ତାଙ୍କ ନିଯୁକ୍ତି ନେଇ ଆଜି କେନ୍ଦ୍ର ଆଇନ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୩, ନଭେମ୍ବର ୨ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡକ୍ଟର ଜଷ୍ଟିସ ଧନଞ୍ଜୟ ୱାଇ. ଚନ୍ଦ୍ରଚୂଡ, ଜଷ୍ଟିସ ସଞ୍ଜୟ କିଶନ କଉଲ ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ ଜଷ୍ଟିସ ସିଂହଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ କରିଥିଲେ।

▸ପୃଷ୍ଠା-୯






## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ ସ୍ମରଣୀୟ

# ସଂରକ୍ଷିତ ହେବ ଐତିହ୍ୟ ଶିକ୍ଷାନୁଷ୍ଠାନ ସୌଧ

■ **ଭୁବନେଶ୍ୱର, ୨।୨ (ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଆଦିର ପ୍ରଚାର ପ୍ରସାର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱାଧୀନତା ପୂର୍ବରୁ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଐତିହ୍ୟ କୋଠାକୁ ସଂରକ୍ଷଣ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଏହି ତାଲିକାରେ ଐତିହ୍ୟ ସମ୍ପନ୍ନ ୫ଟି ବିଶ୍ୱବିଦ୍ୟାଳୟ ଓ ୧୦ଟି ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ସ୍ଥାନ ପାଇଛି।

ତାଲିକାରେ ସ୍ଥାନ ପାଇଥିବା ସମୁଦାୟ ୧୫ଟି ପୁରାତନ ଶିକ୍ଷାନୁଷ୍ଠାନର ଐତିହ୍ୟ କୋଠାକୁ ସଂରକ୍ଷଣ କରିବା ପାଇଁ ବ୍ୟୟବରାଦ ମଧ୍ୟ କରାଯାଇଛି। ଏଥିପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ୨କୋଟି ଏବଂ ମହାବିଦ୍ୟାଳୟକୁ ୧କୋଟି ଲେଖାଏଁ ଅନୁଦାନ ପ୍ରଦାନ କରାଯିବ।

**ତାଲିକାରେ ରାଜ୍ୟର ୫ ବିଶ୍ୱବିଦ୍ୟାଳୟ ଓ ୧୦ ମହାବିଦ୍ୟାଳୟ କୋଠା**

**ବିଶ୍ୱବିଦ୍ୟାଳୟ ପାଇଁ ୨କୋଟି ଓ ମହାବିଦ୍ୟାଳୟ ପାଇଁ ୧କୋଟି ଅନୁଦାନ**

ତାଲିକାରେ କଟକ ଜିଲ୍ଲାର ସର୍ବାଧିକ ୫ଟି ଶିକ୍ଷାନୁଷ୍ଠାନ ରହିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଧାନାଥ ଇନଷ୍ଟିଚ୍ୟୁଟ ଅଫ୍ ଆଡଭାନ୍ସଡ ଷ୍ଟଡି ଇନ ଏଜୁକେସନ, ଷ୍ଟିୱାର୍ଟ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ଓ ଖ୍ରୀଷ୍ଟ ସ୍ନାତକ ମହାବିଦ୍ୟାଳୟ ଏଥିରେ ସାମିଲ ଅଛି। ସେହିପରି ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ରାମାଧିନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ଓ ମ୍ୟାକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ, ଗଜପତି ଜିଲ୍ଲାର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ପାରଳାଖେମୁଣ୍ଡି ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାନ ପାଇଛି।

▸ପୃଷ୍ଠା-୯




## ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ କୋଠାର ହେବ ସଂରକ୍ଷଣ

# ତାଲିକାରେ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ୫ ଅନୁଷ୍ଠାନ

ଆଜିଠୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ













### ବିଶ୍ୱବିଦ୍ୟାଳୟ ପାଇଁ ୨ କୋଟି
### ମହାବିଦ୍ୟାଳୟ ପାଇଁ ୧ କୋଟିର ଆର୍ଥିକ ଅନୁଦାନ

ବ୍ରହ୍ମପୁର, ୨।୨(ସମିସ)

ଶନିବାର ଠାରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଏଥିରେ ବିଶ୍ୱର ବିଭିନ୍ନ ଦେଶରୁ ବହୁସଂଖ୍ୟାରେ ଓଡିଆ ସାମିଲ ହେବେ। ଏହି ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀକୁ ସଫଳ କରିବାକୁ ଯାଇ ତଥା ଓଡିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଆଦିର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିଆରା ତଥା ବଡ ପଦକ୍ଷେପ ସ୍ୱରୂପ ସ୍ୱାଧୀନତା ପୂର୍ବର ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ମୋଟ ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ ପୁରାତନ ଶିକ୍ଷାନୁଷ୍ଠାନର ଐତିହ୍ୟ କୋଠାକୁ ସଂରକ୍ଷଣ କରିବା ନେଇ ଘୋଷଣା କରିଛନ୍ତି। ଏହି ତାଲିକାରେ ଗଞ୍ଜାମର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମେତ ୩ଟି ଶିକ୍ଷାନୁଷ୍ଠାନ, ଗଜପତିର ୨ଟି ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ସମ୍ପୃକ୍ତ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ମହାବିଦ୍ୟାଳୟ ଗୁଡିକର ଅଧକ୍ଷମାନଙ୍କୁ ଚିଠି କରାଯାଇଛି। ଅବିଭକ୍ତ ଗଞ୍ଜାମ ଜିଲ୍ଲାର ମୋଟ ୫ଟି ପୁରାତନ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଥିବାରୁ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ସମେତ ଉଭୟ ଜିଲ୍ଲାର ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି। ଗଞ୍ଜାମ ଜିଲ୍ଲାର ୩ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ୧୮୭୮ ମସିହାରେ ପ୍ରତିଷ୍ଠା ହୋଇଥିବା ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ୧୯୩୬ ମସିହାରେ ପ୍ରତିଷ୍ଠା ହୋଇଥିବା ବ୍ରହ୍ମପୁରର ରାମାଧୀନ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ, ୧୮୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ଆସିକା ସ୍ଥିତ ମେକ ମାଇକେଲ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ସମେତ ୧୮୯୬ ମସିହାରେ ପ୍ରତିଷ୍ଠା ହୋଇଥିବା ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ୧୯୩୭ ମସିହାରେ ପ୍ରତିଷ୍ଠା ହୋଇଥିବା ପାରଳାଖେମୁଣ୍ଡିର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ଐତିହ୍ୟ ସମ୍ପନ୍ନ ଏହି ପୁରାତନ ଶିକ୍ଷାନୁଷ୍ଠାନ ଗୁଡିକର କୋଠାଗୁଡିକର ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚର ହେରିଟେଜ ବା (ଇନଟାକ୍) କିମ୍ବା ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ଜରିଆରେ କରିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଏଥିପାଇଁ କାଳବିଳମ୍ବ ନକରି ତୁରନ୍ତ ଡିପିଆର ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଶିକ୍ଷାନୁଷ୍ଠାନଗୁଡିକର କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ପୁରାତନ ଶିକ୍ଷାନୁଷ୍ଠାନ ଗୁଡିକର ଐତିହ୍ୟ ସମ୍ପନ୍ନ କୋଠାର ସଂରକ୍ଷଣ କେବଳ ଉଦ୍ଦେଶ୍ୟ ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେଗୁଡିକ ସମ୍ପର୍କରେ ତଥା ଆମ କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହିତ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ନେଇଥିବା ଜାଣିବା ପରେ ଖୁସି ବ୍ୟକ୍ତ କରିଛନ୍ତି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ। ସରକାରଙ୍କ ନିଷ୍ପତ୍ତିକୁ ଯେତେଶୀଘ୍ର ହେବ କାର୍ଯ୍ୟକାରୀ କରିବାକୁ ସେ ସମ୍ପୃକ୍ତ ସଂସ୍ଥା ସହ ଆଲୋଚନା କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି କହିବା ସହ ଏହା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡିକର ମହତ୍ୱ ଆହୁରି ବଢ଼ିଯିବ ବୋଲି ସେ ମତ ଦେଇଛନ୍ତି।

# ତାମ୍ପରା ହ୍ରଦଠାରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ



**ବ୍ରହ୍ମପୁର, ୨।୨(ସମିସ):** ଛତ୍ରପୁର ନିକଟସ୍ଥ ତାମ୍ପରା ହ୍ରଦଠାରେ ଗଣପତି ସାବତ ଫାଉଣ୍ଡେସନ୍ ଏବଂ ନେଟ୍‌କୋଷ୍ଟ ମିଳିତ ଆନୁକୂଲ୍ୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଣପତି ସାବତ ଫାଉଣ୍ଡେସନର ସଭାପତି ତଥା ଦିଲ୍ଲୀ ସରକାରଙ୍କ ବିଶିଷ୍ଟ ବୈଜ୍ଞାନିକ ଓ ପରିବେଶବିତ୍ ଡ.ବିନୋଦ ଚନ୍ଦ୍ର ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପରିବେଶ ବିଭାଗର ପ୍ରାକ୍ତନ ବରିଷ୍ଠ ପ୍ରଫେସର ବିଜୟ କୁମାର ମହାନ୍ତି ଯୋଗଦେଇ ତାମ୍ପରା ହ୍ରଦର ଗୁରୁତ୍ୱ ତଥା ପରିସଂସ୍ଥାୟ ସୁରକ୍ଷାରେ ଏହାର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ରୂପେ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଯୋଗଦେଇ ତାମ୍ପରା ହ୍ରଦର ଜୈବ ବିବିଧତାର ଗୁରୁତ୍ୱ ବିଷୟରେ ସମ୍ୟକ୍ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦିଲ୍ଲେଶ୍ୱର ରେଡ୍ଡୀ, ଭେଙ୍କେଟ୍ ରାବଣା, ଇକୋକ୍ଲବ୍ ଜିଲ୍ଲା ସଂଯୋଜକ ଯଥା ବିଶିଷ୍ଟ ପରିବେଶବିତ୍ ଡ.ଶଙ୍କରନାରାୟଣ ବେଜ ଏବଂ ନେଟ୍‌କୋଷ୍ଟର ସଭାପତି ଦୁର୍ଗାମାଧବ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକର ବିଭିନ୍ନ ସ୍କୁଲ, ଗୋପାଳକୃଷ୍ଣ ହାଇସ୍କୁଲ ସୁବଳୟା, ଖଣ୍ଡଦେଉଳି ହାଇସ୍କୁଲ, ରାଜପୁର ହାଇସ୍କୁଲ, କଣମଣା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଛତ୍ରପୁର ବ୍ଲକର ବିଭିନ୍ନ ଏସ୍.ଏସ୍.ଜି. ଗ୍ରୁପ୍‌ର ମହିଳାମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗୋଲି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଘୋଡ଼ାନାଚ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ପଦଯାତ୍ରା କରାଯିବା ସହ ତାମ୍ପରା ହ୍ରଦ ସମ୍ପର୍କରେ ଅତିଥିଗଣ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ବ୍ରହ୍ମପୁର, ୨।୨(ସମିସ):** ସ୍ଥାନୀୟ ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାରି ରହିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. କବିତା ଶତପଥୀଙ୍କ ନିର୍ଦ୍ଦେଶନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ସଂଯୋଜିକା ଆଶା କିରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ଼. ସାବିତ୍ରୀ ସାହୁ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଶିବିରର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସେହିପରି ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ଼.ରମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଦେଇ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଯାପନ କରିବା ସହ ଯୁକ୍ତ ଦୁଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କୌଶଳର ଉପାଦେୟତା ବିଷୟରେ କହିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ଼. ନରୋତ୍ତମ ବିଶ୍ୱାଳ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ ପ୍ରତିଯୋଗୀତା ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଷ୍ଟର ଟ୍ରେନର ସଙ୍ଗୀତା ସ୍ୱାଇଁ ଏବଂ ମାଷ୍ଟର ଟ୍ରେନର ହେମାଞ୍ଜଳି ଖାରସେଲଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର, ୨।୨(ସମିସ): ଜୈନିକା ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ବଡବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବେନ୍ଧାଳିଆ ଗ୍ରାମର ଦିବାକର ଦାସ(୧୯)। ସୂଚନାଯୋଗ୍ୟ ଯେ, ବଡବଜାର ଅଞ୍ଚଳର ଜଣେ ନାବାଳିକାକୁ କେହି ଜଣେ ଅପହରଣକରି ନେଇଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।ତଦନ୍ତ ବେଳେ ଜଣାପଡ଼ିଲା ଯେ, ଉକ୍ତ ନାବାଳିକାଙ୍କୁ ଦିବାକର ଦାସ ନାମକ ଜଣେ ଯୁବକ ଅପହରଣ କରିନେଇଛି। ସେହିକ୍ରମରେ ପୁଲିସର ଏକ ଟିମ ଦିବାକରଙ୍କ ମୋବାଇଲକୁ ଟ୍ରାକିଂ କରିବା ସହ ଗତିବିଧି ଉପରେ ନଜର ରଖି ଅପହୃତ ନାବାଳିକାକୁ ଉଦ୍ଧାର କରିବା ସହ ଦିବାକରକୁ କାବୁ କରିଥିଲା। ଦିବାକର ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ପୁଲିସ ପିଡ଼ିତାଙ୍କ ବୟାନ ରେକର୍ଡ଼ କରିବା ସହ ମେଡ଼ିକାଲରେ ଉଭୟଙ୍କର ଡ଼ାକ୍ତରୀ ପରୀକ୍ଷା କରିଥିବା ଜଣାପଡ଼ିଛି।

# ଭୋଜି ମଣ୍ଡପ ନିକଟରୁ ବାଇକ୍ ଚୋରି, ଥାନାରେ ଏତଲା

ବ୍ରହ୍ମପୁର, ୨।୨(ସମିସ): ବ୍ରହ୍ମପୁର ସହରରେ ଲଗାତାର ବାଇକ ଚୋରି ହେଉଛି। ଏନେଇ ବିଭିନ୍ନ ଥାନାରେ ଅଭିଯୋଗ ମଧ୍ୟ ରହିଛି। ଶ୍ରୀକୃଷ୍ଣ ନଗର ତୃତୀୟ ଲାଇନ ନିବାସୀ ସୁନିଲ ପାଢ଼ିଆଳି ଗତ ୩୧ତାରିଖରେ ସନ୍ଧ୍ୟାରେ ହିଲପାଟଣା ସ୍ଥିତ ସତ୍ୟବ୍ରହ୍ମା କଲ୍ୟାଣ ମଣ୍ଡପକୁ ଭୋଜି ଖାଇବାକୁ ଯାଇଥିଲେ। ଏଠାରେ ନିଜର ହିରୋ ଗ୍ଲାମର(ଓଡ଼ି୦୭ କେ ୨୮୪୯)ଗାଡିକୁ ପାର୍କିଂ କରି ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇ ଆସିବା ବେଳେକୁ ବାଇକ ଗାଏବ ଥିଲା।ବହୁ ଖୋଜା ଖୋଜି କରିବା ପରେ ବାଇକଟି ଚୋରି ହୋଇଯାଇଥିବା ଜାଣିପାରି ସେ ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରୁ ଏକାଧିକ ବାଇକ ଚୋରି ହୋଇଛି। ପୁଲିସ ଚୋରି ହେଉଥିବା ଘଟଣା ସ୍ଥଳରୁ କିଛି ସିସିଟିଭି ଫୁଟେଜ ସଂଗ୍ରହ କରି ଚୋରକୁ ଧରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛି। ନାଇଟ ପେଟ୍ରୋଲିଂ ଢ଼ିଲା ଯୋଗୁଁ ଏଭଳି ଚୋରି ହେଉଥିବା ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଥିବା ବେଳେ କଡ଼ା ପେଟ୍ରୋଲିଂ କରିବାକୁ ସେମାନେ ଦାବି କରିଛନ୍ତି।

## ଆର୍ମି ଏଡି କଲେଜରେ କିରାଣି ଚାକିରି କରାଇଦେବା ନାଁରେ ଠକେଇ ଘଟଣା

# ପୁଣି ଗିରଫ ହେଲେ ବହିଷ୍କୃତ ସେନା କର୍ମଚାରୀ



ପୂର୍ବରୁ ୨ଟି ମାମଲାରେ ଗିରଫ ହୋଇଥିଲେ

ବ୍ରହ୍ମପୁର, ୨।୨(ସମିସ)

ଗୋଲାବନ୍ଧ ସ୍ଥିତ ଆର୍ମି ଏଡି କଲେଜରେ କିରାଣି ଚାକିରି କରାଇ ଦେବାକୁ କହି ଜଣେ ଯୁବତୀଙ୍କଠାରୁ ୧ଲକ୍ଷ ୨୫ହଜାର ୬୦୦ଟଙ୍କା ଠକେଇ କରିଥିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ବହିସ୍କୃତ ସେନା କର୍ମଚାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ନନ୍ଦିଗୋ ଗ୍ରାମର ସନ୍ତୋଷ କୁମାର ସେଠୀ (୩୪)। ଗତବର୍ଷ ଜାନୁଆରୀ ମାସରେ ୨ଟି ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ ସନ୍ତୋଷ। ତେଣୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା। ଏବେ ସନ୍ତୋଷ କୋର୍ଟଙ୍କ ସର୍ତ୍ତମୂଳକ ଜାମିନରେ ରହିଥିବା ବେଳେ ଆଉ ଏକ ଠକେଇ ମାମଲାରେ ଶୁକ୍ରବାର ଗୋପାଳପୁର ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ବ୍ରହ୍ମପୁର ଏସପି଼ ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତ ସନ୍ତୋଷ ଜଣେ ପେଷାଦାର ୪୨୦। ତାଙ୍କ ଦ୍ୱାରା ଯଦି କୌଣସି ବ୍ୟକ୍ତି ଚାକିରି ଆଶାରେ ଟଙ୍କା ଦେଇଛନ୍ତି କିମ୍ବା ପ୍ରଲୋଭିତ ହୋଇ ଠକେଇର ଶିକାର ହୋଇଛନ୍ତି ତେବେ ତୁରନ୍ତ ପୁଲିସକୁ ଜାଣିବାକୁ ବ୍ରହ୍ମପୁର ଏସପି ଶ୍ରୀ ବିବେକ ଏମ ପରାମର୍ଶ ଦେଇଛନ୍ତି।

ସୂଚନାପ୍ରକାରେ, ଛତ୍ରପୁର ପାର୍କ ସାହିର ଜଣେ ଯୁବତୀ ଚାକିରି ଖୋଜୁଥିବା ବେଳେ ସନ୍ତୋଷ କୁମାର ସେଠୀଙ୍କ ସହ ଦୁଇମାସ ପୂର୍ବେ ପରିଚୟ ହୋଇଥିଲା। ସନ୍ତୋଷ ଆର୍ମିରେ ଚାକିରି କରୁଛନ୍ତି ବୋଲି ଯୁବତୀଙ୍କୁ କହିଥିଲେ। ଆଉ ଗୋଲବନ୍ଧ ସ୍ଥିତ ଆର୍ମି କାର୍ଯ୍ୟାଳୟରେ ତାଙ୍କର ପରିଚୟ ରହିଛି ଏବଂ ସେଠାରେ କିରାଣି ଚାକିରି କରାଇଦେବି ବୋଲି ସନ୍ତୋଷ ସମ୍ପୃକ୍ତ ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ୧ଲକ୍ଷ ୨୫ହଜାର ୬୦୦ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ସେହିକ୍ରମରେ ଯୁବତୀ ଜଣଙ୍କ ସନ୍ତୋଷଙ୍କ ବ୍ୟାଙ୍କ ଆକାଉଣ୍ଟ ସମେତ ତାଙ୍କ କହିବା ପ୍ରକାରେ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କ ନିକଟକୁ ମୋଟ ୧ଲକ୍ଷ ୨୫ହଜାର ୬୦୦ଟଙ୍କା ପଠାଇଥିଲେ। ହେଲେ ଅନେକ ଦିନ ଯାଏଁ ଯୁବତୀଙ୍କୁ ଚାକିରି ମିଳିନଥିଲା। ଫଳରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଘଟଣାକୁ ନେଇ ଯୁବତୀ ଜଣକ ଗତ ୨୨ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଧରିବା ପାଇଁ ଏକ ଟିମ ଗଠନ କରିଥିଲା। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଏସଆଇ ସ୍ମିତା ଜେନା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁରୁବାର ସନ୍ଧ୍ୟା ଅଭିଯୁକ୍ତ ସନ୍ତୋଷକୁ କୁକୁଡ଼ାଖଣ୍ଡି ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଥିଲା।

## ଓଡ଼ିଶା ମିଲେଟ୍ ମିଶନରେ ଗଞ୍ଜାମର ଭାଗୀଦାରିତା ବୃଦ୍ଧି

# ଜିଲ୍ଲାବ୍ୟାପୀ ପରିବ୍ୟାପ୍ତ ମାଣ୍ଡିଆ ଚାଷ



### ୧୮ଟି ମଣ୍ଡିରେ ଚାଲିଛି ମିଲେଟ୍ ସଂଗ୍ରହ
### ୩୭ ହଜାର କ୍ୱିଣ୍ଟାଲ୍ ସଂଗ୍ରହ ଲକ୍ଷ୍ୟ

ବ୍ରହ୍ମପୁର, ୨।୨(ସମିସ): ରାଜ୍ୟରେ ଚାଲିଛି ରୂପାନ୍ତରଣ ଧାରା। ଏଥିରେ ସାମିଲ ହୋଇଛି କୃଷି ବିଭାଗ। କୃଷି ଓ କୃଷକର ବିକାଶ ଧାରାକୁ ଆଗେଇ ନେବାକୁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ଧାନ ବ୍ୟତୀତ ଅଣଧାନ ଚାଷକୁ ଅଗ୍ରାଧିକାର ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ 'ଓଡ଼ିଶା ମିଲେଟ ମିଶନ' ଏବେ ଚାରିଆଡ଼େ ପରିବ୍ୟାପ୍ତ ହେବାରେ ଲାଗିଛି। ପୁଷ୍ଟିକର ଖାଦ୍ୟକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପଦକ୍ଷେପ ମଧ୍ୟ ବିଶ୍ୱବିଦିତ ହୋଇଛି। କେବଳ ଏହା ଏକ ଚାଷ ହୋଇ ନାହିଁ, ବରଂ ରୋଜଗାରର ନୂଆ ପନ୍ଥା ବି ପାଲଟିଛି। ମିଲେଟ ମିଶନରେ ଗଞ୍ଜାମ ଜିଲ୍ଲା ବି ସାମିଲ ହୋଇଛି। ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଇଛି। କୃଷିଭିତ୍ତିକ ଜିଲ୍ଲା ଗଞ୍ଜାମରେ ଉଭୟ ପାରମ୍ପରିକ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ ହେଉଥିବା ଦେଖିବାକୁ ମିଳେ। ପୂର୍ବ ପୁରୁଷ ଅମଳରୁ ଜାରି ରହିଥିବା ବିଭିନ୍ନ ଚାଷ ଏଠାରେ ବର୍ତ୍ତମାନ ମଧ୍ୟ ଦୃଷ୍ଟିଗୋଚର ହେଉଛି। ଆଉ କିଛି ଚାଷ ଆସ୍ତେ ଆସ୍ତେ ଜନ ମାନସରୁ ଉଭେଇ ଯାଇଛି। ଏହି ଜିଲ୍ଲାର ଉପାନ୍ତ ଇଲାକାରେ ବିଭିନ୍ନ କିସମର ଚାଷ ହୋଇଥାଏ। ତନ୍ମଧ୍ୟରୁ ମାଣ୍ଡିଆ ଅନ୍ୟତମ। ଧାନ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଚାଷ ହୋଇଥିଲେ ହେଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଣ୍ଡିଆ ଚାଷକୁ ଅଧିକ ପ୍ରୋତ୍ସାହନ ଦିଆଯାଉଥିବାରୁ ଜିଲ୍ଲାର କୋଣ ଅନୁକୋଣରେ ମାଣ୍ଡିଆ ଚାଷ ପରିବ୍ୟାପ୍ତ ହୋଇଛି। ସୂଚନା ଅନୁସାରେ ୨୦୧୯-୨୦ମସିହାରେ ଜିଲ୍ଲାର ୭୫୯ହେକ୍ଟର ଜମିରେ ମିଲେଟ ଚାଷ ହୋଇଥିଲା। ୨୦୨୧ମସିହା ବେଳକୁ ବୃଦ୍ଧି ଘଟି ୨୩୦୧ ହେକ୍ଟର ଜମିରେ ମିଲେଟ ଚାଷ ହୋଇଥିଲା। ସେହିଭଳି ୨୦୨୧-୨୨ରେ ୨୪୦୮ ହେକ୍ଟର ଓ ୨୦୨୨-୨୩ରେ ୪୧୧୨ହେକ୍ଟର ଜମିରେ ମିଲେଟ ଚାଷ ହୋଇଥିଲା। ୨୦୨୩-୨୪ମସିହାରେ ୭୩୪୧ରୁ ଊର୍ଦ୍ଧ୍ୱ ଜମିରେ ମିଲେଟ୍ ଚାଷ ହୋଇଥିବା ଜଣାଯାଇଛି। ପ୍ରତିବର୍ଷ ମିଲେଟ ଚାଷ ବୃଦ୍ଧି ଘଟୁଥିବା ବେଳେ ଚାଷୀଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି। ୨୦୧୯-୨୦ମସିହା ବେଳକୁ ସରକାରଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ମଣ୍ଡିରେ ଜିଲ୍ଲାରୁ ୬୧୦କ୍ୱିଣ୍ଟାଲ ମିଲେଟ କିଣାଯାଇଥିଲା। ସେହିଭଳି ୨୦୨୦-୨୧ରେ ୩୫୬୫କ୍ୱିଣ୍ଟାଲ, ୨୦୨୧-୨୨ରେ ୧୧୨୩୨କ୍ୱିଣ୍ଟାଲ, ୨୦୨୨-୨୩ରେ ୨୫ହଜାର ୫୦୩କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ହୋଇଥିଲା। ଚଳିତବର୍ଷ ମିଲେଟ ସଂଗ୍ରହ ଲାଗି ଗଞ୍ଜାମ ଜିଲ୍ଲାରେ ୧୮ଟି ମଣ୍ଡି ଖୋଲିଛି। ୩୭ହଜାର କ୍ୱିଣ୍ଟାଲ ମିଲେଟ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ ଏଯାବତ ୨ହଜାରରୁ ଊର୍ଦ୍ଧ୍ୱ ମିଲେଟ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି। ଅନ୍ୟଥା ଅଧିକ ଟଙ୍କା ଆଶାରେ ଚାଷୀ ଅନ୍ୟତ୍ର ମଧ୍ୟ ମିଲେଟ ବିକ୍ରୀ କରି ଦେଉଥିବା ଲକ୍ଷ୍ୟ କରାଯାଇଛି। ଗଞ୍ଜାମ ଜିଲ୍ଲାର ପୋଲସରା ଓ ସୋରଡ଼ା ବ୍ଲକରେ ପ୍ରବଳ ମାତ୍ରାରେ ମିଲେଟ ଚାଷ ହେଉଛି। ସେହିଭଳି ଧରାକୋଟ ଓ ପାତ୍ରପୁର ବ୍ଲକରେ କାହିଁ କେଉଁ ଅନାଦି କାଳରୁ ମିଲେଟ ଚାଷ ହେଉଥିବା ବେଳେ ସମ୍ପ୍ରତି ସାନଖେମୁଣ୍ଡି, ଜଗନ୍ନାଥପ୍ରସାଦ ଓ ଶେରଗଡ଼ ବ୍ଲକରେ ମଧ୍ୟ ଏହି ଚାଷ ପରିବ୍ୟାପ୍ତ ହୋଇଛି। ସାଧାରଣତଃ ଜିଲ୍ଲାରେ ରାଗି, ଜୱାର, ସୁଆଁ, କାଙ୍ଗୁ ଇତ୍ୟାଦି କିସମର ମିଲେଟ ଚାଷ ହେଉଥିବା ଜଣାଯାଇଛି। ସେହିଭଳି ସାନ ମାଣ୍ଡିଆ ଓ ବଡ଼ ମାଣ୍ଡିଆ ଚାଷ ବି କିଛି ସ୍ଥାନରେ ହେଉଥିବା ଜଣାପଡ଼ିଛି। ଧାନ ପରେ ସରକାର ମିଲେଟ ଚାଷ ଲାଗି ଅଧିକ ଗୁରୁତ୍ୱ ଦେଇ ଏଥିଲାଗି ମଣ୍ଡିର ବ୍ୟବସ୍ଥା କରିଛନ୍ତି। ଏଥିଯୋଗୁଁ ଚାଷୀଙ୍କ କ୍ଷେତ୍ରରେ ଉତ୍ସାହ ମଧ୍ୟ ଦେଖାଦେଇଛି। ନାମମାତ୍ର ଓ କ୍ଷୁଦ୍ରଚାଷୀ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏଥିରେ ସାମିଲ ହୋଇ ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ ହୋଇପାରୁଛନ୍ତି।

**୧୨ ଦିନରେ ତୃତୀୟ ଘଟଣା**

# କୋଟାରେ ପୁଣି ବିଟେକ୍ ଛାତ୍ରଙ୍କ ଆତ୍ମହତ୍ୟା

କୋଟା, ୨।୨ (ଏଜେନ୍ସି): ରାଜସ୍ଥାନ କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ଥମିବାର ନା ଧରୁନି। କେତେ ଆଶା ନେଇ ସହରକୁ ଧାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କୋଟା କାଳ ପାଲଟି ଯାଇଛି। ଗତ ୧୨ ଦିନରେ ତୃତୀୟ ଆତ୍ମହତ୍ୟା ମାମଲା ସାମ୍ନାକୁ ଆସିଛି। ଏବେ ୨୭ ବର୍ଷୀୟ ବିଟେକ ଛାତ୍ର ଫ୍ୟାନ୍‌ରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପ୍ରକୋଷ୍ଠ ବାହାରେ ରଖାଯାଇଥିବା ଟିଫିନରୁ ଏହି ଘଟଣା ସମ୍ପର୍କରେ ଜଣା ପଡ଼ି ଥିଲା। ତେବେ ଏ ପର୍ଯ୍ୟନ୍ତ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ବିଜ୍ଞାନ ନଗର ଥାନାର ଏସଏଚ୍‌ଓ କୌଶଲ୍ୟାଙ୍କ ସୂଚନା ଅନୁଯାୟୀ ଛାତ୍ର ନୁର ଅହମ୍ମଦ ଉତ୍ତରପ୍ରଦେଶ ଗୋଣ୍ଡା ଜିଲ୍ଲା ବୀରପୁରର ବାସିନ୍ଦା ଥିଲେ। ସେ ବିଜ୍ଞାନନଗର ପିଜିରେ ରହି ପଢୁଥିଲେ। ପୁଲିସ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ୩୧ ତାରିଖରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେ ଚେନ୍ନାଇ ମହାବିଦ୍ୟାଳୟରେ ବିଟେକ ପାଇଁ ଚୟନ ହୋଇଥିଲେ। ଗତ ବର୍ଷ କୋଟାରେ ୨୬ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ।

# ଜ୍ଞାନବାପି ତହଖାନାରେ ପୂଜା ବନ୍ଦକୁ ହାଇକୋର୍ଟଙ୍କ ନା

ବାରାଣସୀ, ୨।୨ (ଏଜେନ୍ସି): ଜ୍ଞାନବାପି ବ୍ୟାସ ତହଖାନାରେ ପୂଜାପାଠ ଉପରେ କଟକଣା ଲଗାଇବା ପାଇଁ ଆହ୍ଲାବାଦ ହାଇକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ମୁସଲିମ ପକ୍ଷର ଆବେଦନ ଉପରେ ଶୁଣାଣି କରି ଆଇନ ବ୍ୟବସ୍ଥା ବଜାୟ ରଖିବା ପାଇଁ କୋର୍ଟ ଏଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହା ପୂର୍ବରୁ ଗୁରୁବାର ଏହି ମାମଲାରେ ତୁରନ୍ତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଥିଲେ ଏବଂ ଓକିଲଙ୍କୁ ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଥିଲେ। ଆଜି ହାଇକୋର୍ଟରେ ଉଭୟ ପକ୍ଷ ମଧ୍ୟରେ ବିତର୍କ ହୋଇଥିଲା। ଏହା ପରେ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସ୍ଥିତି ଉପରେ ସୂଚନା ମାଗିଥିଲେ। ଏହା ପୂର୍ବରୁ ମୁସଲିମ ପକ୍ଷର ଅଞ୍ଜୁମନ କମିଟି ଜୁମାରେ ବାରାଣସୀ ବନ୍ଦ ଆହ୍ୱାନ ଦେଇଥିଲା। ମସ୍‌ଜିଦରେ ଏକାଠି ହେବା ପାଇଁ ମୁସଲମାନଙ୍କୁ ଆହ୍ୱାନ ଦେଇଥିଲା। ତେଣୁ ଆଜି ପ୍ରାୟ ୧୭୦୦ ମୁସଲମାନ ନମାଜ ପାଇଁ ଜ୍ଞାନବାପି ପହଞ୍ଚି ଥିଲେ।

**ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥନେଲେ ଚମ୍ପାଇ ସୋରେନ**

# ଜେଏମ୍ଏମ୍‌ରେ ବିଦ୍ରୋହ; ବିଧାୟକଙ୍କ ଇସ୍ତଫା ଘୋଷଣା

ରାଞ୍ଚି, ୨।୨ (ଏଜେନ୍ସି)

ହେମନ୍ତ ସୋରେନଙ୍କ ଗିରଫଦ ଦୁଇ ଦିନ ପରେ ଶୁକ୍ରବାର ଦ୍ୱିପହରେ ଚମ୍ପାଇ ସୋରେନ ଝାଡ଼ଖଣ୍ଡର ଦ୍ୱାଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ସିପି ରାଧାକୃଷ୍ଣନ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

> ହାଇଦରାବାଦରେ ପହଞ୍ଚିଲେ ମହାମେଣ୍ଟର ୩୭ ବିଧାୟକ
>
> ୫ ତାରିଖରେ ବହୁମତ ସାବ୍ୟସ୍ତ କରିବେ ନୂଆ ସରକାର
>
> ସୋରେନଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ
>
> ଜଣଙ୍କୁ ଅନୁମତି ଦେଲେ ସମସ୍ତଙ୍କୁ ଦେବାକୁ ପଡ଼ିବ

ଚମ୍ପାଇଙ୍କ ସହିତ କଂଗ୍ରେସର ଆଲମଗିରି ଆଲମ ଏବଂ ଆରଜେଡିର ସତ୍ୟାନନ୍ଦ ଭୋକ୍ତା ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।





ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ପ୍ରଥମ କ୍ୟାବିନେଟ ବୈଠକ କରିଥିଲେ। ଏଥିରେ ତିନୋଟି ନିଷ୍ପତ୍ତି ନିଆଯାଇଥିଲା। ୫ ଏବଂ ୬ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ମଞ୍ଜୁରି ଦିଆଯାଇଥିଲା। ପ୍ରଥମ ଦିନରେ ନୂଆ ସରକାର ବହୁମତ ସାବ୍ୟସ୍ତ କରିବେ। ବୈଠକ ଶେଷ ହେବା ପରେ ଘୋଡ଼ା ବେପାରରୁ ବଞ୍ଚାଇବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ), କଂଗ୍ରେସ ଏବଂ ଆରଜେଡି ମହାମେଣ୍ଟର ୩୭ ବିଧାୟକଙ୍କୁ ରାଞ୍ଚିରୁ ଏକ ଚାର୍ଟାର୍ଡ ବିମାନରେ ହାଇଦରାବାଦ ପଠାଇ ଦିଆଯାଇଛି। ଏମାନେ ଲିଓନିଆ ରିସୋର୍ଟରେ ରହିଛନ୍ତି।

ଏହା ମଧ୍ୟରେ ସୋରେନଙ୍କ ଦଳ ଜେଏମ୍ଏମ୍‌ରେ ବିଦ୍ରୋହ ଆରମ୍ଭ ହୋଇଯାଇଛି। ସାହିବଗଞ୍ଜ ଜିଲ୍ଲା ବୋରିଓ ବିଧାୟକ ଲୋବିନ ହେମ୍ବ୍ରମ୍ ଦଳ ଛାଡ଼ିବାକୁ ଘୋଷଣା କରିଛନ୍ତି। ବିସୁନପୁରର ଜେଏମଏମ ବିଧାୟକ ଚମରା ଲିଣ୍ଡା ମଧ୍ୟ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଜମି ଦୁର୍ନୀତି ମାଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ଗିରଫ ବିରୋଧରେ ଦାଏର ଆବେଦନର ଶୁଣାଣି କରିବାକୁ କୋର୍ଟ ମନା କରିଦେଇଛନ୍ତି। ତାଙ୍କୁ ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଛନ୍ତି। ଜଣେ ବ୍ୟକ୍ତିଙ୍କୁ ଅନୁମତି ଦେଲେ ସମସ୍ତଙ୍କୁ ଦେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି।

# ରାଜସ୍ଥାନରୁ ରାଜ୍ୟସଭା ଯିବେ ସୋନିଆ!



ନୂଆଦିଲ୍ଲୀ, ୨।୨ (ଏଜେନ୍ସି): ରାଜସ୍ଥାନର ତିନି ରାଜ୍ୟସଭା ଆସନରେ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ବିଜେପି ଏବଂ କଂଗ୍ରେସ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହା ମଧ୍ୟରେ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜସ୍ଥାନରୁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ରାଜ୍ୟସଭା ଯାଇପାରନ୍ତି। ତାଙ୍କୁ ପ୍ରାର୍ଥୀ କରିବାକୁ ଦଳ ଯୋଜନା କରୁଥିବା ସୂଚନା ମିଳିଛି। ଏପରି ହେଲେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାୟବରେଲିରୁ ଲୋକସଭା ନିର୍ବାଚନ ଲଢ଼ିବେ। ରାଜସ୍ଥାନରୁ ରାଜ୍ୟସଭାକୁ ଯାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ (୯୨)ଙ୍କ ମଧ୍ୟ କାର୍ଯ୍ୟକାଳ ଶେଷ ହେଉଛି। କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସେ ଆଉ ପ୍ରାର୍ଥୀ ହେବାକୁ ଚାହୁଁ ନାହାନ୍ତି।

# ପୁନମ ପାଣ୍ଡେଙ୍କ ପରଲୋକ !



ମୁମ୍ବାଇ, ୨।୨ (ଏଜେନ୍ସି): ବଲିଉଡରୁ ବିଚଳିତ କରିବା ଭଳି ଏକ ଖବର ଆସିଛି। ଅଭିନେତ୍ରୀ ପୁନମ ପାଣ୍ଡେଙ୍କ ପରଲୋକ ହୋଇଛି। ସର୍ଭାଇକାଲ କ୍ୟାନ୍‌ସର (ଗର୍ଭାଶୟ କର୍କଟ) ରେ ପୀଡ଼ିତ ହୋଇ ସେ ଶୁକ୍ରବାର ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଅଭିନେତ୍ରୀଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଏହି ସୂଚନା ଦିଆଯାଇଛି। କିଛି ଦିନ ତଳେ ତାଙ୍କର ଏହି ରୋଗ ବିଷୟରେ ଜଣା ପଡ଼ିଥିଲା। ସେତେବେଳକୁ ଏହା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଥିଲା। ତେବେ ପୁନମଙ୍କ ଭଉଣୀ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଇନଷ୍ଟାଗ୍ରାମ ପୋଷ୍ଟ କରିଥିବା ବ୍ୟକ୍ତି ବିଷୟରେ କିଛି ସୂଚନା ମିଳିନାହିଁ। ସେ ଦେଇଥିବା ନଂ ମଧ୍ୟ ଜାଲ୍ ବୋଲି ଜଣାପଡ଼ିଛି। ଅଭିନେତ୍ରୀଙ୍କ ମୃତ୍ୟୁକୁ ନେଇ ଏବେ ବି ସଂଶୟ ଜାରି ରହିଛି। ପୁନମଙ୍କ ଡ୍ରାଇଭର ଏବଂ ବଡିଗାର୍ଡଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ। ବନ୍ଧୁ, ପରିବାରବର୍ଗ, ଚାକର ଆଦିଙ୍କ ପାଖରେ ପୁନମଙ୍କ ରୋଗ କିମ୍ବା ମୃତ୍ୟୁ ବିଷୟରେ କୌଣସି ସୂଚନା ନାହିଁ। ଏବେ ପୁନମ ଉତ୍ତରପ୍ରଦେଶ କାନପୁରରେ ରହୁଥିଲେ। ତେବେ ଆଜିର ଦିନରେ ପୁନମ ପାଣ୍ଡେ ନାମର କୌଣସି ମହିଳା କାନପୁରରେ ପ୍ରାଣ ହରାଇ ଥିବାର ସୂଚନା ନାହିଁ।

# ରାଜନୀତିରେ ଅଭିନେତା ବିଜୟ



ଚେନ୍ନାଇ, ୨।୨ (ଏଜେନ୍ସି): ତାମିଲ ସୁପରଷ୍ଟାର ଥଲାପତି ବିଜୟ ରାଜନୀତିରେ ପ୍ରବେଶ କରିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ସେ ରାଜନୈତିକ ଦଳ ଗଢ଼ିଛନ୍ତି। ଏହାର ନାମ 'ତମିଝଗା ଭେତ୍ରି କଡ଼ଗମ' ଅର୍ଥାତ୍ ତାମିଲନାଡୁ ବିଜୟ ପାର୍ଟି ରଖିଛନ୍ତି। ବିଜୟଙ୍କ ଦଳ ଆସନ୍ତା ଲୋକସଭା ନିର୍ବାଚନ ଲଢ଼ିବ ନାହିଁ। ଏହି ନିର୍ବାଚନରେ ଦଳ କାହାକୁ ମଧ୍ୟ ସମର୍ଥନ ଦେବ ନାହିଁ। ଦଳର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବିଜୟ କହିଛନ୍ତି। ସେ ଚଳଚ୍ଚିତ୍ରରେ କାର୍ଯ୍ୟ ଜାରି ରଖିବେ ଏବଂ ଲୋକଙ୍କ ସେବା କରିବେ ବୋଲି ଉଲ୍ଲେଖ କରିଛନ୍ତି। ଏ ପର୍ଯ୍ୟନ୍ତ ବିଜୟ ୬୫ରୁ ଅଧିକ ଚଳଚ୍ଚିତ୍ରରେ କାମ କଲେଣି। ଏହା ମଧ୍ୟରେ ଅଧିକାଂଶ ସୁପରହିଟ୍ ଫିଲ୍ମ ସାମିଲ ରହିଛି। ମାଷ୍ଟର, ଥେରି ଭଳି ଚଳଚ୍ଚିତ୍ର ବକ୍ସ ଅଫିସରେ ରେକର୍ଡ ଆୟ କରିଛି। ବିଜୟଙ୍କ ବାର୍ଷିକ ଆୟ ୪୨୦ କୋଟି ଟଙ୍କା ରହିଛି। ସର୍ବାଧିକ ପାଉଣା ନେଉଥିବା ଅଭିନେତାଙ୍କ ମଧ୍ୟରେ ବିଜୟ ସାମିଲ ଅଛନ୍ତି। ସେ 'ଥଲାପତି ୬୫' ପାଇଁ ୧୦୦ କୋଟି ଟଙ୍କା ନେଇଛନ୍ତି। ଏହି ମାମଲାରେ ସେ ରଜନୀକାନ୍ତଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ତେବେ ରାଜନୀତିରେ ସେ ରଜନୀକାନ୍ତଙ୍କ ଭଳି ଫ୍ଲପ୍ ହେବେ ନା ରେକର୍ଡ କରିବେ ତାହା ଦେଖିବା ବାକି ରହିଲା।

**ବ୍ୟୟ ବହନ କରିବେ କେନ୍ଦ୍ର-ରାଜ୍ୟ**

# ପ୍ରତି ଜିଲ୍ଲାରେ ହେବ ମେଡିକାଲ କଲେଜ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି)

ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ ବୋଲି ବଜେଟରେ ଘୋଷଣା କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ବର୍ଷ ସରକାର ୧୫୭ ନୂଆ ମେଡିକାଲ କଲେଜ ଘୋଷଣା କରିଥିଲେ। ଏଥିରେ ମହାରାଷ୍ଟ୍ରର ୨, ହିମାଚଳ ପ୍ରଦେଶର ୩ ଏବଂ ଉତ୍ତରପ୍ରଦେଶର ୨୭ ମେଡିକାଲ କଲେଜ ସାମିଲ ଥିଲା। ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାର ଏହା ଏକ ପାଇଲଟ ପ୍ରକଳ୍ପ। ଏହି ଆଧାରରେ ଦେଶର ସବୁ ଜିଲ୍ଲାରେ ମେଡିକାଲ କଲେଜ ଆରମ୍ଭ କରାଯିବ। ସୂଚନା ଅନୁଯାୟୀ ଆସନ୍ତା ଲୋକସଭା ନିର୍ବାଚନ ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏବଂ ଜାତୀୟ ମେଡିକାଲ କମିଶନ (ଏନଏମସି) ଏହି ବିଶେଷଜ୍ଞ କମିଟି ଗଠନ କରିବେ। ଏଥିରେ ମୋଟ ୧୨ ଜଣ ସଦସ୍ୟ ରହିବେ। ଏମାନଙ୍କ ମଧ୍ୟରେ ୬ ଜଣ ଅବସରପ୍ରାପ୍ତ ବିଶେଷଜ୍ଞ ସାମିଲ ହେବେ। ଏହି କମିଟି ଏକ ଜିଲ୍ଲା-ଏକ ହସ୍ପିଟାଲକୁ ନେଇ ମଧ୍ୟ ସୁପାରିସ କରିବ। କାରଣ ଏବେ ଦେଶର ଏଭଳି ୧୭ଟି ରାଜ୍ୟ ଅଛନ୍ତି ଯେଉଁଠି ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ହସ୍ପିଟାଲ ନାହିଁ। ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ୨ ପ୍ରକାରର ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି। ଗୋଟିଏରେ କେନ୍ଦ୍ର ୬୦ ପ୍ରତିଶତ ଏବଂ ରାଜ୍ୟ ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବ। ଅନ୍ୟଟିରେ ବିଭିନ୍ନ ବିଭାଗର ହସ୍ପିଟାଲର ମୌଳିକ ଭିତ୍ତିଭୂମିକୁ ବ୍ୟବହାର କରି ମେଡିକାଲ କଲେଜ ଖୋଲାଯିବ।

# ଆତଙ୍କବାଦୀ ନିଜ୍ଜର ଘନିଷ୍ଠଙ୍କ ଘରେ ଗୁଳିମାଡ଼

ଓଟାୱା, ୨।୨ (ଏଜେନ୍ସି): କାନାଡ଼ାରେ ହତ୍ୟାର ଶିକାର ହୋଇଥିବା ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରର ଘନିଷ୍ଠ ସିମରନଜିତ ସିଂହ ଘର ଉପରେ ଗୁରୁବାର ଗୁଳିମାଡ଼ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ରୟାଲ କାନାଡିଆନ ମାଉଣ୍ଟେଡ ପୁଲିସ (ଆର୍‌ସିଏମପି) ଏହି ମାମଲାର ତଦନ୍ତ କରୁଛି। ମାତ୍ର ପୁଲିସ ବିବୃତ୍ତିରେ କାହାର ନାମ ନେଇନାହିଁ। ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ଏହି ଆକ୍ରମଣ ପଛରେ ଭାରତର ହାତ ରହିଛି ବୋଲି ଖଲିସ୍ତାନୀ ଗୋଷ୍ଠୀ ଅଭିଯୋଗ କରିଛନ୍ତି। କାରଣ କିଛି ଦିନ ତଳେ ଭାରତର ବାଣିଜ୍ୟିକ ଦୂତାବାସ ବାହାରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନର ନେତୃତ୍ୱ ସିମରନଜିତ ନେଇଥିଲା। ଏହି ଆତଙ୍କବାଦୀ ଭାରତ ବିରୋଧୀ କାର୍ଯ୍ୟକଳାପରେ ମଧ୍ୟ ଲିପ୍ତ ରହିଥିଲା।



# 'ଶେଷ ହୋଇଯାଇଛି 'ଇଣ୍ଡିଆ' ମେଣ୍ଟ'

ମୁମ୍ବାଇ, ୨।୨ (ଏଜେନ୍ସି): ଆସନ ବୁଝାମଣାକୁ ନେଇ ଶୁକ୍ରବାର ମୁମ୍ବାଇରେ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ର ଦ୍ୱିତୀୟ ବୈଠକ ବସିଛି। ଏଥିରେ ବଞ୍ଚିତ ବହୁଜନ ଅଘାଡ଼ିର ଅଧ୍ୟକ୍ଷ ତଥା ଡ. ବିଆର ଆମ୍ବେଦକରଙ୍କ ନାତି ପ୍ରକାଶ ଆମ୍ବେଦକର ସାମିଲ ହୋଇଛନ୍ତି। ବୈଠକ ଶେଷ ହେବା ପରେ ଉଦ୍ଧବ ଗୋଷ୍ଠୀର ସଞ୍ଜୟ ରାଉତ ଏବଂ ମହାରାଷ୍ଟ୍ର କଂଗ୍ରେସ ଅଧ୍ୟକ୍ଷଙ୍କ ସାମ୍ନାରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ସମାଲୋଚନା କରିଛନ୍ତି। ଏହି ମେଣ୍ଟ ଶେଷ ହୋଇଗଲାଣି ବୋଲି କହିଛନ୍ତି। ରାଷ୍ଟ୍ରୀୟସ୍ତରରେ କୌଣସି ଇଣ୍ଡିଆ ନାହିଁ। ନୀତୀଶ କୁମାର, ଆପ୍, ମମତା ବାନାର୍ଜୀ ଅଲଗା ହୋଇ ଯାଇଛନ୍ତି।

# '୪୦ ଆସନ ଜିତିପାରିବନି କଂଗ୍ରେସ'

କୋଲକାତା, ୨।୨ (ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ମୁର୍ଶିଦାବାଦରେ ଏକ ଜନସଭାକୁ ସମ୍ବୋଧନ କରି କଂଗ୍ରେସ ଉପରେ ବର୍ଷିଛନ୍ତି। କଂଗ୍ରେସ ଦଳ କେଉଁ କଥାକୁ ନେଇ ଏତେ ଅହଙ୍କାର କରୁଛି ତାହା ବୁଝାପଡୁ ନାହିଁ। ଏହି ଦଳରେ ଲୋକସଭା ନିର୍ବାଚନରେ ୩୦୦ରୁ ୪୦ ଆସନ ଜିତିପାରିବ ନାହିଁ। କଂଗ୍ରେସ ପୂର୍ବରୁ ଯେଉଁଠି ଜିତୁ ଥିଲା ଏବେ ସେଇଠି ହାରିବାରେ ଲାଗିଛି। ଯଦି ଏହି ଦଳର ସାହସ ଅଛି ତେବେ ବନାରସ ଏବଂ ପ୍ରୟାଗରାଜରେ ବିଜେପିକୁ ହରାଇ ଦେଖାଉ। କଂଗ୍ରେସର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ରାଜ୍ୟକୁ ଆସିଥିଲା। କିନ୍ତୁ ବିରୋଧୀ 'ଇଣ୍ଡିଆ' ମେଣ୍ଟରେ ଥାଇ ବି ଏ ବିଷୟରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା।

# ଇଡିରେ ହାଜର ହେଲେନି କେଜ୍ରିୱାଲ

ନୂଆଦିଲ୍ଲୀ, ୨।୨ (ଏଜେନ୍ସି)

ଦିଲ୍ଲୀ ଶୁକ୍ରବାର ଆମ୍ ଆଦମୀ ପାର୍ଟି (ଆପ୍) ଏବଂ ବିଜେପି କର୍ମୀ ପରସ୍ପର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚଣ୍ଡିଗଡ଼ ମେୟର ନିର୍ବାଚନରେ ଜାଲିଆତି କରିଥିବା ଅଭିଯୋଗରେ ଆପ୍ ବିଜେପି କାର୍ଯ୍ୟାଳୟ ଘେରଉ କରିବାକୁ ପ୍ରୟାସ କରିଛି। ସେହିପରି ବିଜେପି କର୍ମୀ ମଦ ଦୁର୍ନୀତି ମାମଲାକୁ ନେଇ ଆପ୍ କାର୍ଯ୍ୟାଳୟ ଆଗରେ ପ୍ରଦର୍ଶନ କରିଛନ୍ତି। ଇଡି ଏହି ମାମଲାରେ କେଜ୍ରିୱାଲଙ୍କୁ ୫ ସମନ ଜାରି କରିଥିଲା। କିନ୍ତୁ ଆଜି ସେ ଏଜେନ୍ସି ନିକଟରେ ହାଜର ହୋଇ ନ ଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏବଂ ହରିୟାଣା ନେତାଙ୍କ ସହ ମିଶି କେଜ୍ରିୱାଲ ବିଜେପି ବିରୋଧରେ ପ୍ରଦର୍ଶନ କରିଥିଲେ। ସେ କହିଥିଲେ ଯେ ଚଣ୍ଡିଗଡ ମେୟର ଭଳି ଛୋଟ ନିର୍ବାଚନରେ ବିଜେପି ଜାଲିଆତି କରୁଛି। ଏହି ଦଳ ଲୋକସଭା ନିର୍ବାଚନରେ କ'ଣ କରିବ ତାହା ଜଣାନାହିଁ। ଏହି ଦଳ କ୍ଷମତା ପାଇଁ ଦେଶକୁ ବିକ୍ରି କରିଦେବ। ବିଜେପି ପାପର କଳସ ଭର୍ତ୍ତି ହୋଇଗଲାଣି ବୋଲି ଚଣ୍ଡିଗଡ଼ ନିର୍ବାଚନରୁ ଦେଖିବାକୁ ମିଳିଛି। ପାପର କଳସ ଭର୍ତ୍ତି ହୋଇଗଲେ ପ୍ରକୃତି ଝାଡୁ ଚଳାଇବା ଆରମ୍ଭ କରିଥାଏ। ସେହିପରି ଦିଲ୍ଲୀରେ ପ୍ରଦର୍ଶନକୁ ନେଇ ପୁଲିସ ଆପ୍‌ର ୧୫୦ ଏବଂ ବିଜେପିର ୬୦ କର୍ମୀଙ୍କୁ ଗିରଫ କରିଛି। ଏହା ମଧ୍ୟରେ ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ଶୁକ୍ରବାର କେଜ୍ରିୱାଲଙ୍କ ଘରେ ପହଞ୍ଚିଛି। ଆପ୍ ବିଧାୟକଙ୍କ କିଣାବିକା ମାମଲାରେ ନୋଟିସ ଦେବା ପାଇଁ କ୍ରାଇମବ୍ରାଞ୍ଚ ଏସିପି ତାଙ୍କ ଘରେ ପହଞ୍ଚିଛନ୍ତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ କେନ୍ଦ୍ର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସାମାଜିକ କଲ୍ୟାଣ ପାଣ୍ଠି ଦେଉନାହିଁ ବୋଲି ଦିଦି ଅଭିଯୋଗ କରିଛନ୍ତି। କେନ୍ଦ୍ର ୭ ହଜାର କୋଟି ଟଙ୍କା ବାକି ରଖିଥିବା ଦାବି କରାଯାଉଛି।







ଶ୍ୟାମକୁ କୁହାର ତା'ର ପ୍ରେମକୁ କୁହାର ମା... / ସେ କରୁ ଗୋ ସେ ପୀରତି ତା' ଦେହ ଲୁହାର।
ଶୁଣିଛି ପ୍ରସଙ୍ଗରେ ଚନ୍ଦ୍ରାବଳୀର ସଙ୍ଗରେ / ନାଗରା ବାଜୁଛି ବ୍ରଜ ଯାକରେ ଯାହାର...
-ବୈଷ୍ଣବକବି ଗୋପାଳକୃଷ୍ଣ ପଟ୍ଟନାୟକ

ସକାଳ
THE SAKALA

## ଅନ୍ତରୀଣ ରେଳ ବଜେଟ୍‌ରେ ଓଡ଼ିଶା

# ରାଜନୀତି ଓ ଅର୍ଥନୀତିର ରସାୟନ

କେନ୍ଦ୍ରୀୟ ବଜେଟରେ ପ୍ରତ୍ୟେକ ରାଜ୍ୟ ନିଜର ଲାଭ କ୍ଷତି ଖୋଜିଥା'ନ୍ତି ଏବଂ ଏହା ସଂଘୀୟ ବ୍ୟବସ୍ଥାର ଏକ ବାସ୍ତବତା। ସେ ଦୃଷ୍ଟିରୁ କେନ୍ଦ୍ରର ଏଥରର କାମଚଳା ବଜେଟରେ ଓଡ଼ିଶାକୁ କ'ଣ ସବୁ ମିଳିଛି, ଆମ ରାଜ୍ୟ କେତେ ଉପକୃତ ହେବ, ତାହାର ଏକ ସମୀକ୍ଷା ଅତ୍ୟାବଶ୍ୟକ। ଭାରତର ରେଳ ବ୍ୟବସ୍ଥା ଭାରତୀୟ ଅର୍ଥନୈତିକ ବିକାଶର ଇଞ୍ଜିନ ଭାବେ ଗଣାଯାଏ। ବସ୍ତୁତଃ ରାଷ୍ଟ୍ରୀୟ ଅର୍ଥନୀତିକୁ ବିଶ୍ୱରେ ତିନି ନମ୍ବର କରିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ସେଥିପାଇଁ ଯୋଗାଯୋଗ ଓ ଭିତ୍ତିଭୂମି ସଂରଚନାର ବହୁବିଧ ଉନ୍ନତି ଅପରିହାର୍ଯ୍ୟ। ଏଥିନିମନ୍ତେ ସମସ୍ତ ରାଜ୍ୟରେ ସଡ଼କ, ରେଳ ତଥା ଜଳପଥ ଆଦିର ବ୍ୟାପକ ବିସ୍ତାର ବାର୍ଷିକ ତଥା ଦୀର୍ଘମିଆଦୀ ଅର୍ଥନୈତିକ ବିକାଶ ନକ୍ସାରେ ଅଗ୍ରାଧିକାର ପାଇବା ଜରୁରୀ। କିନ୍ତୁ ଐତିହାସିକ କାରଣରୁ ଓଡ଼ିଶା ଭଳି ଯେଉଁ ପ୍ରଦେଶମାନେ ରେଳବାଇ ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ର ପ୍ରସ୍ତୁତିରେ ପଛେଇ ରହିଯାଇଛନ୍ତି ସେମାନଙ୍କ ପ୍ରତି କେନ୍ଦ୍ର ସରକାର ବିଶେଷ ଦୃଷ୍ଟି ନ ଦେଲେ ଚଳିବ ନାହିଁ। ଏହାଛଡ଼ା ଓଡ଼ିଶା ଭଳି ଖଣିଜ ସମ୍ପଦ ଓ ପ୍ରାକୃତିକ ବିଭବର ପ୍ରାଚୁର୍ଯ୍ୟ ଥିବା ରାଜ୍ୟରେ ଏହା ବିଶେଷ ଦୃଷ୍ଟି ଆକର୍ଷଣ କରେ। ନ ହେଲେ 'ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ' ଭଳି ଲାଞ୍ଛନା ବାଣୀ ସ୍ୱାଧୀନତାର ବହୁବର୍ଷ ପରେ ମଧ୍ୟ ଓଡ଼ିଶାକୁ ଶୁଣିବାକୁ ପଡ଼ି ନଥା'ନ୍ତା।

ପ୍ରଥମେ ଦେଖିବା ଚଳିତ କାମଚଳା ବଜେଟ୍‌ରେ ରେଳବାଇ କ୍ଷେତ୍ର ପାଇଁ ଓଡ଼ିଶା କେତେ ପୁଞ୍ଜି ବ୍ୟବସ୍ଥା ଓ କି କି ପ୍ରକଳ୍ପ ପାଇଛି। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ୨୦୨୪-୨୫ ଅନ୍ତରୀଣ ବଜେଟରେ ରେଳବାଇ ବାବଦରେ ଓଡ଼ିଶା ପାଇଁ ୧୦, ୫୩୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସୁତରାଂ ଏହି ଅର୍ଥରାଶି ଓଡ଼ିଶାରେ ରେଳ ବିକାଶ ପ୍ରକ୍ରିୟାକୁ ଅବଶ୍ୟ କିଛିଟା ତ୍ୱରାନ୍ୱିତ କରିବ। ଏଥର ବରାଦ ହୋଇଥିବା ଅର୍ଥ ଗତ ବଜେଟ ଠାରୁ ୫୨୪ କୋଟି ଟଙ୍କା ଅଧିକ ବୋଲି କୁହାଯାଉଛି। ୨୦୨୩-୨୪ ବଜେଟରେ ଓଡ଼ିଶାର ରେଳ ବିକାଶ ପାଇଁ ୧୦, ୦୧୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ତା'ପୂର୍ବ ବର୍ଷ ଅର୍ଥାତ ୨୦୨୨-୨୩ରେ ଓଡ଼ିଶାକୁ ମିଳିଥିଲା ମାତ୍ର ୯, ୭୩୪ କୋଟି ଟଙ୍କା।

ଦୀର୍ଘକାଳ ଧରି ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ କେନ୍ଦ୍ର ସରକାର ଉପେକ୍ଷା କରି ଆସିଛନ୍ତି। ସେଥିପାଇଁ ରାଜ୍ୟ ସରକାର ନିରନ୍ତର ପ୍ରତିବାଦ, ସ୍ମାରକପତ୍ର ଜରିଆରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିବା ଫଳରେ ଯାଇ ଏହି ସ୍ଥିତି ଆସିଛି। ବହୁପୂର୍ବରୁ ଓଡ଼ିଶା ଏଥିପାଇଁ ଅନଗ୍ରସରତା ଭିତ୍ତିରେ ଓ ଆଦିବାସୀ ତଥା ପଛୁଆ ବର୍ଗ ବହୁଳ ରାଜ୍ୟ ହୋଇଥିବାରୁ ବିଶେଷଶ୍ରେଣୀର ରାଜ୍ୟ ମାନ୍ୟତା ପାଇଁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ, ରେଳ ମନ୍ତ୍ରୀ ଓ ଅର୍ଥ କମିଶନ୍ ଆଦିଙ୍କ ନିକଟରେ ଦୃଢ଼ ଦାବି ଜଣାଇ ଚାଲିଛି। ଏ ଯାବତ୍ ଓଡ଼ିଶାକୁ ବିଶେଷ ପାହ୍ୟା ରାଜ୍ୟର ସ୍ୱୀକୃତି ମିଳିପାରିନାହିଁ ଏବଂ ବହୁ ନିର୍ଣ୍ଣାୟକ ରେଳ ଭିତ୍ତିଭୂମି ଓଡ଼ିଶାରେ ଦୀର୍ଘକାଳରୁ ବିଳମ୍ବିତ ଅବସ୍ଥାରେ ରହିଛି। କେତେକ ଗବେଷକଙ୍କ ମତରେ ଖୋର୍ଦ୍ଧା-ବଲାଙ୍ଗୀର ନୂତନ ରେଳ ଲାଇନ ପ୍ରକଳ୍ପ ଏକଶହ ବର୍ଷରୁ ଅଧିକ ବିଳମ୍ବରେ କାର୍ଯ୍ୟକାରୀ ହେବାରେ ଲାଗିଛି। ସମସ୍ତ ପ୍ରତିବାଦ ଓ ଦାବି ସତ୍ତ୍ୱେ ଓ ୨୦୦୦ ମହିହା ପରଠାରୁ ଓଡ଼ିଶା ରାଜନୀତିରେ ଅଭୂତପୂର୍ବ ସ୍ଥିରତା ଆସିବା ଫଳରେ ତଥା ରାଜନୈତିକ ସଂଘୀୟ ସମତୁଲତା ରଣନୀତିରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ କିଛିଟା ଅଧିକା ପୁଞ୍ଜି ଲଗାଣ ବାଧ୍ୟତାମୂଳକ ଭାବେ ମିଳିଛି ବୋଲି ଆମେ କହିପାରିବା।

ଛୁଆ ନ କାନ୍ଦିଲେ, ମା'ତାକୁ କ୍ଷୀର ଦିଏ ନାହିଁ ବୋଲି ଯେଉଁ କଥାଟି ଅଛି, ତାହା ବିଲକୁଲ ସତ। ରେଳବାଇର ଅବହେଳା ବିରୋଧରେ ଓଡ଼ିଶାରେ କେତେ ଆନ୍ଦୋଳନ, ପ୍ରତିବାଦ ଓ ବିକ୍ଷୋଭ ଯେ ହୋଇଛି, ତାହାର ହିସାବ ନାହିଁ। ବିଧାନସଭାରେ ପ୍ରସ୍ତାବ ଗୃହୀତ ହେବା, ବିଧାୟକମାନେ ଦିଲ୍ଲୀଯାଇ ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଠାରୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ରେଳ ବିକାଶ ନିମନ୍ତେ ନିରବଚ୍ଛିନ୍ନ ସ୍ୱର ଉଠିବା ପରେ କେନ୍ଦ୍ରୀୟ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଥିଲା। କାହ୍ନୁ ଲେଙ୍କା ଓ ଭକ୍ତଚରଣ ଦାସଙ୍କ ରୂପରେ ଆମେ ମଧ୍ୟ ପ୍ରଥମ କରି ଓଡ଼ିଆ ରେଳ ରାଷ୍ଟ୍ରମନ୍ତ୍ରୀ ପାଇଥିଲୁ। ସେମାନଙ୍କ ସ୍ୱଳ୍ପ କାର୍ଯ୍ୟକାଳ ସମୟରେ ରେଳ ବିକାଶ ଧାରାରେ ଏକ ପରିବର୍ତ୍ତନ ଆସିଥିଲା। ଏବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଓ ଏଠାରେ ବୃତ୍ତିଗତ ଜୀବନ ଭାରତୀୟ ପ୍ରଶାସନିକ ସେବାରେ ଦୀର୍ଘକାଳ କଟାଇଥିବା ଶ୍ରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ରେଳବାଇର କ୍ୟାବିନେଟ୍ ମନ୍ତ୍ରୀ। ରାଜ୍ୟର ବିଜେଡି ସରକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏବେ ରାଜ୍ୟ ସରକାର ରାଜନୀତିଠାରୁ ପ୍ରାଦେଶିକ ସ୍ୱାର୍ଥକୁ ଅଗ୍ରାଧିକାର ଦେବାରୁ ଏ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ଏବେ ଓଡ଼ିଶାରେ ପ୍ରତି ଆର୍ଥିକ ବର୍ଷରେ ହାରାହାରି ୪୭୩ କିମି ନୂଆ ରେଳପଥ ନିର୍ମାଣ ହେଉଛି। ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ଘଟଣା। କେନ୍ଦ୍ର-ରାଜ୍ୟ ସହଯୋଗର ଏହା ଫଳ ବୋଲି କହିବାକୁ ହେବ।

ରେଳମନ୍ତ୍ରୀଙ୍କ ସୂଚନା ଅନୁସାରେ ଓଡ଼ିଶା ପାଇଁ ଏକାଧିକ ନୂଆ ରେଳପଥକୁ ବଜେଟରେ ମଞ୍ଜୁରି ମିଳିଥିବାବେଳେ ପୁରୁଣା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅଧିକ ଅର୍ଥ ବରାଦ କରାଯାଇଛି। ଏହାଛଡ଼ା ରାଜଧାନୀ ଭୁବନେଶ୍ୱର, କଟକ ଓ ପୁରୀରେ ବନ୍ଦେ ମେଟ୍ରୋ ଚଳାଚଳ କରିବ ଏବଂ ଏହି ସୁବିଧା ପରବର୍ତ୍ତୀ ଅବସ୍ଥାରେ ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା ରୁଟ୍, ତାଳଚେର-ଅନୁଗୋଳ ସେକ୍ସନ, ବାଲେଶ୍ୱର-ଭଦ୍ରକ-ଭୁବନେଶ୍ୱର ଓ ଅନ୍ୟାନ୍ୟ ବଡ଼ ବଡ଼ ସେକ୍ସନରେ ଆରମ୍ଭ ହେବ। ଆହୁରି ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟରେ ଏଥର ଯେଉଁ ତିନିଟି ବୃହତ୍ ରେଳ କରିଡର ନିର୍ମାଣ ପ୍ରସ୍ତାବ ରଖିଛନ୍ତି, ସେଥିରେ ଓଡ଼ିଶା ମଧ୍ୟ ଉପକୃତ ହେବ। ପ୍ରସ୍ତାବିତ ଉର୍ଜା, ଖଣିଜ ଓ ସିମେଣ୍ଟ କରିଡର, ବନ୍ଦର ସଂଯୋଗ କରିଡର ଓ ହାଇଟ୍ରାଫିକ୍ ଡେନ୍‌ସିଟି କରିଡର ଓଡ଼ିଶାକୁ ବାଦ ଦେଇ ପରିକଳ୍ପନା କରାଯାଇନପାରେ। ସେହିଭଳି କେନ୍ଦ୍ରୀୟ ଜନଜାତୀୟ ଗୌରବ କରିଡର ଦ୍ୱାରା ଓଡ଼ିଶାର ଦକ୍ଷିଣାଞ୍ଚଳ, ବିଶେଷକରି ଅବିଭକ୍ତ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାକୁ ଲାଭ ମିଳିବ। ଏବେ ରାଜ୍ୟର ଛ'ଟି ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ବଜେଟରେ ଅଧିକ ଅର୍ଥ ବରାଦ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ଖୋରଧା-ବଲାଙ୍ଗିର ପାଇଁ ୧୩୫୦ କୋଟି, ତାଳଚେର-ବିମଳାଗଡ଼ ପାଇଁ ୫୦୦ କୋଟି, ଜନଜାତୀୟ ଗୌରବ କରିଡର ନିମନ୍ତେ ୩୦୦ କୋଟି, ଜୟପୁର-ନବରଙ୍ଗପୁର ଲାଇନ ପାଇଁ ୨୩୫ କୋଟି, ଜୟପୁର-ମାଲକାନଗିରି ରେଳପଥ ପାଇଁ ୨୩୦ କୋଟି ଏବଂ ଗୁଣୁପୁର-ଥେରୁବାଲି ରେଳପଥ ପାଇଁ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଏବେ ଓଡ଼ିଶାରେ ରେଳବାଇ ପାଇଁ ଅର୍ଥ ଆଉ ସମସ୍ୟା ନୁହେଁ। ସମସ୍ୟା ହେଉଛି ଜମି ଅଧିଗ୍ରହଣ, ପ୍ରକଳ୍ପ ପାଇଁ ପରିବେଶ ଅନୁମୋଦନ ଏବଂ ପ୍ରକଳ୍ପର ତ୍ୱରିତ ରୂପାୟନ। ଏବେ ପରିସ୍ଥିତି ଏମିତି ହୋଇଛି ଉଭୟ କେନ୍ଦ୍ର ଓ ରାଜ୍ୟ କେହି କାହା ଉପରେ ଦୋଷ ଲଦି ଦାୟିତ୍ୱ ଖସାଇ ପାରିବେ ନାହିଁ। ତେଣୁ କେନ୍ଦ୍ର-ରାଜ୍ୟ ସହଯୋଗ ଏ କ୍ଷେତ୍ରରେ ଯେତେ ଅଧିକ ହେବ ଓଡ଼ିଶାରେ ରେଳ ପ୍ରସାର କାମ ସେତେ ଅଧିକ ତ୍ୱରାନ୍ୱିତ ହେବ। ●

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଓଡ଼ିଆ ସଙ୍ଗୀତ-ସାହିତ୍ୟର ଧାରା ଓ ଗୋପାଳକୃଷ୍ଣ



ଡ. ଅଜୟ କୁମାର ତ୍ରିପାଠୀ
ଛତ୍ରପୁର, ମୋ: ୯୪୩୮୩୨୩୨୪୪

୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜାଙ୍କ ପରାଜୟ ପରେ ଓଡ଼ିଶା ହରାଇବସିଛି ତାହାର ସ୍ୱାଧୀନତା। କିନ୍ତୁ ପାରଳାଖେମୁଣ୍ଡି ନିଜର ସମର କୌଶଳ ଦ୍ୱାରା ଶେଷ ପର୍ଯ୍ୟନ୍ତ ରହିଛି ଅପରାଜେୟ। ସାମୟିକ ଭାବରେ ଇଂରେଜମାନେ ବା ଅନ୍ୟାନ୍ୟ ଶକ୍ତି ପାରଳାକୁ ଅଧିକାର କରିନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପୁଣି ଫେରିଆସିଛି ଓଡ଼ିଶାର ଶାସନ ପରମ୍ପରା ମଧ୍ୟକୁ ଏବଂ ପାରଳାର ଶାସନ ପରମ୍ପରା ନିଜକୁ ଦୁର୍ଦ୍ଧର୍ଷ ବୋଲି ପ୍ରମାଣିତ କରିଛି। ପାରଳାର ରାଜପରମ୍ପରା କେବଳ ଶାସନ ଓ ମାତୃଭୂମିର ସୁରକ୍ଷା ନୁହେଁ, ବରଂ ସମଗ୍ର ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ସଞ୍ଜୀବନୀ ଅଜାଡ଼ି ଦେଇଛି।

ପାରଳାର ରାଜଧାନୀ ପାଥିପାଟନାମ ଓ ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡିକୁ ସ୍ଥାନାନ୍ତର ହେବା ସହିତ ମହେନ୍ଦ୍ରାଚଳରେ ଆରମ୍ଭ ହୋଇଥିଲା ସାହିତ୍ୟିକ ନବଜାଗରଣ। ଯେତେବେଳେ ସାରା ଓଡ଼ିଶାରୁ ଓଡ଼ିଆ ଭାଷା ସାହିତ୍ୟର ଔଜଲ୍ୟ ମଳିନ ପଡ଼ି ଆସୁଥିଲା ସେତେବେଳେ ପାରଳା ଜମିଦାରୀ ଅଞ୍ଚଳରେ ନିଜସ୍ୱ ପରମ୍ପରାରେ ସେହି ଆଭାକୁ ଆହୁରି ଦୀପ୍ତିମନ୍ତ କରିଥିଲା। ଓଡ଼ିଆ ସାହିତ୍ୟର ଭୂୟୋବିକାଶରେ ଲେଖାହେଲା ଏକ ସ୍ୱତନ୍ତ୍ର ଇତିହାସ। ସପ୍ତଦଶ ଶତାବ୍ଦୀର ମଧ୍ୟକାଳରୁ ପ୍ରାୟ ଦୁଇଶହ ବର୍ଷ ଧରି ପାରଳାଖେମୁଣ୍ଡି ଓଡ଼ିଆ ସାହିତ୍ୟର ବିକାଶଧାରାକୁ ପ୍ରଭାବିତ କରି ରଖିଥିଲା। ସଂକ୍ଷେପରେ କହିଲେ ଯେତେବେଳେ ସମଗ୍ର ଓଡ଼ିଶା ବିଦେଶ ଶାସନର ଯନ୍ତ୍ରଣାରେ ଜର୍ଜରିତ ଓ ହରାଇ ବସିଥିଲା ନିଜର ସ୍ୱାତନ୍ତ୍ର୍ୟ, ସେତିକିବେଳେ ପାରଳା ସାହିତ୍ୟର ସ୍ୱର୍ଣ୍ଣଯୁଗର ଅୟମାରମ୍ଭ ହୋଇଛି ଏବଂ ପରବର୍ତ୍ତୀ ସମୟରେ ସମଗ୍ର ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଏହି ଯୁଗର କର୍ଣ୍ଣଧାର ଥିଲେ ପାରଳାମାଟିର ଶ୍ରେଷ୍ଠ ସ୍ରଷ୍ଟା କବି କଳହଂସ ଗୋପାଳକୃଷ୍ଣ ପଟ୍ଟନାୟକ।

୧୭୮୪ ଖ୍ରୀରେ ଜନ୍ମିତ ଗୋପାଳକୃଷ୍ଣ ପଟ୍ଟନାୟକ ଥିଲେ କବିସୂର୍ଯ୍ୟ ବଳଦେବ ରଥଙ୍କ ସମସାମୟିକ। ପାରଳାମାଟିରେ ଗୋପାଳକୃଷ୍ଣଙ୍କ ନିମନ୍ତେ ଥିଲା ଏକ ସଂସ୍କୃତ କାବ୍ୟ ସାହିତ୍ୟର ସୁଦୀର୍ଘ ପରମ୍ପରା। ରାଜା ଜଗନ୍ନାଥ ନାରାୟଣ ଦେବ ପ୍ରଥମ ଓ ତତ୍‌ଗୁରୁ ଶ୍ରୀ ପୁରୁଷୋତ୍ତମ ମିଶ୍ରଙ୍କ ପ୍ରଚେଷ୍ଟାରେ ରଚିତ 'ସଙ୍ଗୀତ ନାରାୟଣ ଗ୍ରନ୍ଥ' ଓଡ଼ିଶୀ ସଙ୍ଗୀତର ଦିଗ୍‌ଦର୍ଶକ ଭାବରେ ସମର୍ପିତ। ସେହିପରି ପରିଣତ ବୟସରେ ଶ୍ରୀଜଗନ୍ନାଥ ନାରାୟଣ ଦେବ(ଦ୍ୱିତୀୟ)ଙ୍କ ବୈଷ୍ଣବ ଧର୍ମଗ୍ରହଣ ପାରଳା ଜମିଦାରୀରେ ସୃଷ୍ଟି କରିଥିଲା ଏକ ଧାର୍ମିକ ଆନ୍ଦୋଳନ, ଯାହାର ପ୍ରଭାବ ପ୍ରତିଫଳିତ ହୋଇଥିଲା ପାରଳାର ସାହିତ୍ୟ ଓ ସାଂସ୍କୃତିକ ପରମ୍ପରାରେ ଏବଂ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଥିଲା ସ୍ୱତନ୍ତ୍ର ପରିଚୟ। ଏହି ପରିଚୟର ପ୍ରଥମ ପ୍ରମାଣ ଗୋପାଳକୃଷ୍ଣ। ତାଙ୍କ ଓଡ଼ିଶୀ ସଙ୍ଗୀତ ଅନେକ ପାରମ୍ପରିକ ରାଗ ଦ୍ୱାରା ସମୃଦ୍ଧ ହୋଇଥିଲା। ଆଜି ମଧ୍ୟ ଓଡ଼ିଶାର ସଙ୍ଗୀତ ପରମ୍ପରା ଓ ଗାୟନ ଶୈଳୀରେ ଗୋପାଳକୃଷ୍ଣଙ୍କ ସଙ୍ଗୀତ ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିଂଶ ଶତାବ୍ଦୀର ସଙ୍ଗୀତ ସ୍ରଷ୍ଟା ବିଶେଷତଃ ଓଡ଼ିଶୀ ସଙ୍ଗୀତର ଧାରାକୁ ପ୍ରସାରିତ କରିଥିବା ଆପନ୍ନା ପାଣିଗ୍ରାହୀ ଏବଂ ତାରିଣୀ ଚରଣ ଗୋପାଳକୃଷ୍ଣଙ୍କ ସଙ୍ଗୀତକୁ ଆଧାର କରି ନିଜର ସଙ୍ଗୀତ ଯାତ୍ରା ଆରମ୍ଭ କରିଥିଲେ।

ଅନ୍ୟପକ୍ଷରେ ଯେତେବେଳେ ସାହିତ୍ୟ ସ୍ରଷ୍ଟାମାନେ କାବ୍ୟ ପରମ୍ପରାକୁ ପରିହାର କରି ଦରବାରୀ ସାହିତ୍ୟ ଭାବରେ ନିଜକୁ ପରିଚୟ ଦେଉଥିଲେ, ସେତିକିବେଳେ ଗୋପାଳକୃଷ୍ଣଙ୍କ ଗୀତିକବିତା ଓଡ଼ିଆ ସାହିତ୍ୟକୁ ପାଠକାଦୃତ କରିବାରେ ସହାୟକ ହୋଇଥିଲା। ଗୁରୁ ବକ୍ରବାକ୍ ଚକ୍ରପାଣି ପଟ୍ଟନାୟକଙ୍କ





ଦିଗ୍‌ଦର୍ଶନରେ ସେ ଆରମ୍ଭ କରିଥିଲେ ଗୀତିକବିତା ରଚନା। ତେବେ ନିଜସ୍ୱ ସମର୍ପଣ ଭାବ ଓ କୃଷ୍ଣପ୍ରେମ କବିଙ୍କ ସଫଳତାର ରହସ୍ୟ ଭାବରେ ଗ୍ରହଣ କରାଯାଇପାରେ। କବିବନ୍ଧୁ ହରିବନ୍ଧୁ ବେବର୍ତ୍ତା ଗୋପାଳକୃଷ୍ଣଙ୍କ ସାହିତ୍ୟ ସୃଷ୍ଟିର ସଂରକ୍ଷଣରେ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଲୋକମତ ଅନୁସାରେ ଯେତେବେଳେ ଗୋପାଳକୃଷ୍ଣ କୃଷ୍ଣପ୍ରେମରେ ବିଭୋର ହୋଇ ମନ୍ଦିର ଗୃହରେ ସଙ୍ଗୀତ ଗାନ କରୁଥିଲେ, ସେତେବେଳେ ହରିବନ୍ଧୁ ବେବର୍ତ୍ତା ମନ୍ଦିର କାନ୍ଥରେ ବା ତାଳପତ୍ରରେ ତାହାକୁ ଲିପିବଦ୍ଧ କରି ରଖୁଥିଲେ। ତାହାର ପରିଣତିରେ ଆଜି ଗୋପାଳକୃଷ୍ଣଙ୍କ ସଙ୍ଗୀତକୁ ନେଇ ଓଡ଼ିଆ ସାହିତ୍ୟ ବପୁଷ୍ମାନ ହୋଇପାରିଛି। ତାଙ୍କ **'ବ୍ରଜକୁ ଚୋର ଆସିଛି', 'ଶ୍ୟାମକୁ ଯୁହାର ମା' ତା'ର ପ୍ରେମକୁ ଜୁହାର', 'କଦମ୍ବ ବନେ ବଂଶୀ ବାଜିଲାରେ', 'ଉଠିଲୁ ଏଡ଼େ ବେଗି କାହିଁକିରେ'** ଇତ୍ୟାଦି ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟରେ ବହୁଳ ଭାବରେ ବ୍ୟବହୃତ। ତାଙ୍କର ଶ୍ରୀଗୁରୁ ପଥିକ ସ୍ତୋତ୍ର, ଶ୍ରୀରାଧାଷ୍ଟକ, ପ୍ରଣବାନନ୍ଦ ସ୍ତୋତ୍ର, ଶ୍ରୀଶ୍ରୀ ଗୋବିନ୍ଦ ମୋହିନୀ ସ୍ତବ, ବନମାଳି ଗୀତ ଏବଂ ତତ୍‌ସହିତ ଅସଂଖ୍ୟ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ବଚନିକା, ଚିଟାଉକୁ ନେଇ ଓଡ଼ିଆ ସାହିତ୍ୟ ଆଜି ସମଗ୍ର ବିଶ୍ୱ ଦରବାରରେ ପରିଚିତ।

କବି ଗୋପାଳକୃଷ୍ଣ ଥିଲେ ଜଣେ ନିରୋଳା ସାଧକ। ବୈଷ୍ଣବ ସାଧକ ଭାବରେ ରାଧାକୃଷ୍ଣଙ୍କ ଅଭେଦ୍ୟ ପ୍ରେମକୁ ନେଇ ସେ ରଚନା କରିଛନ୍ତି ଅନେକ ଚଉପଦୀ, ଚଉତିଶା, କୋଇଲି ଏବଂ ସେହି ସଙ୍ଗୀତ ମଧ୍ୟରେ ସେ ନିଜକୁ ରାଧାକୃଷ୍ଣଙ୍କ ପାଦପଦ୍ମରେ ହଜାଇ ଦେଇଛନ୍ତି। ବୈଷ୍ଣବମାନଙ୍କ ନିମନ୍ତେ ରାଧାକୃଷ୍ଣ ହେଉଛନ୍ତି ଜୀବନର ସର୍ବଶ୍ରେଷ୍ଠ ନିର୍ଯାସ ଓ ଗୋପାଳକୃଷ୍ଣଙ୍କ ସାହିତ୍ୟ ମଧ୍ୟରେ ଏହି ନିର୍ଯାସ ବାରମ୍ବାର ହେଉଛି ଅନୁରଣିତ।

ଗୋପାଳକୃଷ୍ଣଙ୍କ ରାଧାକୃଷ୍ଣ ଭାବରେ ବିହ୍ୱଳିତ ହୋଇ ତଥା ନିଜକୁ ଗୋପୀଙ୍କ ସ୍ଥାନରେ ସ୍ଥାନୀତ କରି ସଙ୍ଗୀତ ରଚନା କରୁଥିଲେ ଏବଂ ତାହାରି ମାଧ୍ୟମରେ ସେ ଆସ୍ୱାଦନ କରୁଥିଲେ ଗୋପୀପ୍ରେମ। ଏହି ସୃଷ୍ଟି ମାଧ୍ୟମରେ କବିଙ୍କ କାବ୍ୟିକ ରୂପବୈଭବ ବିକଶିତ ହୋଇଥିଲା। ବାଲ୍ୟକାଳରୁ କବି ନବରସର ଚେତନାକୁ ପାଥେୟ କରି ସଙ୍ଗୀତ ରଚନା କରୁଥିଲେ ମଧ୍ୟ ଅଧିକାଂଶ ସଙ୍ଗୀତ ମଧ୍ୟରେ ବାତ୍ସଲ୍ୟ ଓ ଶୃଙ୍ଗାର ରସର ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ। ରାଧାକୃଷ୍ଣ ପ୍ରେମ ମଧ୍ୟରେ ଉଭୟ ବିପ୍ରଲମ୍ଭ ଓ ସମ୍ଭୋଗ ଶୃଙ୍ଗାରର ଶହ ଶହ ଉଦାହରଣ କବିଙ୍କ ସଙ୍ଗୀତ ମଧ୍ୟରେ ଦେଖିବାକୁ ମିଳେ। ପୂର୍ବରାଗ, ପ୍ରେମ, ବିରହ ଓ ମିଳନର ପରମ୍ପରାରେ ଗୋପୀସଙ୍ଗୀତ ପ୍ରସ୍ଫୁଟିତ। ନାମ ଶ୍ରବଣରେ ବା ସୂଚନା ଛଳରେ ପ୍ରେମଭାଗ ଜାଗ୍ରତ ହେବା ପୂର୍ବରାଗର ସ୍ୱର। ଶ୍ରୀକୃଷ୍ଣଙ୍କ ଭକ୍ତି ସଙ୍ଗୀତ ମଧ୍ୟରେ ଏହି ପୂର୍ବରାଗର ଭାବ ପ୍ରଦର୍ଶିତ। **'କହରେ ସଙ୍ଗିନୀ! କେ ସେ ନୂଆ ଲଳନା? କାନ୍ତି କୁଳ ଦେବତା କି କରେ କଳନା / ଦଶ ଦିଶ କାଞ୍ଚନାଭ ଦିଶୁଛି ଏ କି ଦୁର୍ଲ୍ଲଭ ଦଶାର୍ଦ୍ଧଶର କରିଛି ଏ କି ରଚନା।'** ରାଧାଙ୍କ ନାମ ଶ୍ରବଣରେ ଜାତ ପୁଲକର ଏହା ଅନନ୍ୟ ଭାବ। ପ୍ରେମ ଭାବରେ ଟଳ ଟଳ ତାରୁଣ୍ୟର ଏହି ଭାଷା କବିଙ୍କ ଲେଖନୀରେ ପ୍ରତିବିମ୍ବିତ। ପୂର୍ବରାଗର ସନ୍ଦେହ ତଥା ସଂଶୟକୁ ମଧ୍ୟ କବି ଲେଖିଛନ୍ତି- **'ଏତେ ଭାଗ୍ୟ ମୋର ହେବ କି, ହେବି ବୃନ୍ଦାବନେଶ୍ୱରୀ ସେବକୀ'।** ଏହି ସମୟରେ କବିଙ୍କ ଭାବରେ କେବଳ ରାଧାକୃଷ୍ଣଙ୍କ ମିଳନର ସ୍ୱପ୍ନ। ସାଥିରେ ଲଳିତା। ରାଧାକୃଷ୍ଣଙ୍କ ମିଳନର କାହାଣୀରେ ଏକ ବିଶେଷ ଚରିତ୍ର। ରାଧାଙ୍କ ମନର କଥା ଶୁଣିବାକୁ ସେ ବ୍ୟଗ୍ର। ତେଣୁ ତ ସେ କହୁଛି- **'ଲଳିତାଗି! ମୁହିଁ ଲଳିତା ଡାକୁଛି ଏଣେ ଦେଉ ନାହୁଁ କାନ। କି ମଜିଛି ଚିତ୍ତ ଆରେ ପ୍ରାଣମିତ। ଡାଳୁତ ନାହୁଁ ନୟନ'।** ଏହି ଭାବ ମଧ୍ୟରେ ରାଧାଙ୍କ ଆବେଗ ମଧ୍ୟ ଅନୁରଣିତ। ପ୍ରେମର ଅନ୍ୟ ଏକ ଦିଗ ଅଭିମାନ। ଏହି ଅଭିମାନର ଚିତ୍ରକୁ ମଧ୍ୟ କବି ଗୋପାଳକୃଷ୍ଣ ଅତ୍ୟନ୍ତ ଭାବର ସହ ପ୍ରକାଶ କରିଛନ୍ତି - **'ରହିଯାଉଛି କି ରୁଷା ରୁଷିଟା ନିରଭିସନ୍ଧି ପ୍ରୀତିରେ'।** ମାନଭଞ୍ଜନରେ ମଧ୍ୟ କବି ସିଦ୍ଧହସ୍ତ। ଲଳିତା ମାଧ୍ୟମରେ ରାଧାଙ୍କୁ ପ୍ରଶ୍ନ ପଚାରୁଛନ୍ତି କବି- ଶ୍ରୀକୃଷ୍ଣଙ୍କ ଦର୍ଶନର ଆକାଂକ୍ଷା ମଧ୍ୟରେ ପୂର୍ଣ୍ଣତା ପ୍ରାପ୍ତିର ଚେଷ୍ଟାରେ ନିମଗ୍ନ। ରାଧା ବିଧାତାକୁ ନିନ୍ଦା କରୁଛନ୍ତି ମାତ୍ର ଦୁଇଟି ନୟନ ନିମନ୍ତେ- କବିଙ୍କ ସ୍ୱରରେ- **'ସ୍ମରଣା କରୁଛି ଅଦୃଷ୍ଟକୁ, ଯାହା ମୂରତିକି ଦେଖିବାକୁ, ଯୋଡ଼ିଏ ନୟନ ଦେଲ ବୋଲି ଯେତେ ନିନ୍ଦା କରୁଥାଇ ବିଧାତାକୁ'।** ରାଧା ଦର୍ଶନ ନିମନ୍ତେ କୃଷ୍ଣ ମଧ୍ୟ ଉଚାଟ। ସେ ମଧ୍ୟ ଅପେକ୍ଷା କରନ୍ତି ଶ୍ରୀରାଧାଙ୍କୁ- **'ବ୍ରଜ ହାଟବାଟ, ହେଲାଣି ନିଛାଟ, ଜଗିଥିବେ ବ୍ରଜବନ୍ଧୁ ନିକୁଞ୍ଜ ଦୁଆରେ'।** ସତରେ ଗୋପାଳକୃଷ୍ଣଙ୍କ ସଙ୍ଗୀତର ପ୍ରତ୍ୟେକ ଶବ୍ଦରେ ରାଧା ପ୍ରେମର ଶ୍ରେଷ୍ଠତ୍ୱ ପ୍ରତିପାଦିତ।

ସମ୍ଭୋଗ ଶୃଙ୍ଗାର ବ୍ୟତୀତ ବାତ୍ସଲ୍ୟ ରସ କବିଙ୍କ ସାହିତ୍ୟର ଅନ୍ୟ ଏକ ସଫଳତା। ଶ୍ରୀରାଧାଙ୍କ ପରି ଯଶୋଦାଙ୍କ ମାତୃତ୍ୱ ମଧ୍ୟ କବିଙ୍କ ସାହିତ୍ୟର ପରିଚୟ। **'ଧିରେ ଘେନ କାନନରେ କୃଷ୍ଣ ବିଳମ୍ବିତ'** ବା **'ବ୍ରଜକୁ ଚୋର ଆସିଛି ଘେନି ନେବ'** ସଙ୍ଗୀତ ମଧ୍ୟରେ ନାରୀର ହୃଦୟ ମଧ୍ୟରେ ଲୁଚି ରହିଥିବା ବାତ୍ସଲ୍ୟ ପ୍ରେମଟି ଜାଗ୍ରତ ହୋଇଛି। ଓଡ଼ିଶାର ଗ୍ରାମାଞ୍ଚଳରେ ଅଝଟ ଶିଶୁଟିକୁ ବୁଝାଇବାର ସମସ୍ତ ମାର୍ଗ କବିଙ୍କ ଲେଖନୀରେ ଜୀବନ୍ତ ହେଇ ଉଠିଛି। ଯଶୋଦା, ଏଠି ସାଧାରଣ ମାନବ ଚରିତ୍ରଟି ଭାବରେ ପ୍ରକାଶିତ। ଗ୍ରାମର ସାଧାରଣ ମାଆଟିଏ ପରି ସେ ସନ୍ତାନ ପାଇଁ ବ୍ୟସ୍ତ ବିବ୍ରତ। **'ବ୍ରଜକୁ ଚୋର ଆସିଛି, ଘେନି ନେବ ଶୁଅ ତୁନି ହୋଇ ରେ। ରଙ୍କର ଧନ ମୋ ଗୋକୁଳ ଚନ୍ଦ୍ରମା ନିଶି ପାଇ ନାହିଁ ରେ'** ବା **'ଉଠିଲୁ ଏଡ଼େ ବେଗି କାହିଁକିରେ ଦୁଃଖିଧନ, ଦଧି ମନ୍ଥାଇ ଦେବୁ ନାହିଁକିରେ',** - ଏହା ବାତ୍ସଲ୍ୟ ପ୍ରେମର ଶ୍ରେଷ୍ଠ ଉଦାହରଣ। କବିଙ୍କ ରଚିତ କୋଇଲି ଓ ଦୋଳିଗୀତରେ ମଧ୍ୟ ବାତ୍ସଲ୍ୟ ପ୍ରେମ ଶ୍ରେଷ୍ଠ ପ୍ରମାଣିତ।

ଶ୍ରୀଜଗନ୍ନାଥ ନାରାୟଣ ଦେବ(ପ୍ରଥମ)ଙ୍କ ଦ୍ୱାରା ରଚିତ ସଙ୍ଗୀତ ନାରାୟଣ ଗ୍ରନ୍ଥର ଆଧାରରେ ପାରଳା ମାଟିରେ ଗୋପାଳକୃଷ୍ଣ ସୃଷ୍ଟି କରିଛନ୍ତି ଓଡ଼ିଶୀ ସଙ୍ଗୀତର ଏକ ଅନନ୍ୟ ଧାରା। ଚଉପଦୀ ଓ ଚଉତିଶା, ମଧ୍ୟଯୁଗୀୟ କାବ୍ୟର ଆଙ୍ଗିକ ସ୍ୱର। ଗୋପାଳକୃଷ୍ଣଙ୍କ ସଙ୍ଗୀତ ମଧ୍ୟରେ ଚଉପଦୀ ଓ ଚଉତିଶାର ବହୁଳତା ଦେଖିବାକୁ ମିଳିଥାଏ। ଆଲୋଚକ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ମତରେ 'ଆମ ସାହିତ୍ୟରେ କବି ଗୋପାଳକୃଷ୍ଣଙ୍କ ପୂର୍ବରୁ ଯେଉଁ ପରମ୍ପରାରେ ଚଉତିଶା ରଚିତ ହୋଇଥିଲା, ଗୋପାଳକୃଷ୍ଣ ସେହି ପରମ୍ପରାରେ ଆଉ କେତେ ପାଦ ଆଗକୁ ଅଗ୍ରସର ହୋଇଛନ୍ତି। ଓଡ଼ିଶାରେ ଓଡ଼ିଆରେ ରଚିତ ଚଉତିଶାଗୁଡ଼ିକର ନିଜସ୍ୱ ରୀତି ଓ ଶୈଳୀ ରହିଛି'।

ସଙ୍ଗୀତର ସର୍ବଶ୍ରେଷ୍ଠ ଦିଗ ରାଗ ଓ ତାଳ। 'ସଙ୍ଗୀତ ନାରାୟଣ' ଗ୍ରନ୍ଥରେ ବର୍ଣ୍ଣିତ ଅନେକ ପ୍ରାଚୀନ ରାଗ ଓ ତାଳ ପ୍ରୟୋଗର ପ୍ରମାଣ ଗୋପାଳକୃଷ୍ଣଙ୍କ ସଙ୍ଗୀତରେ ଦେଖିବାକୁ ମିଳିଥାଏ। ରାଗ କାଫି, ଜଙ୍ଗଲା, କାରବାଣୀ, ଖମାଚ, ଝଞ୍ଜୋଟି, ରୀତିଗୌଡ଼ା, ବେଗଡ଼ା, ମୁଖାରୀ ଇତ୍ୟାଦିର ପ୍ରୟୋଗ ଓଡ଼ିଶୀ ସଙ୍ଗୀତର ପ୍ରାଚୀନତାକୁ ପ୍ରମାଣିତ କରିଥାଏ।

ପାରଳାଖେମୁଣ୍ଡି ସଙ୍ଗୀତ ଚର୍ଚ୍ଚାର ଏନ୍ତୁଡିଶାଳ। କବି ଗୋପାଳକୃଷ୍ଣ ଏହି ଏନ୍ତୁଡ଼ିଶାଳର ସର୍ବଶ୍ରେଷ୍ଠ ବିନ୍ଧାଣୀ, ଯୋଗଜନ୍ମା ସ୍ରଷ୍ଟା। ଗୋପାଳକୃଷ୍ଣଙ୍କ ବ୍ୟତୀତ ସାହିତ୍ୟ-ସଙ୍ଗୀତର ଧାରା ଅକଳ୍ପନୀୟ। ଗୋପାଳକୃଷ୍ଣଙ୍କୁ ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଓଡ଼ିଶାକୁ ପାରଳାର ସର୍ବଶ୍ରେଷ୍ଠ ଅବଦାନ ଭାବରେ ଗ୍ରହଣ କରାଯାଇପାରେ। ●

## ଲୋକମତ

### ପଶୁ ସୁରକ୍ଷା ଭେଳିକି

ପୁରୀ କୁଣ୍ଡାଇବେଣ୍ଟ ସାହି ପଞ୍ଚଉରାରେ ୧୯୪୩ ମସିହାରେ ମୋର ଜନ୍ମ। ମୋ ପିଲାବେଳେ ପୁରୀରେ ବୁଲା କୁକୁର ଓ ମାଙ୍କଡ଼ମାନଙ୍କର ଦୌରାତ୍ମ୍ୟ ପ୍ରବଳ ଥିଲା। ଏହାର ନିରାକରଣ ପାଇଁ ପ୍ରତି ସପ୍ତାହରେ ଆମ ସାହିକୁ ପୌରସଂସ୍ଥାର ଏକ ଗାଡ଼ି ଆସେ। କର୍ମଚାରୀମାନେ କିଛି ଖାଦ୍ୟ ଦେଇ କୁକୁରମାନଙ୍କୁ ବେକରେ ଫାସ ଗଳାଇ ଗାଡ଼ି ଭିତରକୁ ଟାଣି ନେଉଥିଲେ ଓ ସେମାନଙ୍କୁ ଏକ ପରିତ୍ୟକ୍ତ ପୋଖରୀରେ ବୁଡ଼ାଇ ମାରି ଦେଉଥିଲେ। ମାଙ୍କଡ଼ମାନଙ୍କୁ ସାଧାରଣ ଲୋକେ ଯଦି କୌଣସି ଉପାୟରେ ଧରି ତା'ର ଲାଞ୍ଜ ମ୍ୟୁନିସିପାଲିଟିରେ ଦେଖାଉଥିଲେ, ସେମାନଙ୍କୁ ମଧ୍ୟ ପ୍ରୋତ୍ସାହନ ରାଶି ମିଳୁଥିଲା। ସେତେବେଳେ ଏହି ପଶୁମାନଙ୍କ ସୁରକ୍ଷା ପାଇଁ କୌଣସି ସଂସ୍ଥା ନଥିଲା। ଏବେ କିନ୍ତୁ ଏଭଳି ସଂସ୍ଥାମାନେ ଅତ୍ୟନ୍ତ ତତ୍ପର। କୁଆଡ଼େ ଏହି ଉପକାରୀ ପଶୁମାନଙ୍କର ବିଲୁପ୍ତ ହେବାର ଆଶଙ୍କା ରହିଥିବାରୁ ସେମାନଙ୍କ ସୁରକ୍ଷା ଜରୁରୀ। ଏହା ଦେଖିଲେ, ଶୁଣିଲେ ଓ ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ବିଡ଼ମ୍ବନା ହେଉଛି ମାନବ ସମାଜର ଅତ୍ୟନ୍ତ ଉପକାରୀ ଛେଳି, ମେଣ୍ଢା, ଗାଈ, ଘୁଷୁରୀ, କୁକୁଡ଼ା, ବତକଙ୍କୁ ପ୍ରତିଦିନ ଲକ୍ଷ ଲକ୍ଷ ସଂଖ୍ୟାରେ କଂସେଇଖାନାମାନଙ୍କରେ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ବଳି ପକାଯାଉଛି। ସେମାନଙ୍କ ସୁରକ୍ଷା ପାଇଁ କୌଣସି ସଂସ୍ଥା ନାହିଁ। ଅଥଚ ଅତ୍ୟନ୍ତ ବିପଜ୍ଜନକ ଜଳାତଙ୍କରୋଗର ଭୂତାଣୁ ବାହକ ବୁଲାକୁକୁର ପାଇଁ ଏହିସବୁ ସଂସ୍ଥାମାନେ ଅତି ତତ୍ପର। ଏବେ ବୁଲା କୁକୁରମାନଙ୍କର ବନ୍ଧ୍ୟାକରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କୁକୁରମାନଙ୍କୁ ସେମାନଙ୍କ ବାସସ୍ଥଳୀମାନଙ୍କରୁ ଧରି ସହର ବାହାରେ ଥିବା ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଗୃହରେ ଅସ୍ତ୍ରୋପଚାର ପରେ ଆଣି ପୁଣି ସେମାନଙ୍କୁ ସେମାନଙ୍କର ଘରେ ଛାଡ଼ିବାର ବ୍ୟବସ୍ଥା ରହିଛି। ତା'ର ଛୁଆ ପିଲାମାନେ ବଡ଼ ହେବା ଯାଏଁ ମା'ବାପାଙ୍କ କୋଳରେ ଲାଳିତପାଳିତ ହେବେ। ଅସ୍ତ୍ରୋପଚାର ପାଇଁ ଉପଯୁକ୍ତ ବୟସ ହେବା ପର୍ଯ୍ୟନ୍ତ ସେମାନେ ଗଳି କନ୍ଦିରେ କାମୁଡ଼ି, ଛୋଟପିଲାମାନଙ୍କୁ ଜୀବନ ନେବାରେ କୌଣସି ପ୍ରତିବନ୍ଧକ ନାହିଁ। ଏହି ବ୍ୟୟବହୁଳ ଯୋଜନା କେତେ ଫଳପ୍ରଦ ହେବ, ତାହା କହିହେବ ନାହିଁ। ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜରେ ୧୯୬୧ ରୁ ୧୯୬୭ ଯାଏଁ ପାଠପଢ଼ି ଡାକ୍ତର ହେବା ପରେ ଆଜିର ସଂକ୍ରାମକ ରୋଗ ଡାକ୍ତରଖାନା ଯାହା ପୂର୍ବରୁ କଲେରା ହସ୍ପିଟାଲ ଥିଲା, ସେଠି କିଛିବର୍ଷ ମୁଖ୍ୟ ଚିକିତ୍ସକ ଦାୟିତ୍ୱରେ ଥିଲି। ମୁଁ ନିଜେ କୁକୁର କାମୁଡ଼ିଥିବା ଓ ପ୍ରତିଷେଧକ ଟିକା ନ ନେଇଥିବା ଜଳାତଙ୍କ ରୋଗୀ କିପରି ଯନ୍ତ୍ରଣାଦାୟକ ମୃତ୍ୟୁବରଣ କରନ୍ତି ତାହା ଦେଖିଛି। ତେଣୁ ଏହି ବନ୍ଧ୍ୟାକରଣ ଯୋଜନାର ପୁନଃ ସମୀକ୍ଷା ଓ ବିଚାର କରିବା ଆବଶ୍ୟକ। ଏହା କେବଳ ପଶୁ ସୁରକ୍ଷା ପାଇଁ ଏକ ଭେଳିକି ଭଳି ମନେ ହୁଏ। ●

**ଡ. କୈଳାସ ଚନ୍ଦ୍ର ମିଶ୍ର**
**ଚାନ୍ଦପୁର, ମୋ: ୯୪୩୭୨୯୩୪୦୦**

### ପୋଷ୍ଟାଲ ଅର୍ଡର୍ ମିଳୁ

ବିଭିନ୍ନ ସରକାରୀ ଦେୟ ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ବା ଆଇପିଓ ମାଧ୍ୟମରେ ପୈଠ କରିବାକୁ ନିୟମ ରହିଛି। ଏଥିପାଇଁ ବିଭିନ୍ନ ମୂଲ୍ୟର ଆଇପିଓ ଡାକଘରମାନଙ୍କରେ ଉପଲବ୍ଧ ହେଉଥିଲା। କିନ୍ତୁ ସମ୍ପ୍ରତି ଯଥା ମୂଲ୍ୟର ଆଇପିଓ ମିଳୁ ନଥିବାରୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବିଶେଷ କରି ୫ ଟଙ୍କିଆ, ୧୦ ଟଙ୍କିଆ ଆଇପିଓ ବଦଳରେ ଅଧିକ ମୂଲ୍ୟର ଆଇପିଓ କିଣିବାକୁ ବାଧ ହେଉଛନ୍ତି ଏବଂ ତତ୍‌ସହିତ ଅଧିକ କମିଶନ୍ ଦେବାକୁ ପଡୁଛି। ତେଣୁ ଅନ୍ତତଃ ସର୍ବସାଧାରଣଙ୍କ ସୁବିଧା ପାଇଁ ଆବଶ୍ୟକତାମତେ ପର୍ଯ୍ୟାପ୍ତ ପରିମାଣରେ ଭିନ୍ନ ଭିନ୍ନ ମୂଲ୍ୟର ଆଇପିଓ ସବୁ ଡାକଘରେ ଉପଲବ୍ଧ ହେଉ। ଏଥିପ୍ରତି ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦିଅନ୍ତୁ। ●

**ଅବନୀ ଚନ୍ଦ୍ର ଦାସ**
**ଭୁବନେଶ୍ୱର, ମୋ: ୯୯୩୭୫୩୭୯୭୪**

### ବିଜ୍ଞାନର ଅନ୍ଧାରୀ ଦିଗକୁ ସାବଧାନ

ମଣିଷ ଜୀବନକୁ ସୁଖଦ ଓ ସୁନ୍ଦର କରି ଗଢ଼ି ତୋଳିବାରେ ବିଜ୍ଞାନର ଅଭୂତପୂର୍ବ ଅବଦାନର ପଟାନ୍ତର ନାହିଁ। ନୂଆ ନୂଆ ଉଦ୍ଭାବନ ଓ ଆବିଷ୍କାର ବଳରେ ଜୀବନ ଜିଇଁବା ଆଜି ଖୁବ୍ ସହଜ ହୋଇଛି। ମୋବାଇଲ ଫୋନ ଓ ଇଣ୍ଟରନେଟ୍‌ର ସୁଲଭ ଓ ସହଜଲଭ୍ୟତା ଯୋଗୁଁ ବିଶ୍ୱ ଆଜି କ୍ଷୁଦ୍ର ହେବାରେ ଲାଗିଛି। ଡିଜିଟାଲ ଦେୟ ପ୍ରଦାନ ବ୍ୟବସ୍ଥା ଦେଶରେ ଛୋଟଛୋଟ କାରବାରଠାରୁ ଆରମ୍ଭ କରି ବଡ଼ ଧରଣର ଦେୟ ପ୍ରଦାନ ପାଇଁ କାର୍ଯ୍ୟ କରୁଛି। ଓଲା, ଉବେର, ଆମାଜନ୍, ଜୋମାଟୋ ଆଦି ମଣିଷର ଜୀବନଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ତେବେ ପ୍ରଯୁକ୍ତିବିଦ୍ୟାର ଆଉ ଏକ ଅନ୍ଧାରି ଦିଗ ମଣିଷକୁ ପ୍ରତିନିୟତ ଭୀତତ୍ରସ୍ତ କରିବାକୁ ଲାଗିଛି। 'ସାଇବର ଠକ' ଙ୍କ ବିଟ୍ କଏନ୍, ହନିଟ୍ରାପ୍, ବ୍ଲାକମେଲ୍, ଆକାଉଣ୍ଟ ହ୍ୟାକିଂ, ଚେକ୍ କ୍ଲୋନିଂ, 'ଡିପଫେକ୍' ଆଦି ନୂଆ ନୂଆ ଠକେଇ ଏବର ଜୀବନକୁ ଦୁର୍ବିସହ କରିଦେଲାଣି। 'କୃତ୍ରିମ ବୁଦ୍ଧିମତ୍ତା' ବା 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍' ତ ମନୁଷ୍ୟ ସୃଷ୍ଟିର ଔଚିତ୍ୟକୁ ପ୍ରଶ୍ନ କଲାଣି। କ୍ରମଶଃ ଏକ ଅନିଶ୍ଚିତତାର ଭଉଁରୀ ମଧ୍ୟକୁ ଠେଲି ହୋଇଯାଉଛି ସମଗ୍ର ମନୁଷ୍ୟ ଜାତି। ତେଣୁ ସତର୍କ ରହିବା ଓ ସଜାଗ ହେବା ଦ୍ୱାରା ଏଭଳି ବିପଦକୁ ନିଶ୍ଚୟ ଦୂରେଇ ଦେଇ ହେବ। ●

**ପ୍ରତାପ ନାୟକ**
**ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯**

### ମହିଳାଙ୍କ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ

ପରିବାରଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଯାଏଁ ମହିଳାମାନେ ଯୌନ ନିର୍ଯାତନାର ଶିକାର ହୁଅନ୍ତି। ଅନେକ ନିଜ ପଦବି ଓ କ୍ଷମତାର ସୁଯୋଗ ନେଇ ମହିଳା କର୍ମଚାରୀଙ୍କ ଉପରେ ଶୋଷଣ କରିଥା'ନ୍ତି। ନିଜ ଚାକିରିକୁ ବଞ୍ଚାଇବାକୁ ଯାଇ ଶୋଷଣର ଶିକାର ହେଉଥିବା ଅନେକ ମହିଳା ଏଭଳି ଅତ୍ୟାଚାରକୁ ସହିଯାଉଛନ୍ତି। ଏ ଦିଗରେ ସରକାର ଅଧିକ କ୍ରିୟାଶୀଳ ହୋଇ ମହିଳାଙ୍କ ପ୍ରତି ଯୌନ ଶୋଷଣ କରୁଥିବା ଅଧିକାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ମହିଳାମାନଙ୍କୁ ଅନୁରୋଧ ଏଭଳି ହୀନ ଚରିତ୍ର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ଶୋଷଣର ଶିକାର ହେଉଥିବା ମହିଳାମାନଙ୍କୁ ସେମାନଙ୍କର ସହଯୋଗୀ ମହିଳା କର୍ମଚାରୀମାନେ ସହଯୋଗ କରନ୍ତୁ। ●

**ନୃସିଂହ ଚରଣ ସାହୁ, ଢେଙ୍କାନାଳ**

### ଚିଲିକାରେ ୱାଟର୍ ମେଟ୍ରୋ ବୋଟ୍ ସେବା

ଆମ ରାଜ୍ୟର ଚିଲିକା ହେଉଛି ରାମସାର ସାଇଟ୍‌ର ମାନ୍ୟତା ପାଇଥିବା ଏସିଆର ସବୁଠାରୁ ବଡ଼ ଲବଣାକ୍ତ ହ୍ରଦ। ଚିଲିକାରେ ଅନେକ ଛୋଟ ବଡ଼ ରମଣୀୟ ଦ୍ୱୀପପୁଞ୍ଜ ତଥା ମା' କାଳିଜାଈଙ୍କର ମନ୍ଦିର ଅଛି। ଚିଲିକାରେ ଖୁବ ଶୀଘ୍ର ସୌର ବା ବ୍ୟାଟେରୀ ଚାଳିତ ବୋଟ୍ ପ୍ରଚଳନର ପ୍ରସ୍ତୁତି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଛି। କିନ୍ତୁ ସେଠାରେ ଏକ ପରିବେଶ ଅନୁକୂଳ ୱାଟର୍ ମେଟ୍ରୋ ବୋଟ୍ ସେବା ପ୍ରଚଳନ କରାଗଲେ ଏହା ସ୍ଥାୟୀ ସବୁଜ ପରିବର୍ତ୍ତନର ବାର୍ତ୍ତାବହ ହେବ। କୋଚିରେ ପରିବେଶ ଅନୁକୂଳ ୱାଟର୍ ମେଟ୍ରୋ ବୋଟ୍ ସେବା ଦକ୍ଷତାର ସହିତ କାର୍ଯ୍ୟକାରୀ କରୁଛି। ଫଳସ୍ୱରୂପ ଚିଲିକାରେ ଡିଜେଲ୍ ଚାଳିତ ମୋଟର୍ ବୋଟ୍ ଦ୍ୱାରା ହେଉଥିବା ପ୍ରଦୂଷଣର ମାତ୍ରା ଯଥେଷ୍ଟ ପରିମାଣରେ କମ୍ ହେବା ସହିତ ବିଦେଶାଗତ ପକ୍ଷୀ, ଡଲଫିନ୍ ଓ ଅନ୍ୟାନ୍ୟ ଜଳଜୀବଙ୍କ ସଂଖ୍ୟା ବୃଦ୍ଧି ପାଇବ। ଚିଲିକା ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧିରେ ଏହା ସହାୟକ ହୋଇ ସ୍ଥାନୀୟ ଲୋକଙ୍କୁ ଜୀବିକା ଉପାର୍ଜନ କରିବାରେ ସାହାଯ୍ୟ କରିବ। ●

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ପରିବେଶ ଅନୁକୂଳ ଏଟିଏମ୍ ପରିଚାଳନା

ବ୍ୟାଙ୍କ ସେବାରେ ଏଟିଏମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ମେସିନଗୁଡ଼ିକୁ ସଦା ଚଳଚଞ୍ଚଳ କରିବା ତଥା ଗ୍ରାହକମାନଙ୍କୁ ଆରାମଦାୟକ ସେବା ଯୋଗାଇଦେବା ନିମିତ୍ତ ଅଧିକାଂଶ ଏଟିଏମ୍ କୋଠରିରେ ଏସି ବା ଶୀତତାପ ନିୟନ୍ତ୍ରିତ ଉପକରଣ ଲାଗିଥାଏ। ଦରକାର ଥାଉ ବା ନଥାଉ ଏଗୁଡ଼ିକ ଦିନ ରାତି ଚବିଶ ଘଣ୍ଟା ଚାଲିଥାଏ। କେତେବେଳେ କୋଠରିଗୁଡ଼ିକ ଅତିରିକ୍ତ ଥଣ୍ଡା ହୋଇ ବାଷ୍ପମୟ ହୋଇଯାଉ ଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଲୋକମାନେ ଉକ୍ତ କୋଠରିର କବାଟକୁ ବନ୍ଦ୍ କରିବା ପାଇଁ ଭୁଲି ଯାଇ ଥାଆନ୍ତି। ତେଣୁ ସମସ୍ତ ଏଟିଏମ୍ କାଉଣ୍ଟରଗୁଡ଼ିକରେ ସେନ୍ସର୍ ବ୍ୟବସ୍ଥା ହୋଇ ପାରିଲେ ତାହା ଅଯଥା ବିଦ୍ୟୁତ୍ ଅପଚୟ ରୋକିବାରେ ସହାୟକ ହୋଇ ପାରନ୍ତା। ପ୍ରକାରାନ୍ତରେ ପରିବେଶ ପ୍ରଦୂଷଣ ରୋକିବାରେ ସହାୟକ ହୋଇ ପାରନ୍ତା। କର୍ତ୍ତୃପକ୍ଷ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଅନୁରୋଧ। ●

**ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

## ଅଙ୍ଗନବାଡି କର୍ମୀଙ୍କ ବେତନ ବୃଦ୍ଧି ପାଇଁ ହାଇକୋର୍ଟରେ ମାମଲା

**କଟକ, ୨।୨ (ସମିସ):** ଅଙ୍ଗନବାଡି କର୍ମୀମାନଙ୍କୁ ଦିନ ମଜୁରିଆଙ୍କଠାରୁ କମ ବେତନ ମିଳୁଛି। ଅନ୍ୟ କେତେକ ରାଜ୍ୟ ପ୍ରଦାନ କରୁଥିବା ହାରରେ ବେତନ ପ୍ରଦାନ ପ୍ରାର୍ଥନା କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଭାରତୀୟ ବିକାଶ ପରିଷଦ ତରଫରୁ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳର ସବିତା ଦାସ ଓ ଅନ୍ୟ ତିନିଜଣ ଅଙ୍ଗନବାଡି କର୍ମୀ ଏହି ମାମଲା ରୁଜୁ କରିଛନ୍ତି। ଆବେଦନରେ ଦର୍ଶାଯାଇଛି ଯେ ରାଜ୍ୟ ଓ କେନ୍ଦ୍ର ଶତକଡ଼ା ୪୦-୬୦ ପ୍ରତିଶତ ଭାଗୀଦାରିରେ ଏହି ଯୋଜନା ଚାଲିଛି। ଜଣେ ଦିନ ମଜୁରିଆ ୩୬୩ ଟଙ୍କା ମଜୁରୀ ବାବଦକୁ ପାଉଥିବା ବେଳେ ଅଙ୍ଗନବାଡ଼ି କର୍ମୀମାନେ ମାସିକ ୭୫୦୦ ଓ ହେଲପର୍‌ମାନେ ମାସିକ ୪୫୦୦ ଟଙ୍କା ପାଉଛନ୍ତି। ତାମିଲନାଡୁ ସରକାର ଅଙ୍ଗନବାଡ଼ି କର୍ମୀଙ୍କୁ ୨୪ହଜାର, ଦିଲ୍ଲୀ ସରକାର ମାସିକ ୧୯,୫୦୦ ଓ ତେଲଙ୍ଗାନା, ମଧ୍ୟପ୍ରଦେଶ ଓ ହରିୟାଣା ସରକାର ମାସିକ ୧୩ ହଜାର ୫୦୦ ସହ ଅନ୍ୟାନ୍ୟ ସୁବିଧା ଦେଉଥିବା ବେଳେ ଓଡ଼ିଶାରେ ଏହା କମ ରହିଛି। ଏଣୁ ଉପରୋକ୍ତ ହାରରେ ଦରମା ସହ ଅବସରକାଳୀନ ସୁବିଧା ଯୋଗାଇବା ପାଇଁ ପ୍ରାର୍ଥନା କରାଯାଇଛି। ଏହି ମାମଲାରେ ସଚିବ ଶିଶୁ ଓ ମହିଳା ବିକାଶ ବିଭାଗ କେନ୍ଦ୍ର ସରକାର, ପ୍ରମୁଖ ଶାସନ ସଚିବ ଶିଶୁ ଓ ମହିଳା ବିକାଶ ବିଭାଗ, ନୟାଗଡ଼ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି।


**AFFIDAVIT**

I, Soubhagya Lakshmi Nanda, D/o-Late Natabar Nanda, resident of Vill/PO/PS- Nihalprasad, Dist-Dhenkanal, Pin-759016, Odisha declare by this affidavit No. 446789, dated-25/01/2024 that now onwards I shall be known as **SOUBHAGYA LAXMI PANDA** for all future purposes.

**AFFIDAVIT**

I, Sayed Firoz Alli S/o- Sayed Roshan Ali, Resident of Vill - Suhagpur, Po - Nayahat, Ps-Kakatpur, Dt - Puri, Odisha declare by this affidavit number 68AA 371475 dated 02.02.2024 that now onwards I shall be known as **Sayed Firoj Alli** for all future purposes.

**AFFIDAVIT**

I, Kalpana Kumari Nanda, W/o- Ashok Kumar Dash, Resident of Plot No-L-191, Baramunda HB Colony, Po-Baramunda, PS-Bharatpur, Bhubaneswar Dist-Khordha, Odisha declare by this affidavit no. 66AA 391019 dtd 01.02.2024 that now onwards I shall be known as **Kalpana Nanda** for all future purposes.

**AFFIDAVIT**

By virtue an affidavit before the Executive Magistrate, Bhubaneswar do hereby declare that my actual name is **Timira Nayak** as per my PAN & Aadhar Card, but in my Board Certificate my name has been mentioned as **Timira Kumar Naik.** That, **Timira Nayak and Timira Kumar Naik** is one and same person. Henceforth I shall be known as **TIMIRA NAYAK**, S/o Abhimanyu Nayak for all future purposes.


## ଅବଶିଷ୍ଟାଂଶ...

### ନୂଆ ଓଡ଼ିଶା...

ଆଜି ମଧ୍ୟ ଖରିଆରବାସୀଙ୍କ ଠାରୁ ଅନେକ ଆବେଦନପତ୍ର ମିଳିଛି। ଆଉ ମାତ୍ର ୨୦ ଦିନ ପରେ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ସେ ଭିତରେ ଯେତିକି ସମ୍ଭବ ଆବେଦନର ସମାଧାନ କରାଯିବ। ଯେଉଁ ଆବେଦନ ରହିଯିବ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନିଜେ ଆସିବେ ଆଉ ୧୦ ଦିନ ଭିତରେ ସବୁ ଆବେଦନର ସମାଧାନ କରାଯିବ ବୋଲି ୫-ଟି ଅଧ୍ୟକ୍ଷ ସଭାରେ ଉପସ୍ଥିତ ହଜାର ହଜାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେ ଆହୁରି କହିଥିଲେ, ଗତ ୭ ମାସରେ ନୂଆପଡ଼ାବାସୀଙ୍କ ଦାବି ଅନୁସାରେ ପ୍ରାୟ ୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ନୂଆପଡ଼ାବାସୀଭ୍‌କ ଦାବି ଅନୁଯାୟୀ ଜିଲ୍ଲାର ସବୁ କଲେଜକୁ ୫-ଟି ରୂପାନ୍ତରଣରେ ସାମିଲ କରାଯାଇଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ୧୩ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଆସନ୍ତା ଫେବୃଆରୀ ଶେଷ ସୁଦ୍ଧା ଜିଲ୍ଲାର ସବୁ ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ୍ ରୁମ୍ ଓ ଇ-ଲାଇବ୍ରେରୀ ସୁବିଧା ପାଇବେ। ପୋଖରୀପଡ଼ାରେ ଆଦିବାସୀ ଛାତ୍ରାବାସ ପାଇଁ ୩ କୋଟି ଟଙ୍କା, କୋମନା-ସୁନାବେଡ଼ାକୁ ରାସ୍ତା ପାଇଁ ମୁଖ୍ୟମନ୍ତ୍ରୀ ୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୁନାବେଡ଼ା ରାସ୍ତାକାମ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଶାଳପଡ଼ାରେ ଏକ ଶକ୍ଷା କମ୍ପ୍ଲେକ୍ସ ପାଇଁ ୧ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମଣ୍ଡେଇ ମନ୍ଦିର ରୂପାନ୍ତରଣ ପାଇଁ ୨.୬୦ କୋଟି, ଯୋଗେଶ୍ୱର ମନ୍ଦିର ଉନ୍ନୟନ ପାଇଁ ୩.୯୫ କୋଟି, ପାତାଳଗଙ୍ଗାର ରୂପାନ୍ତରଣ ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ। ଲୋକଙ୍କୁ କାମର ହିସାବ ଦେଇ ସେ କହିଥିଲେ ଯେ ପାନୀୟ ଜଳ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୯.୪୦ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ବୋଡେନ୍-ସିନାପାଲୀ ରାସ୍ତା ପାଇଁ ୩୮୩ କୋଟି ଟଙ୍କା, ସହଜ ନଳା ଉପରେ ସେତୁ ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏସବୁ ପ୍ରକଳ୍ପ ସ୍ୱପ୍ନ ଭଳି ଲାଗୁଥାଇପାରେ, କିନ୍ତୁ ଏହା ସତ୍ୟ। କାରଣ ମୁଖ୍ୟମନ୍ତ୍ରୀ କଥା କମ୍, କାମରେ ବିଶ୍ୱାସ କରନ୍ତି। ସେଥିପାଇଁ ଆଜି ଏ ସବୁ ସମ୍ଭବ ହୋଇପାରିଛି। ଆଜି ମିଳିଥିବା ଆବେଦନ ମଧ୍ୟରୁ ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ସମ୍ପର୍କିତ ଆବେଦନ ଉପରେ ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ପଡ଼ୋଶୀ କଳାହାଣ୍ଡି ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ଖୁବଶୀଘ୍ର ନୂଆପଡ଼ାର ଲୋକେ ଲକ୍ଷ୍ମୀ ବସ୍ ସେବା ପାଇବେ। ମୁଖ୍ୟମନ୍ତ୍ରୀ ସବୁ ଯୋଜନାରେ ମହିଳା ମାନଙ୍କୁ ଅଧିକ ଗୁରୁତ୍ୱ ଦିଅନ୍ତି। ଯେଉଁଥିପାଇଁ ଲକ୍ଷ୍ମୀ ବସ୍‌ରେ ଯାତ୍ରା ପାଇଁ ମହିଳାଙ୍କୁ ମାତ୍ର ୫ ଟଙ୍କା ଦେବାକୁ ପଡୁଛି। ସେହିପରି ବିଏସ୍‌କେୱାଇରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଦିଆଯାଉଛି। ଯେଉଁମାନେ ବିଏସ୍‌କେୱାଇରେ ସାମିଲ ହୋଇନାହାନ୍ତି, ସେମାନେ ନବୀନ କାର୍ଡ ପାଇଁ ଆବେଦନ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ ଆହ୍ୱାନ ଦେଇଥିଲେ। ସେ ଆହୁରି କହିଥିଲେ ଯେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ କଳାକାର ଭତ୍ତା ବୃଦ୍ଧି କରାଯିବ ଏବଂ ଏ ନେଇ ମୁଖ୍ୟମନ୍ତ୍ରୀ ଶୀଘ୍ର ଘୋଷଣା କରିବେ। ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଥିଲେ। ଆଜି ଜିଲ୍ଲା ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ ସ୍ଥାନୀୟ ଅଧିକାରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରିବା ସହ ଶୀଘ୍ର କାମ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧ୍ୟକ୍ଷ ୪୨.୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା କୋନାବିରା ବୃହତ ଉଠା ଜଳସେଚନ ପ୍ରକଳ୍ପ, କଲେଜ ରୂପାନ୍ତରଣ ପ୍ରକଳ୍ପ, ସୁନାଦେଇ, ଯୋଗେଶ୍ୱର ମନ୍ଦିର ସମେତ ପାତାଳ ଗଙ୍ଗା ଉନ୍ନୟନ ପ୍ରକଳ୍ପ ସମୀକ୍ଷା କରିଥିଲେ। ବୋଡେନ୍ ଓ ସିନାପାଲି ବ୍ଲକ୍‌ରେ ୪୨୫ କୋଟି ବ୍ୟୟରେ ବୃହତ ଉଠାଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୨୧,୨୬୯ ଏକର ଜମିକୁ ଜଳସେଚିତ କରାଯାଇପାରିବ। ଅପରପକ୍ଷେ ଶ୍ରୀ ପାଣ୍ଡିଆନ୍ ଆଜି ନୂଆପଡ଼ା ଜିଲ୍ଲା ହସ୍ପିଟାଲରେ ୭୫.୭୦ କୋଟି ବ୍ୟୟରେ ନିର୍ମାଣ ହେଉଥିବା ଟ୍ରମା କେୟାର ସେଣ୍ଟର, ଖରିଆର ଏସ୍‌ଡିଏଚ୍‌ରେ ଆମ ହସ୍ପିଟାଲ ପ୍ରକଳ୍ପର ମଧ୍ୟ ସମୀକ୍ଷା କରିଥିଲେ। ଗତବର୍ଷ ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିବା ଲୋକଙ୍କ ପ୍ରସ୍ତାବ ଆଧାରରେ ଏସବୁ ପ୍ରକଳ୍ପ ଆରମ୍ଭ ହୋଇଛି।

### ସଂରକ୍ଷିତ ହେବ...

ସେହିପରି ପୁରୀ ଜିଲ୍ଲାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମ୍ବଲପୁର ଜିଲ୍ଲାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର ଜିଲ୍ଲାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କୋରାପୁଟର ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ସାମିଲ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଅବଗତ କରାଯାଇଛି। ଐତିହ୍ୟସମ୍ପନ୍ନ ଏହି ପୁରାତନ ଶିକ୍ଷାନୁଷ୍ଠାନଗୁଡ଼ିକର କୋଠାଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚର ହେରିଟେଜ(ଇନଟାକ୍) କିମ୍ବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଜରିଆରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରି ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ଜଷ୍ଟିସ ଚକ୍ରଧାରୀ...

ଆଜି କେନ୍ଦ୍ର ସରକାରଙ୍କ ତରଫରୁ ସୁପ୍ରିମକୋର୍ଟଙ୍କ ସୁପାରିସକୁ ଗ୍ରହଣ କରାଯାଇ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୧୯୬୩, ଜାନୁଆରି ୨୦ରେ ଜଷ୍ଟିସ ସିଂହ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (କ୍ୟାମ୍ପସ ଲ ସେଣ୍ଟର)ରୁ ଏଲଏଲବି ଡିଗ୍ରି ହାସଲ କରିଥିଲେ। ୧୯୯୦, ଅକ୍ଟୋବର ୩୦ରେ ସେ ଆଇନଜୀବୀ ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା ପାଇଁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲର ଭାବେ ତାଙ୍କୁ ୧୯୯୮ରେ ନିଯୁକ୍ତି ମିଳିଥିଲା। ପରେ ସେ ପାଟନା ହାଇକୋର୍ଟର କାଉନସେଲର ଭାବେ ପ୍ୟାନେଲରେ ସ୍ଥାନ ପାଇଥିଲେ। ପାଟନା ହାଇକୋର୍ଟରେ ଆକାଉଣ୍ଟାଣ୍ଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ମାମଲା ପରିଚାଳନା ପାଇଁ ଭାରତର ସିଏଜିଙ୍କ ତରଫରୁ ତାଙ୍କୁ ପ୍ୟାନେଲ କାଉନସେଲର ଭାବେ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ପାଟନା ହାଇକୋର୍ଟ ମେଡିଏସନ୍ ସେଣ୍ଟରରେ ମେଡିଏଟର ଭାବେ ନିଯୁକ୍ତି ପାଇଥିଲେ। ୨୦୧୦ ସେପ୍ଟେମ୍ବର ୧୮ରୁ ତାଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା ମିଳିଥିଲା। ୨୦୧୦ ଡିସେମ୍ବରରେ ବିହାର ସରକାରଙ୍କ ଅତିରିକ୍ତ ଆଡଭୋକେଟ୍ ଜେନେରାଲ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ପାଟନା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ୨୦୧୨ ଏପ୍ରିଲ ୫ରେ ସେ ପାଟନା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୩, ଫେବୃଆରୀ ୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ପାଟନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଉଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଡଃ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଦାୟିତ୍ୱରେ ଅଛନ୍ତି।

### ଅକ୍ଷର ଭୂମିରୁ...

ସମ୍ମିଳନୀରେ ରାଜ୍ୟର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଯୋଡ଼ିବାକୁ ସରକାର ଯୋଜନା ରଖିଛନ୍ତି। ଏହାସହ ଏହି ସମୟ ମଧ୍ୟରେ ଭାଷା ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମମାନ କିପରି ଅଧିକାଂଶ ବିଭାଗ ଆୟୋଜନ କରିବ, ସେନେଇ ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ଏହି ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ଗତ ଡିସେମ୍ବର ୧୯ରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ତଥା କମିସନ ସୁଜାତା ଆର୍ କାର୍ତ୍ତିକେୟନ୍ ଏକାଧିକଥର ସମୀକ୍ଷା କରି ଏହାର ସଫଳତା କାମନା କରିଛନ୍ତି। ଏହି ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ। ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଏଥିରେ ଯୋଗଦେଇ ଓଡ଼ିଆର ପ୍ରାଚୀନତ୍ୱ ସମ୍ପର୍କରେ ଆଲୋଚନା କରିବେ। ଏଥିପାଇଁ ୩ଦିନରେ ମୋଟ୍ ୧୭ଟି ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନାମାନ ଅନୁଷ୍ଠିତ ହେବ। ଏଥିସହ ବିଶେଷଜ୍ଞମାନେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ମାନସମନ୍ଥନ କରିବେ। ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ। ଅପରପକ୍ଷେ, ସମ୍ମିଳନୀରେ ଯୋଗଦେବା ଲାଗି ଭାରତ ଏବଂ ଦକ୍ଷିଣ ଏସୀୟ ସଂସ୍କୃତି ବିଶେଷଜ୍ଞ ଭାବେ ପରିଚିତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂସ୍କୃତି ବିଶେଷଜ୍ଞ ପ୍ରଫେସର ଉୱେ ସ୍କୋଡା ଏବଂ ଐତିହାସିକ ପ୍ରଫେସର ଆର୍ଲୋ ଗ୍ରିଫିଥ୍ସ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି।

### ଭାଷା ସମ୍ମିଳନୀ...

ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ ବିଏମସି ମେୟର ସୁଲୋଚନା ଦାସ, ସିଏମ୍‌ଓର ମୁଖ୍ୟ ଉପଦେଷ୍ଟା ବାଲାକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂହ ଓ ସଂସ୍କୃତି ବିଭାଗ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅକ୍ଷରଭୂମି ଭାଷାବିତ୍, ବୁଦ୍ଧିଜୀବୀ ଏବଂ ଛାତ୍ରଛାତ୍ରୀଙ୍କୁ ବେଶ ଆକୃଷ୍ଟ କରୁଛି। ପଥର ଖୋଦିତ ଅକ୍ଷର ସାଙ୍ଗକୁ ଥ୍ରୀଡି ଝଲକ ଏଠାରେ ଦେଖିବାକୁ ମିଳୁଛି। ଦିନ ଅପେକ୍ଷା ରାତିରେ ଅଧିକ ଏହା ଆକର୍ଷିତ କରୁଛି। ଅକ୍ଷର ଭୂମି ମଝି ଅଂଶରେ ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ତୋରଣ ଶୈଳୀରେ ଏକ ସୁନ୍ଦର ତୋରଣ ନିର୍ମାଣ କରାଯାଇଛି। ତୋରଣର ଠିକ୍ ପଛରେ ଓଡ଼ିଆ ଲିପି "ଅ'ର ବୃହତ ଅକ୍ଷର କରାଯାଇଛି। ଦୁଇ ପାଶ୍ୱର୍ରେ ୬ଟି ଅକ୍ଷର କାନ୍ଥ ରହିଛି। କାନ୍ଥ ଗୁଡ଼ିକରେ ଖଣ୍ଡୋଲାଇଟ୍ ପଥରକୁ ଖୋଦେଇ କରାଯାଇ ଓଡ଼ିଆ ବର୍ଣ୍ଣମାଳାକୁ ସ୍ଥାନ ଦିଆଯାଇଛି। ଖୋଦେଇ ଅକ୍ଷର ଭିତରେ ଅତ୍ୟାଧୁନିକ ଆଲୋକ ଲଗାଯାଇଛି। ଯାହା ରାତି ସମୟରେ ପରିସର ଅଧିକ ସୁନ୍ଦର କରୁଛି। ଖାଲି ସେତିକି ନୁହେଁ ଏଠାରେ ପଥରର କାରୁକାର୍ଯ୍ୟ ସହ ସବୁଜମୟ ପରିବେଶ ଆଖିଦୃଶିଆ ହୋଇଛି। ଚାରି କୋଣରେ ସବୁଜ ଘାସ ସହ ଫୁଲ ଗଛ ଲଗାଯାଇଛି। ଏଥିସହ ଫୁଟ୍ ପାଥ୍, ସେଲଫି ଜୋନ୍ ମଧ୍ୟ କରାଯାଇଛି। ପାଚେରି ଚାରିପାଖରେ ବଡ଼ ବଡ଼ ବଉଳ ଗଛ ଓ ଆଲୋକୀକରଣ ପରିବେଶକୁ ସ୍ୱତନ୍ତ୍ର ପରିଚୟ ଦେଉଛି। ୪୦ ମିଟର ଲମ୍ବ ଓ ୩୦ ମିଟର ଚଉଡ଼ାର ଏହି ପ୍ରକଳ୍ପରେ ପ୍ରାୟ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସମସ୍ତ ନିର୍ମାଣ ଖଣ୍ଡୋଲାଇଟ୍ ପଥରେ କରାଯାଇଛି।

### ଆଜି ଆସୁଛନ୍ତି...

ହଳଦିଆ, ବୋକାରୋ-ଧାମରା ପାଇପଲାଇନ ପ୍ରକଳ୍ପର ଧାମରା-ଅନୁଗୋଳ ୪୧୨ କିମି ପାଇପଲାଇନ ସେକ୍ସନକୁ ଉଦ୍‌ଘାଟନ କରିବେ। ସେହିପରି ମୁମ୍ବାଇ-ନାଗପୁର-ଝାରସୁଗୁଡ଼ା ପାଇପଲାଇନର ୬୯୨ କିମି ପାଇଁ ଭିତ୍ତିପ୍ରସ୍ତର ରଖିବେ। ଏହାଛଡ଼ା ସମ୍ବଲପୁର-ତାଳଚେର ରେଳପଥ ଦୋହରୀକରଣ ପ୍ରକଳ୍ପର ଲୋକାର୍ପଣ କରିବେ । ଖୋର୍ଦ୍ଧା- ବଲାଙ୍ଗିର ରେଳପଥର ଝାରତରଭାରୁ ସୋନପୁର ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହାବାଦ୍ ସମ୍ବଲପୁର ରେଳଷ୍ଟେସନର ଉନ୍ନତିକରଣ ପ୍ରକଳ୍ପର ଲୋକାର୍ପଣ ସହିତ ସୋନପୁର- ପୁରୀ- ସୋନପୁର ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରିବେ।


**Office of the Principal**

**SANTHA KABI BHIMA BHOI MAHIMA +3 MAHAVIDYALAYA, CHAKARKEND**

At/Po- Chakarkend, Via- Sohela, Ps/Dist.- Bargarh, Pin-768033
email- skbbm3ckd@gmail.com, Mob.: 8328932842, 7377549302

**WALK-IN-INTERVIEW**

A Walk-in-interview will be held on dated 11.02.2024 at 09.00 am in the office of the undersigned for the post of lecturers in ECONOMICS (2 nos.).

Candidates with minimum 55% marks at PG level (M.Phil & Ph.D will be Preferable) in respective subjects for lecturers are invited to report themselves with all relevant documents and resume before 09.00 am on the stipulated date.

The undersigned reserves the right to cancel the interview without any reason thereof.

N.B.: No. TA/DA will be paid.

Sd/- Principal
S.K.B.B.M. +3 Mahavidyalaya
Chakarkend

---

C-2968

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, BALANGIR.**
Ph. No – (06652 – 234647) Email. ID – eephbgr@yahoo.co.in

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 11/2023-24 Dt. 24.01.2024**

| | | | |
|---|---|---|---|
| 01. | Number of the Works | : | 03 Nos. |
| 02. | Estimated Cost | : | Rs. 112.48 to 136.47 Lakhs (approx.) |
| 03. | Period of Completion | : | 5 Month to 6Month |
| 04. | Date & Time of availability of bid document in the portal | : | From 11.00 AM of dt. 03.02.2024 to 5.00 PM of dt. 17.02.2024 |
| 05. | Last date / time of receipt of bids in the portal | : | 5 PM of dt. 17.02.2024 |
| 06. | Date & Time of opening of bids | : | At 11.00 AM of dt.19.02.2024 |
| 07. | Name and Address of the Officer Inviting Bid | : | Superintending Engineer, P.H. Division, Balangir, At- Tulsinagar, Dist- Balangir-767001 |

Further details can be seen from the web site http://tenders.ori.nic.in or www.tendersodisha.gov.in

OIPR-13005/11/0013/2324

Superintending Engineer
P.H. Division, Balangir

---

CAD-3959

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006**
PHONE – 06854-242001. FAX – 06854242038.
E-mail: sgmel_ukhep@ohpcltd.com
CIN:U401010R1995SGC003963

**E-Tender NOTICE No. - UKHEP - 13/2023-24, Dated 01.02.2024**

The Unit Head, Upper Kolab Hydro Electric Project, Bariniput, Korpaut, Odisha invites **percentage rate bid** in **Single cover system** in **ONLINE MODE** only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹) | E.M.D. (in ₹) | Cost of bid document | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Construction of boundary wall around area proposed for shifting of existing distribution transformer, earth filling to the same area & construction of catch water drain, UKHEP, Bariniput. | 40,72,878.35/- | 40,729/- | 7080/- (Rs.6000+18% GST) | "B" Class | From 10:00 AM of 09.02.2024 to13:00 Hrs of 20.02.2024 | At 11:30 Hrs. of 21.02.2024 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

OIPR-04002/11/0068/2324

Unit Head
UKHEP, Bariniput

---

b-61

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, BARIPADA**
**(E-mail address- eenhbaripada@yahoo.in)**
**INVITATIONS FOR BIDS (IFB).**
**Bid Identification No. EE NH (BPD) – 05/2023-24.**
**No. 215 / Date 31.01.2024**

1. The Executive Engineer, National Highway Division, Baripada on behalf of Governor of Odisha invites percentage rate bids in **Single Cover** system in ONLINE MODE from eligible contractors for Road works as mentioned below:
2. Nature of work : Road work
3. No. of work : 01 No.
4. Tender paper cost : Rs.6,000.00 each in ONLINE submission
5. Class of Contractor : 'C' Class /'D' Class
6. Available of bid document In website : From 11:00 A.M. of 22.02.2024 to 5:00 P.M. of 15.03.2024.
7. Date of opening of Bid : 16.03.2024 at 11:30 A.M.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

OIPR-34050/11/0003/2324

Superintending Engineer,
N.H. Division, Baripada

---

B-1725

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.III,**
**BHUBANESWAR**
E-mail- bbsrrandb03@yahoo.com
**INVITATIONS FOR BIDS THROUGH e-Procurement**
No. 651 / Dt. 01.02.2024
Auction Sale Notice 01 / 2023-24
**For disposal of Surplus Old / Condemned / Unserviceable materials.**

1. The Superintending Engineer, Bhubaneswar (R&B) Division No.III, Bhubaneswar on behalf of Governor of Odisha invites sealed Quotations in conformity with detail Auction Sale Notice in single cover system (Offline Mode) from the intending firms / persons for sale of Old / Condemned / Unserviceable materials for the work as detailed in the table below "As is where is basis".

| Sl. No. | Name of the Work | Approximate Auction Price(Rs.) | Cost of Bid Security/ EMD | Cost of Bid Documents (Non-refundable) | Period of Completion in calendar months |
|---|---|---|---|---|---|
| 1 | G.E Section No.I, Unit-8, BBSR (Auction materials list as per BOQ enclosed) | Rs. 3,96,558/- | Rs.4,000/- | 2,000/-(in shape of DD) | 15 (Fifteen) Days |
| 2 | G.E Section No.II, IRC Village, BBSR (Auction materials list as per BOQ enclosed) | Rs. 3,66,129/- | Rs.3,700/- | 2,000/-(in shape of DD) | 15 (Fifteen) Days |
| 3 | G.E Section No.III,C.S Pur, BBSR (Auction materials list as per BOQ enclosed) | Rs. 3,29,653/- | Rs.3,300/- | 2,000/-(in shape of DD) | 15 (Fifteen) Days |

**Total :- 3 (Three ) Nos**

2. Bid documents consisting of the details of old/condemned / unserviceable materials, specifications, the Schedule of Quantities and the set of terms and conditions of disposal and other necessary documents can be seen in all the offices selling the documents and office of the undersigned during office hours on working days except Sundays and Public Holidays till last date & hour of sale and receipt of tender papers.
3. Bids must be accompanied with **Bid Security** of the amount specified for the work in the table under **Col.4** in shape of **DD** of any Nationalized Bank duly pledged in favour of Superintending Engineer, Bhubaneswar (R&B) Division No.III, Bhubaneswar.
4. The sale of the Bid documents shall start from **dt.05/02/2024** and close on **dt.15/02/2024 at 5.30-PM** and the Bids shall be Sold / received in the office of the Superintending Engineer, Bhubaneswar (R&B) Division No.III, Bhubaneswar (Offline Mode :- By Hand / By Post) up to **dt.15/02/2024 up to 5.30-PM** and the same will be opened on **dt.16.02.2024 at 11.30-AM.**
5. The bid documents may be purchased from the office of the undersigned against a **Non-Refundable Fee towards cost of the documents as indicated in Column-5 in the shape of cash or Demand Draft issued from any scheduled of Nationalized Bank payable at Bhubaneswar in favour of Superintending Engineer, Bhubaneswar (R&B) Division No.III, Bhubaneswar.**

OIPR-34089/11/0041/2324

Superintending Engineer,
BBSR (R&B) Division No. III, BBSR

---

A-1383

**GOVT. OF ODISHA**
**DEPARTMENT OF WATER RESOURCES**
**O/O THE SUPERINTENDING ENGINEER,**
**QUALITY ASSURANCE DIVISION, BHADRAK.**
**email- qcdbdk2016@gmail.com**
**BID IDENTIFICATION NO: QADBDK-05/2023-24**

| | | |
|---|---|---|
| 01. | Name of work | "Procurement of Quality Control Laboratory Equipments for Quality Assurance Division, Bhadrak for the year 2023-24. (i.e. Portable Concrete Core Drilling Machine, Coarse & Fine IS Sieves for Road works, Bitumen Extractor-Hand Operated and CTM-2000KN)" |
| 02. | No. of works | 1 No. |
| 03. | Bid Identification No. | QADBDK-05/2023-24 |
| 04. | Tender cost | Rs. 7,29,500.00 |
| 05. | Bid security | 1% of tender amount.( Rs. 7300.00) |
| 06. | Cost of Tender Paper | Rs.4,000/- |
| 07. | Period of procurement | **30 Days** |
| 08. | Date & time of availability of bid documents in the website http:// www.dowrodisha.gov.in | **From dt.05.02.2024 , 10.00AM to dt.15.02.2024 , 5.00PM** |
| 09. | Time for receipt of bids in the specified Tender box in the o/o the Superintending Engineer, Quality Assurance Division, Bhadrak. | **Up to 1.00 PM, of dt.16.02.2024.** |
| 10. | Date and time of Opening of Tender | **Dt. 16.02.2024 at 3.30 PM** |
| 11. | Name and Address of the Officer inviting Bid | **Superintending Engineer, Quality Assurance Division, Bhadrak, Odisha E-mail:- qcdbdk2016@gmail.com.** |

Further details can be seen from the State Govt.website http:// www.dowrorissa.gov.in

OIPR-32056/11/0013/2324

Superintending Engiheer
Quality Assurance Division,
Bhadrak.

---

A-1396

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THESUPERINTENDING ENGINEER,**
**DEO CANAL DIVISION, KARANJIA**
**AT/PO: KARANJIA, DIST.: MAYURBHANJ-757037**
Tel:06796-220124, E-mail:eedcd2016@gmail.com

**"e" Procurement Notice**
**Bid Identification No.: 05/SEDCD of 2023-24(Online)**

Name of Work : As per Detailed Tender Call Notice
Total No. of Packages : 01 (One)
Estimated cost of Package : **25.42 Lakh**
Period of Completion : 3 months
Class of Contractor : "C & B"
Other Details :

| Procurement Officer | Bid-Identification No. | Availability of tender on-line for biding | |
|---|---|---|---|
| | | From | To |
| Superintending Engineer, Deo Canal Division, Karanjia | 05/SEDCD of 2023-24 (on-line) | **05.02.2024** at 10.00 AM | **15.02.2024** up to 05.00 PM |

Further details can be seen from the Govt. web site www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.

Sd/-
Superintending Engineer,
Deo Canal Division, Karanjia.

OIPR-32380/11/0006/2324

---

B-1724

OFFICE OF THE
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail seec.bbsr2010 @ gmail.com
Bid Identification No.S.E.E.C (R&B) 30/2023-24
No. 379 /Date 31.01.2024

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.03.02.2024 at 05.00 P.M. to dt.17.02.2024 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.19.02.2024 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Superintending Engineer
Electrical Circle (R&B) Odisha, BBSR

OIPR-34006/11/0039/2324

---

A-1383

Phone No.(06856)-222081(Off.)
E-mail: - eemirgd@ymail.com

**GOVERNMENT OF ODISHA**
**DEPARTMENT OF WATER RESOURCES**
OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA
**e-PROCUREMENT NOTICE**
**BID IDENTIFICATION NO. ONLINE – 11 /MID RGD/2023-24**
**Lt. No. 363 // MIDRGD // date. 31.01.2024**

The Superintending Engineer, M.I. Division, Rayagada on behalf of Governor of Odisha invites Percentage Rate Bids in **Double Cover System** through e-procurement to be received in online mode only for the works as detailed in the table below. The bid should be submitted online in the web site www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Improvement to Bhangi MIP (D/W) in Ramanaguda Block of Rayagada District under ERM Scheme 2023-24. |
| 2. | Total No. of works | : | 1 (One) No. Only |
| 3. | Estimated cost | : | Approximately 80.72 Lakh. |
| 4 | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | **From 10:00 AM on 09.02.2024** and **upto 5:30 PM on 23.02.2024** Document in portal |
| 7. | Last date / time for receipt of Bid | : | **upto 5:30 PM on 23.02.2024** Document in portal |
| 8. | Date / Time of opening of Technical Bid | : | **From 11:00 AM on 26.02.2024** At O/o SE, M.I. Division, Rayagada |
| 9. | Name and Address of Officer inviting the Bid. | : | Superintending Engineer, M.I. Division, Rayagada |
| 10. | Mode of Payment of Bid cost and Bid security. | : | Online |

OIPR-32056/11/0013/2324

Superintending Engineer
M.I. Division, Rayagada

---

A-1385

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
***"e"-PROCUREMENT NOTICE***
**BID IDENTIFICATION No: 09 MID JSP/2023-24**

1. **Name of the Inviting Officer:-Superintending Engineer, Minor Irrigation Division, Jashipur**
2. **Name of the Work:-** **Construction of Check Dam & Improvement to MIP of Mayurbhanj District.**
3. **No. of Works:-** **11(eleven)Nos.**
4. **Tender Amount Varies From:-** **55.09 lakh to 99.34 lakh**
5. **Date and Time of Availability of BID Document in the Portal for online Bidding from: -** **10.00hrs Dt 09.02.2024 to 17.00hrs Dt.16.02.2024.**
6. **Last Date and Time of receipt of Bids in the Portal:-** **17.00hrs Dt.16.02.2024.**
7. **Last Date and Time for clarification up to: -** **17.00hrs Dt.16.02.2024.**
8. **Date of opening of Bid: -** **11.00hrs onwards Dt.17.02.2024.**

**The detail tender call notice can also be seen in the DOWR website: http://dowrorissa.gov.in**

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:- eemijashipur@yahoo.com

Further details can be seen from the e-Procurement market place. : **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

OIPR-32282/11/0014/2324

Superintending Engineer
M.I Division, Jashipur



# ପ୍ରାଚୀନ ଓଡ଼ିଆ ଶିଳାଲେଖ ଓ ତମ୍ବାପଟା ସନନ୍ଦରେ ଓଡ଼ିଆ ଭାଷାର ସ୍ୱରୂପ



ଭାଷାର ପ୍ରକୃତ ସ୍ୱରୂପ ଶିଳାଲେଖରେ ହିଁ ପ୍ରତିଫଳିତ ହୋଇଥାଏ। ଶିଳାଲେଖର ସମୟ ଅନୁସାରେ ସେହି ସମୟର ପ୍ରଚଳିତ ଭାଷା ସେଥିରେ ଖୋଦିତ ହୋଇଥାଏ। ଅବଶ୍ୟ ପ୍ରାଚୀନ ଓଡିଶାରେ ଲେଖିବାର ପ୍ରଧାନ ଉପକରଣ ଥିଲା ତାଳପତ୍ର; ମାତ୍ର ତାଳପତ୍ର ଗୁଡିକ ବହୁକାଳ ସ୍ଥାୟୀ ହୋଇ ରହି ନପାରେ। ଏଗୁଡିକ କୀଟଦ୍ରଷ୍ଟ କିମ୍ବା ମାଟି ପାଣି ସଂସ୍ପର୍ଶରେ ଆସିଲେ ନଷ୍ଟ ହୋଇଯାଏ। ସେଥିପାଇଁ ତାଳପତ୍ର ଅପେକ୍ଷା ଶିଳାଲେଖ ଓ ତମ୍ବା ସନନ୍ଦ ପଟା ଅଧିକ ଉପାଦେୟ ଓ ସ୍ଥାୟୀ ଭାବରେ ଲେଖନ କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ଭାଷାର ଯଥାର୍ଥ ସ୍ୱରୂପ ନିର୍ଣ୍ଣୟପାଇଁ ଏହି ଉପାଦାନଗୁଡିକ ଅଧିକ ଗୁଗୁତ୍ୱପୂର୍ଣ୍ଣ।

ଓଡିଶାରେ ରାଜାମାନଙ୍କ ଦ୍ୱାରା ଖୁଣ୍ଟିଆ ନାମକ ଏକ ଖୋଦନ ବୃତ୍ତିଜୀବୀ ନିଯୁକ୍ତ ହେଉଥିଲେ। ସେମାନେ ଅଭିଲେଖ ବା ତାମ୍ରପତ୍ରଗୁଡିକରେ ରାଜାମାନଙ୍କର ରାଜ୍ୟଜୟ, ଅନୁଶାସନ ଦଣ୍ଡାଦେଶ, ବ୍ରାହ୍ମଣ, ସନ୍ନ୍ୟାସୀ, ପୂଜକ, ପୁରୋହିତ, ପଣ୍ଡିତ ଓ ଦେବଦବୀମାନଙ୍କୁ ଦାନ ଦକ୍ଷିଣା ଦେବଦେବୀମାନଙ୍କର ସେବା ପୂଜା ନିମିତ୍ତ ନିଷ୍କର ଭୂମି, ସ୍ୱର୍ଣ୍ଣମୁଦ୍ରା, ଗୋ ସମ୍ପଦ ଅର୍ପଣ ପ୍ରଭୃତି ଖୋଦନ କରୁଥିଲେ। ଏହି ବିବରଣୀ ମଧ୍ୟରୁ ଓଡିଆ ଭାଷାର ପ୍ରାଚୀନତା ଲକ୍ଷ୍ୟ କରାଯାଇପାରେ।

ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ମରହଟ୍ଟା ଓ ଓଡିଆ ଏହି ଦୁଇ ଭାଷା ଖୋଦିତ ଅଭିଲେଖ ଦୃଷ୍ଟିରୁ ଅତୀବ ଗୁରୁତ୍ୱପୂର୍ଣ୍ଣ। ଓଡିଆ ଭାଷା ମରହଟ୍ଟା ଭାଷା ଅପେକ୍ଷା କ୍ଷେତ୍ରରେ ଅଗ୍ରଣୀ। ଓଡିଶାରେ ଅଭିଲେଖଗୁଡିକ ମୁଖ୍ୟତଃ ଧାତୁଲେଖ ଓ ଶିଳାଲେଖ।

ଧାତୁ ମଧ୍ୟରେ ତାମ୍ର ଅଧିକ ବ୍ୟବହୃତ। ଏଗୁଡିକ ମୁଖ୍ୟତଃ ଓଡିଶା ଓ ଆନ୍ଧ୍ରପ୍ରଦେଶର ଉତ୍ତରାଞ୍ଚଳ ମନ୍ଦିର ଗାତ୍ରରେ, ସ୍ତମ୍ଭରେ ଅଥବା ସ୍ୱତନ୍ତ୍ର ଭାବରେ ନିର୍ମିତ ସ୍ତୁପ ଦେହରେ ଖୋଦିତ।

ପ୍ରାଚୀନ ଅଭିଲେଖର ପ୍ରଥମ ପର୍ଯ୍ୟାୟ

ଆଜି ପର୍ଯ୍ୟନ୍ତ ଯେତେ ଶିଳାଲେଖ ଆବିଷ୍କୃତ ହୋଇଛି ସେଥିମଧ୍ୟରୁ ପ୍ରାଚୀନତମ ହେଉଛି ୨ୟ ବଜ୍ରହସ୍ତ ଦେବଙ୍କର ଉରଜାମ ଶିଳାଲେଖ। ଏହାର ସମୟ ହେଉଛି ୧୦୫୧ ଖ୍ରୀଷ୍ଟାବ୍ଦ। ଏହି ଶିଳାଲେଖଟି ଆନ୍ଧ୍ରପ୍ରଦେଶର ସିକାକୋଲ ତାଲୁକର ଉରଜାମ ତାଲୁକରେ ସ୍ଥାପିତ। ମାତ୍ର ଡଃ. ସତ୍ୟନାରାୟଣ ରାଜଗୁରୁ ସୋରୋ ନିକଟସ୍ଥ ଗଣ୍ଡିବେଢ ଗ୍ରାମରୁ ଆବିଷ୍କୃତ ଏକ ବୌଦ୍ଧ ପ୍ରତିମାର ୧୦ମ/୧୧ଶ ଶତାବ୍ଦୀ ବୋଲି ସ୍ଥିର କରିଛନ୍ତି। ସେ ଦୁଇଧାଡି ହେଉଛି-

"ଦେବ କହି ବକତି କରୁଣ
ଅଛନ୍ତି ଭୋ କୁମାର ସେଣ"

ମାତ୍ର ଲିପିତତ୍ତ୍ୱ ଦୃଷ୍ଟିରୁ ଡଃ. କୁଞ୍ଜବିହାରୀ ତ୍ରିପାଠୀ ଏହାକୁ ପ୍ରାଚୀନତମ ଅଭିଲେଖ ଭାବରେ ଗ୍ରହଣ କରନ୍ତି ନାହିଁ। ଯଦିବା ସେ ଏହାକୁ ୧୩ ଶତାବ୍ଦୀ କିମ୍ବା ତା ପୂର୍ବବର୍ତ୍ତୀ ଲେଖା ଭାବରେ ଗ୍ରହଣ କରିଛନ୍ତି। ଅବଶ୍ୟ ଏହାର ବହୁପୂର୍ବରୁ ଅର୍ଥାତ୍ ୭ମ ଶତାବ୍ଦୀରେ ମାଧବ ବର୍ମାଙ୍କ ଖୋଦିତ ଖୋର୍ଦ୍ଧା ତାମ୍ର ଶାସନରେ 'କୁମ୍ଭାର'ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରେ ଖୋଦିତ ଅନନ୍ତ ବର୍ମାଙ୍କ ମଞ୍ଜୁଷା ତାମ୍ର ଶାସନରେ 'ଭିତରୁ' ଓ 'ପଦର' ଶବ୍ଦର ବ୍ୟବହାର ହୋଇଥିବାର ଦେଖିବାକୁ ମିଳେ। ମାତ୍ର ଏଇ କେତୋଟି ଶବ୍ଦକୁ ଆଧାର କରି ଓଡିଆ ଭାଷାର ଉତ୍ପତ୍ତି ବିକାଶର ସମୟନିରୂପଣ କରିବା ନିରାପଦ ନୁହେଁ। ପ୍ରକୃତରେ ଦେକିବାକୁ ଗଲେ ଏକାଣ୍ୟ ଖୋଦିତ 'ଉରଜାମ' ଶିଳାଲେଖ ହିଁ ପ୍ରାଚୀନତମ ଓଡିଆ ଶିଳାଲେଖର ଗୌରବ ବହନ କରେ। ଏଥିରେ ବ୍ୟବହୃତ ବହୁଶବ୍ଦ ପରବର୍ତ୍ତୀ ରଚନାଗୁଡିକରେ ବ୍ୟବହୃତ। ଏଥିରେ ବ୍ୟବହୃତ ଶବ୍ଦ ମେଲାଣ, ଦେଲା, ଧିଲ (ଦେଲା), ଶଣି (ଶନି), ସନ୍ମୁଖ (ସମ୍ମୁଖେ) ସମର, ରିପୁ, ଦର୍ପ, ମର୍ଦ୍ଦନ, ଭୁଜବଳ, ପରାକ୍ରମ, ଗଙ୍ଗା, ଅବଲମ୍ବନ, ସ୍ତମ୍ଭ, ଶ୍ରୀମଦ୍ ଅନନ୍ତ ବର୍ମାଦେବ, ବିଜୟ, ରାଜ୍ୟ, ସମ୍ବତ୍ସର ୧୫, ତୁଲା (ତୁଳା) ମାସ, ଶୁକ୍ଳପକ୍ଷ, ଦିନ, ପଞ୍ଚମୀ ବାର, ପର୍ବ, ଭାଗ, ସହସ୍ର, ସୁବର୍ଣ୍ଣ, ଦଣ୍ଡ, ସରସ୍ୱତୀ, ବଲ୍ଲଭ, ଲେଖିତ, ପ୍ରଭୃତି ତଦ୍ଭବ ଓ ତତ୍ସମ ଓଡିଆ ଶବ୍ଦଗୁଡିକ ବ୍ୟବହୃତ ହୋଇଅଛି।

## ଭାଷାଯୋଦ୍ଧା ଦେବୀପ୍ରସନ୍ନ



ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଭାଷା କ୍ଷେତ୍ରକୁ ବିଶେଷକରି ଓଡ଼ିଆ ଭାଷାର ପ୍ରସାର ଦିଗରେ ଅବିସ୍ମରଣୀୟ ଅବଦାନର ସ୍ୱୀକୃତି ସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପ୍ରଥମ ମର୍ଯ୍ୟାଦାପୂର୍ଣ୍ଣ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଆଧୁନିକ ଭାରତୀୟ ଭାଷାବିଜ୍ଞାନର ପ୍ରଣମ୍ୟ ପୁରୁଷ। ଭାରତୀୟ ଭାଷା ସଂସ୍ଥାନ, ମୈଶୂରର ପ୍ରତିଷ୍ଠାତା ନିର୍ଦ୍ଦେଶକ, ଭାରତୀୟ ଭାଷାନୀତି ପ୍ରଣୟନର ଅଗ୍ରଦୂତ ପଦ୍ମଶ୍ରୀ ପଟ୍ଟନାୟକ ଭାଷା କ୍ଷେତ୍ରକୁ ତାଙ୍କର ଅବଦାନ ଦେଶ ବିଦେଶରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଆସାମର ବୋଡ଼ୋ ଭାଷାକୁ ସାମିଲ କରିବା ପାଇଁ ତାଙ୍କର ଅନନ୍ୟ ଅବଦାନ ରହିଥିଲା। ଓଡ଼ିଆ ଭାଷାକୁ ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଭାଷାବିଜ୍ଞାନର ବିଭିନ୍ନ ବିଭାଗରେ ଚଳଚଞ୍ଚଳ ତେୟାନବେ ବର୍ଷର ତରୁଣ ପଦ୍ମଶ୍ରୀ ପଟ୍ଟନାୟକ କବିଲିପି, ଭାଷା ଓ ସାହିତ୍ୟ, ପ୍ରୟୋଗିକ ଭାଷାବିଜ୍ଞାନ ସହ Conversational Odia Multilingualism ଆଦି ଅନେକ ପୁସ୍ତକର ସ୍ରଷ୍ଟା। ତାଙ୍କ ତୁଳନାତ୍ମକ ଗବେଷଣା ନିବନ୍ଧ 'A Controlled Historical Reconstruction of Oriya, Assamees, Bengali and Hindi' ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାର କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପ୍ରଦାନ କରିଛି। American Institute of Indian Studiesର ମୁଖ୍ୟ ଭାଷାବିତ୍ ସହ ବହୁ ଉଚ୍ଚ ପଦପଦବୀ ମଣ୍ଡନ କରିଥିବା ପଦ୍ମଶ୍ରୀ ପଟ୍ଟନାୟକ ଓଡ଼ିଆ ଭାଷା, ଓଡ଼ିଆ ଜାତିର ଗର୍ବ ଓ ଗୌରବକୁ ଦେଶ ବିଦେଶରେ ବହୁଗୁଣିତ କରିଛନ୍ତି। ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀ ଶାନ୍ତିନିକେତନରୁ ନିଜ ବୃତ୍ତିର ଯାତ୍ରା ଆରମ୍ଭ କରିଥିବା ପଦ୍ମଶ୍ରୀ ପଟ୍ଟନାୟକ ପରବର୍ତ୍ତୀ କାଳରେ ପୁନେ, ମୈଶୂର ଏବଂ ନୂଆଦିଲ୍ଲୀ ସମେତ ଭାରତର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଆସନର ଅଧିକାରୀ ହୋଇପାରିଥିଲେ। ଭାଷା କ୍ଷେତ୍ରର ବିବିଧତା ଓ ଭାଷାନୀତି ପ୍ରଣୟନରେ ତାଙ୍କ ସ୍ୱାତନ୍ତ୍ର୍ୟ ପାଇଁ ଭାରତ ସରକାରଙ୍କ ତରଫରୁ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ। ତେୟାନବେ ବର୍ଷର ଚଳଚଞ୍ଚଳ ଭାଷାବିଜ୍ଞାନୀ ପଦ୍ମଶ୍ରୀ ପଟ୍ଟନାୟକ ଓଡ଼ିଶାର ସର୍ବକନିଷ୍ଠ ଗଡ଼ଜାତ ତିଗିରିଆର ମୂଳବାସିନ୍ଦା। ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଉଥିବା ଓଡ଼ିଆ ଭାଷାର ଏହି ସର୍ବୋଚ୍ଚ ସମ୍ମାନ ଓଡ଼ିଆ ଭାଷା ଓ ଜାତି ପାଇଁ ଏକ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ପଦକ୍ଷେପ ବୋଲି କୁହାଯାଇପାରେ। ଏହି ସମ୍ମାନ ଶାସ୍ତ୍ରୀୟ ଓଡ଼ିଆ ଭାଷାକୁ ଆଗାମୀ ଦିନରେ ଅଧିକ ଗୌରବ ପ୍ରଦାନ କରିବାରେ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ।

**ଡ. ଦେବାଶିଷ ମହାପାତ୍ର**
**ସହକାରୀ ପ୍ରଫେସର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର**



ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ଐତିହାସିକ ପଦକ୍ଷେପ। ସମସ୍ତ ଓଡ଼ିଶାବାସୀଙ୍କ ସହିତ ମୁଁ ମଧ୍ୟ ଆନନ୍ଦିତ ଓ ଗର୍ବ ଅନୁଭବ କରୁଛି। ବାସ୍ତବରେ ଏହା ଓଡ଼ିଆ ଭାଷାକୁ ସକ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜନସାଧାରଣଙ୍କ ମନରୁ ହୀନମନ୍ୟତା ଦୂର କରିବା ସହିତ ସ୍ୱାଭିମାନ ଉଜ୍ଜୀବିତ କରିବ। ଓଡ଼ିଆ ଭାଷାକୁ ଭଲ ପାଇବା ଓ ସମ୍ମାନ ଦେବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଏହା ଏକାଦିକ୍ରମେ ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବ।

**ପ୍ରଫେସର ସବିତା ପ୍ରଧାନ**
**କୁଳପତି, ଓଡିଆ ବିଶ୍ୱ ବିଦ୍ୟାଳୟ**



ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ସମଗ୍ର ଓଡ଼ିଶାରେ ବିଭିନ୍ନ ମହା ବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟରେ ଯାହା ଅନୁଷ୍ଠିତ ହେଉଛି ତାହା ଓଡିଆ ଭାଷା ସାହିତ୍ୟ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷତଃ ଓଡିଆ ଭାଷା ଏବଂ ସାହିତ୍ୟ କିପରି ଭାବରେ ବିଶ୍ୱ ପରିପେକ୍ଷୀରେ ନିଜର ମାନ ରକ୍ଷା କରିପାରିବ ଏବଂ ତାର ପ୍ରଚାର ପ୍ରସାର ହୋଇପାରିବ ସେଥିପାଇଁ ଏହି ଉଦ୍ୟମ ଅତ୍ୟନ୍ତ ଉପକାରୀ ହେବ। ଓଡିଆ ଭାଷା ପ୍ରତି ଶିକ୍ଷିତ ସମ୍ପ୍ରଦାୟରେ ଯଥେଷ୍ଟ ଆଗ୍ରହ, ପ୍ରୋତ୍ସାହନ ଏବଂ ତାର ବିକାଶ ପାଇଁ ଉଦ୍ୟମ ଲକ୍ଷ୍ୟ କର ନାହୁଁ। ଆଜି ଏହି ଯୋଉ କାର୍ଯ୍ୟକ୍ରମସବୁ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନୁଷ୍ଠିତ ହେଉଛି ତାହା ସମସ୍ତଙ୍କୁ ସଚେତନ କରିବ। ଓଡିଆ ଭାଷା ପରି ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ସମଗ୍ର ବିଶ୍ୱବାସୀଙ୍କ ଆଗରେ ଉପସ୍ଥାପିତ କରିପାରିବ। ଓଡିଆର ସଂସ୍କୃତି ଓଡ଼ିଶାର ସୀମାରେଖାକୁ ଅତିକ୍ରମ କରି କେବଳ ଭାରତ ନୁହଁ ସମଗ୍ର ବିଶ୍ୱରେ ପରିଚିତି ହାସଲ କରିଛି। ଓଡିଆ ଭାଷା ଦିନେ ସମଗ୍ର ବିଶ୍ୱରେ ତାର ଯଶ ରଖିବ ଏହା ହିଁ ପ୍ରର୍ଥନା। ଓଡିଆ ଭାଷାର ସୁଦୀର୍ଘ ଐତିହ୍ୟକୁ ନିରୀକ୍ଷଣ କଲେ ଆମେ ଜାଣି ପାରିବା ଓଡିଆ ଭାଷାର ବହୁ ପ୍ରାଚୀନ କାଳରୁ ସଂସ୍କୃତ ସାହିତ୍ୟରେ ମଧ୍ୟ ଓଡିଆ ଭାଷାରେ ମଧ୍ୟ ଅନୁପ୍ରବେଶ କରିଛି। ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ବିଦେଶୀ ଭାଷା ଛାଡି ଓଡିଆ ଭାଷାକୁ ଆଦରନ୍ତୁ ଏହାହିଁ କାମନା।

**ଡ଼. ବବ୍ରୁବାହନ ମହାପାତ୍ର ବିଭାଗମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, କେନ୍ଦୁଝର**



ଓଡିଆ ଭାଷା ଆମ ଅସ୍ମିତା, ଆମ ପରିଚୟ। ଏହି ଭାଷା ଆମ ସଂସ୍କୃତି ଓ ପରମ୍ପରାର ଏକ ମୁଖ୍ୟ ଅଙ୍ଗ। ଦିନ ଥିଲା ଆମ କଳା- ଶିଳ୍ପ-ସ୍ଥାପତ୍ୟ ଭାଷାରେ ଆମେ ପ୍ରସ୍ତରରେ ଲିପିବଦ୍ଧ କରୁଥିଲୁ। ସମ୍ପ୍ରତି ବଦଳି ଯାଉଥିବା ସମୟ ସ୍ରୋତରେ ତାହା ଶିଳାଲେଖ, ତାମ୍ରଲିପି ଏବଂ ତାଳପତ୍ର ପୋଥିନେଇ କାଗଜ ପୃଷ୍ଠା ମଧ୍ୟରେ ବହୁ ଧାରାରେ ବିକଶିତ ଓ ସମୃଦ୍ଧ ହୋଇପାରିଛି। ଆଜି ସମୟ ଆସିଛି ଆମ ମାତୃଭୂମି ପରି ଆମ ଭାଷା ଓଡିଆକୁ ଆମେ ସାହିତ୍ୟ- ସଂସ୍କୃତି - କଳା- ସ୍ଥାପତ୍ୟ - ନୃତ୍ୟ - ସଙ୍ଗୀତ - ଜୀବନଧାରା ସବୁ କ୍ଷେତ୍ରରେ ଓତପ୍ରୋତ ଜଡିତ କରି ଆଗାମୀ ପିଢି ପାଇଁ ଏକ ଗୌରବମୟ ଇତିହାସ ସୃଷ୍ଟି କରିବା। ସେଥିପାଇଁ ଆମ ସରକାର ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଥିବା ସ୍ୱାଭୀମାନୀ ଓଡିଆଙ୍କୁ ଏକତ୍ରିତ କରି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପରି ଏକ ମହାକୁମ୍ଭର ଆୟୋଜନ କରିଛନ୍ତି ଓ ସମସ୍ତ ବର୍ଗର ଜନସାଘାରଣଙ୍କୁ ଏକତ୍ରିତ କରିଛନ୍ତି। ଏହା ସବୁ ଦିଗରୁ ସଫଳ ହେଉ। ସମସ୍ତେ ଏହି ସ୍ୱାଭିମାନ ଭାଷା ସମ୍ମିଳନୀରେ ସାମିଲ ହୁଅନ୍ତୁ।

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ,**
**କୁଳପତି ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର**



ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ବିଶେଷକରି ଭାଷା ଜାଗରଣ ଲୋକଙ୍କ ଭିତରେ ଭାଷା ଏବଂ ସାହିତ୍ୟ ପ୍ରତି ମମତା ଜାଗରଣ କରିବା ପାଇଁ ସରକାରଙ୍କର ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ତେବେ ସବୁଠୁ ବଡ କଥା ହେଲା ତାହା ହେଉଛି ଆମକୁ ଉତ୍ତର ପିଢିର ସେଇ ଯୋଉ ଆଗ୍ରହ ନିର୍ମାଣ କରିବାକୁ ପଡ଼ିବ। ଭାଷାକୁ ଏକ ବୃତ୍ତିଗତ ଏବଂ ବ୍ୟବସାୟିକ କ୍ଷେତ୍ରରେ ସେମାନେ କିପରି ନିଜର ଜୀବନ ନିର୍ବାହ କରିପାରେବେ ସେ ଦିଗରେ ପରିଚାଳିତ ହେଲେ ଆଗକୁ ବହୁ ପିଲାଙ୍କ ଭିତରେ ଆଗ୍ରହ ଜନ୍ମିବ ଏବଂ ଓଡିଆ ଭାଷାକୁ ଆମକୁ ଶସକ୍ତ କେବଳ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନୁହଁ ବରଂ ବିଦ୍ୟାଳୟ ସ୍ତରରୁ ଉନ୍ନତ କରିବାକୁ ହେବ। ଏହି ସମ୍ମିଳନୀ ପାଇଁ ସରକାରଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଏହା ନିଶ୍ଚୟ ସଫଳ ହେବ ମୋର ଦୃଢ ବିଶ୍ୱାସ ରହିଛି।

**ଡ଼. ରୁଦ୍ର ନାରାୟଣ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**



# ଓଡ଼ିଆ ଭାଷାର ସଙ୍କଟ: କାରଣ ଓ ନିରାକରଣ

ଆଜିର ଦିନରେ ବିଶ୍ୱରେ ଲିଖିତ/କଥିତ ଭାଷା ହିସାବରେ ପ୍ରାୟ ୬୯୦୦ ସଂଖ୍ୟକ ଭାଷା ପ୍ରଚଳିତ ଅଛି ବୋଲି ଜାଣିବାକୁ ମିଳେ। ଏଥିମଧ୍ୟରୁ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଭାଷା ସଙ୍କଟାପନ୍ନ (Endangered) ସ୍ଥିତି ଦେଇ ଗତି କରୁଛନ୍ତି। ୟୁନିସେଫ୍ ରିପୋର୍ଟ ଅନୁଯାୟୀ, ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ୬ ହଜାର ଗୋଟି ଭାଷା ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଉପୁଜିଛି। ଅବକ୍ଷୟର ଧାରାକୁ ଯଦି ଆୟତ୍ତ କରାନଯାଏ, ତା'ହେଲେ ଅଧିକାଂଶ ଆଦିବାସୀ/କଥିତ ଲୋକଭାଷା ଏ ଭାଷାମଡ଼କର ଶିକାର ହେବା ନିଶ୍ଚିତ। ଲୋକଭାଷା, ଲୋକସାହିତ୍ୟ ହେଲା ଲୋକଜ୍ଞାନର ଗନ୍ତାଘର, ଲୋକବେଦ। କଥିତ ଭାଷାର ବିଲୁପ୍ତି ସହିତ ତନ୍ମଧ୍ୟସ୍ଥ ଲୋକଜ୍ଞାନକୁ କେବଳ ସମ୍ପୃକ୍ତ ଜାତି ନୁହେଁ, ସର୍ବୋପରି ମାନବସମାଜ ସବୁଦିନ ଲାଗି ହରାଇ ବସିବ। ବିଶ୍ୱର ସବୁଠୁ ଅଧିକସଂଖ୍ୟକ ଲୋକ କହୁଥିବା ୮ଟି ଭାଷା ହେଲା- ଇଂରାଜୀ, ବଙ୍ଗଳା, ହିନ୍ଦୀ, ଚାଇନିଜ୍, ସ୍ପେନିସ୍, ପର୍ତ୍ତୁଗୀଜ୍, ଋଷୀୟ ଓ ଜାପାନୀ। ଆମ ମାତୃଭାଷା ଓଡ଼ିଆର ସ୍ଥାନ ହେଲା ୩୭। ଏଭଳି ଉଦ୍‌ବେଗଜନକ ସ୍ଥିତି ଉପୁନ୍ନ ହେବାର ପ୍ରମୁଖ କାରଣ ହେଲା, ସାଂସ୍କୃତିକ ସାମ୍ରାଜ୍ୟବାଦ/ବିସ୍ତାରବାଦ (Cultural Emperialism or Expansionism)। ବିଶ୍ୱରେ କୁଆଡ଼େ ୯୭% ଭାଷାକୁ ୩% ଲୋକ ବ୍ୟବହାର କରୁଥିବା ବେଳେ ୩% ଭାଷାକୁ ୯୭% ଲୋକ କହୁଛନ୍ତି। ଭାଷା/ସଂସ୍କୃତି କ୍ଷେତ୍ରରେ ଏଭଳି ସ୍ଥିତି ଉପୁଜିବାର ପ୍ରମୁଖ କାରଣ ହେଲା, ବଡ଼ ମାଛ ଛୋଟ ମାଛକୁ ଗିଳିଦେଲା ଭଳି ଛୋଟ ସଂସ୍କୃତି (Little tradition) କୁ ବଡ଼ ସଂସ୍କୃତି (Great tradition) ତା' ମଧ୍ୟରେ ସମ୍ମିଭୂତ (Assimilate) କରିଦେଉଛି। ଏହି ସାଂସ୍କୃତିକ ସଙ୍କଟଟି ବିଶ୍ୱବ୍ୟାପୀ, କେବଳ ଓଡ଼ିଆର ନୁହେଁ। ଏହା ଯଦି ସମନ୍ୱୟ (Integration) ହୋଇଥାନ୍ତା, ତା'ହେଲେ ଛୋଟ ସଂସ୍କୃତି ତା'ର ସ୍ୱତନ୍ତ୍ର ସତ୍ତା ବଜାୟ ରଖିପାରିଥାନ୍ତା। ଅବଶ୍ୟ ଏହି ପ୍ରକ୍ରିୟା ସକ୍ରିୟ ତଥା ତ୍ୱରାନ୍ୱିତ ହେବା ପଛରେ ବହୁବିଧ କାରଣ ରହିଛି।

ଭାଷା ଗୋଟିଏ ଭାଷାଗୋଷ୍ଠୀ ବା ଜାତିର ବାଙ୍ମୟ ସମ୍ପଦ। ଏହା ରାଜନେତାର କି ସରକାରୀ ଅଧିକାରୀର ନୁହେଁ। ନିଜ ଦୈନନ୍ଦିନ ଜୀବନରେ ମୌଖିକ ଭାଷା ହିସାବରେ ବ୍ୟବହାର କରୁଥିବା ସାଧାରଣ ଲୋକ ହେଲେ ଭାଷାର ଅସଲ ବାହକ, ଧାରକ ଓ ପୃଷ୍ଠପୋଷକ। ଗୋଟିଏ ଭାଷାକୁ ମାରିବା, ବଞ୍ଚାଇବା ବା ଗୌରବମଣ୍ଡିତ କରିବା କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଲୋକଙ୍କର। ଯଦି ସତରେ ଓଡ଼ିଆ ଭାଷା, ସାହିତ୍ୟକୁ ନେଇ କିଛି ସଙ୍କଟର ସଙ୍କେତ ମିଳୁଛି, ତେବେ ଆମ ମାନକ ଭାଷା ଓ ଶିଷ୍ଟ ସାହିତ୍ୟ ଲୋକଜୀବନରୁ ଆମର ଅଜ୍ଞାତସାରରେ ଦୂରେଇ ଯାଇନାହିଁ ତ? ଯଦି ହଁ, ତେବେ କବି, ଗାଳ୍ପିକ, ଔପନ୍ୟାସିକମାନଙ୍କ ପାଇଁ ଆତ୍ମସମୀକ୍ଷାର ବେଳ ଉପଗତ ହୋଇଛି ବୋଲି ବୁଝିବାକୁ ହେବ। ଚାଳିଶି ବର୍ଷ ବୟସ ସୀମାର ତଳକୁ ଥିବା ଆମ ଯୁବପିଢ଼ି ଆଉ ଓଡ଼ିଆ ସାହିତ୍ୟରେ କିଛି ଲେଖାଲେଖି କରିବାର ଅଭ୍ୟାସ ରଖୁନାହାନ୍ତି। ଏହା ନିଶ୍ଚିତ ଭାବରେ ଆମ ଭାଷା ଓ ସଂସ୍କୃତିର ଭବିଷ୍ୟତ ପ୍ରତି ଶୁଭସଙ୍କେତ ନୁହେଁ। ଅବସର ଗ୍ରହଣ କରିସାରିବା ପରେ ପ୍ରେମକବିତା ଲେଖିବା, ରାଜଧାନୀର ଶୀତତାପ ନିୟନ୍ତ୍ରିତ ବାସଭବନରେ ବସି 'ଚାଲ ଗାଁକୁ ଫେରିଯିବା' ଶିରୋନାମାରେ ପ୍ରବନ୍ଧ ଲେଖିବା ଦୃଷ୍ଟାନ୍ତମାନ ବିରଳ ନୁହେଁ। 'ଧନୀ ହେବାର ସରଳ ଉପାୟ' ପୁସ୍ତକ ଲେଖାସାରିଥିବା ଲେଖକ ନିଜକୁ ଦୀନଦରିଦ୍ର କହି ପୁସ୍ତକ ପ୍ରକାଶନ ପାଇଁ ପ୍ରକାଶକଙ୍କ ଅନୁସନ୍ଧାନରେ ରହିବା ହାସ୍ୟାସ୍ପଦ କଥା। ଲେଖକଟିଏ ଜାଣିରଖିବା ଉଚିତ୍ କି, ଲେଖକ ଓ ପାଠକ ମଧ୍ୟରେ ସର୍ବଦା ଗୋଟିଏ ସୂକ୍ଷ୍ମାତିସୂକ୍ଷ୍ମ ଯୋଗସୂତ୍ର ସ୍ଥାପିତ ହୋଇଥାଏ। ଲେଖାଟିଏ ଲେଖକର ନିଷ୍କପଟ ହୃଦୟରୁ ଝରିଆସିଥିଲେ ଯାଇ ତାହା ପାଠକର ହୃଦୟକୁ ଛୁଇଁବ। ଏଥିରେ ବ୍ୟତିକ୍ରମ ଘଟିଲେ, ପାଠକମହଲ ପ୍ରତ୍ୟାଖ୍ୟାନ କରିବା ସ୍ୱାଭାବିକ। ତା' ବୋଲି ଯେ ଓଡ଼ିଆରେ ଆଜିକାଲି ଭଲ ସାହିତ୍ୟପୁସ୍ତକର ପ୍ରକାଶନ ହେଉନାହିଁ, ଏକଥା ନୁହେଁ। ପାଠକ କେଉଁ ରୁଚିର ସାହିତ୍ୟ ପଢ଼ିବ, ତାହା ତା' ଉପରେ ନିର୍ଭର କରିଥାଏ।

ଅନେକ ସମୟରେ ସାହିତ୍ୟିକମାନେ କୁହନ୍ତି ଯେ ପୁସ୍ତକ/ପତ୍ରିକା କିଣିବା ଓ ପଢ଼ିବା ଅଭ୍ୟାସ ଖୁବ୍ କ୍ୱଚିତ୍ ଓଡ଼ିଆଙ୍କର ଅଛି। ଏହା ଅବଶ୍ୟ କେତେକାଂଶରେ ସତ। ଆମେ ଜାଣୁ ବଙ୍ଗାଳି ଲୋକେ ରବୀନ୍ଦ୍ର ସଙ୍ଗୀତ ଓ ରବୀନ୍ଦ୍ର ସାହିତ୍ୟକୁ ନିଜ ଜାତିର ସ୍ୱାଭିମାନ ବୋଲି ବିଚାର କରନ୍ତି। ଇଂରେଜ ଲୋକେ ନିଜ ଘରେ ବାଇବେଲ୍ ସହ ସେକ୍ସପିୟରଙ୍କ ନାଟକ ବହିରୁ ଖଣ୍ଡେ ନିଶ୍ଚୟ ରଖିଥାନ୍ତି। ଏଇଟା ସେମାନଙ୍କ ଜାତୀୟ ଚରିତ୍ର ବୋଲି ସାରା ବିଶ୍ୱ ଜାଣେ। ଆମେ ଓଡ଼ିଆ ଯେଉଁଦିନ ଭାଗବତ ସହିତ ଗଙ୍ଗାଧର, ରାଧାନାଥ ନତୁବା ଫକୀରମୋହନଙ୍କ ଖଣ୍ଡେ କୃତିକୁ ପାଖରେ ରଖି ଗର୍ବ କରି ଶିଖିବା, ସେହିଦିନ ଓଡ଼ିଆ ଭାଷାର ଭାଗ୍ୟଆକାଶରୁ ସଙ୍କଟର କଳାମେଘ ଉଭାନ ହୋଇଗଲା ବୋଲି ନିଶ୍ଚିତ ହେବା।

ଓଡ଼ିଆ ଅଢ଼େଇ ହଜାର ବର୍ଷ ପୁରୁଣା ଗୋଟିଏ ଗୌରବମୟ ଭାଷା ସଂସ୍କୃତିର ଅଧିକାରୀ ହୋଇ ସୁଦ୍ଧା ଆମର ମୋଟ୍ ଶବ୍ଦସଂଖ୍ୟା ପ୍ରାୟ ଅଢ଼େଇଲକ୍ଷ। ଏହା ଦେଶଜ ସହିତ ତତ୍‌ସମ, ତଦ୍ଭବ ଓ ଯାବନିକ ଶବ୍ଦ ମିଶିବା ଦ୍ୱାରା ହିଁ ସମ୍ଭବ ହୋଇପାରିଛି। କିନ୍ତୁ ଇଂରାଜୀ ଭାଷାର ମୋଟ୍ ଶବ୍ଦସଂଖ୍ୟା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ଜାଣିବାକୁ ମିଳେ। ଏହା ଇଂରାଜୀ ଭାଷାପକ୍ଷରେ ସମ୍ଭବ ହୋଇପାରିଛି। ଏହାର କାରଣ ହେଲା, ସେମାନେ ଫରାସୀ, ଜର୍ମାନୀ, ଲାଟିନ୍, ଗ୍ରୀକ୍ ଇତ୍ୟାଦି ଅନେକ ଭାଷାର ଶବ୍ଦଗୁଡ଼ିକୁ ନିଜର ଶବ୍ଦଭଣ୍ଡାରରେ ଅନ୍ତର୍ଭୁକ୍ତ କରିଛନ୍ତି। ଜଙ୍ଗଲ (Jungle), ଘେରାଓ (Gherao), ଲାଠି (Lathi), ଚଡ଼ି (Chadi), କୁର୍ତ୍ତା (Kurta) ଭଳି ବହୁତ ଭାରତୀୟ ଶବ୍ଦ ମଧ୍ୟ ନିଜ ଶବ୍ଦକୋଷରେ ଅନ୍ତର୍ଭୁକ୍ତ କରିଛନ୍ତି। ସେହିଭଳି ଓଡ଼ିଶାର ପ୍ରାନ୍ତୀୟ/ପ୍ରଜାତିକ କଥିତ ଭାଷାମାନଙ୍କ ମଧ୍ୟରେ ବ୍ୟବହୃତ ଶବ୍ଦଗୁଡ଼ିକୁ ଓଡ଼ିଆ ଶବ୍ଦକୋଷରେ ସ୍ଥାନ ଦେଲେ ଓଡ଼ିଆ ଶବ୍ଦଭଣ୍ଡାର ନିଶ୍ଚୟ ବୃଦ୍ଧିମନ୍ତ ହୋଇପାରନ୍ତା। ଅବଶ୍ୟ ସବୁ ଓଡ଼ିଆ ଡିଗ୍ରୀଧାରୀଙ୍କୁ ଓଡ଼ିଆ ଭାଷା/ସାହିତ୍ୟ ସମ୍ପର୍କିତ ବିଭାଗରେ ଚାକିରି ଯୋଗାଇଦେବା ସରକାରଙ୍କ ପକ୍ଷରେ ସମ୍ଭବପର ନୁହେଁ। ସବୁ ବିଜ୍ଞାନ/ଅର୍ଥନୀତି ଛାତ୍ରଙ୍କୁ ମଧ୍ୟ ଚାକିରୀରେ ଥଇଥାନ କରାଯାଇ ପାରୁନାହିଁ। ଏକଥା କାହାରିକୁ ଅଛପା ନାହିଁ। ଅତଏବ୍ ଓଡ଼ିଆର ଛାତ୍ର/ଛାତ୍ରୀଙ୍କୁ ମଧ୍ୟ ନିଜ ନିଜ କ୍ଷେତ୍ରରେ ପ୍ରତିଯୋଗିତା କରିବା ଜରୁରୀ। ଭୂମଣ୍ଡଳୀକରଣ ଯୁଗରେ ଇଂରାଜୀ ଯେ ନ ପଢ଼ିବା, ସେ କଥା ନୁହେଁ। ଇଂରାଜୀ ସହ ମାତୃଭାଷାର ସ୍ୱାଭିମାନ ଦୃଷ୍ଟିରୁ ଆମକୁ ଓଡ଼ିଆ ପଢ଼ିବା/ଲେଖିବା ଅନିର୍ବାର୍ଯ୍ୟ। ଖାଲି ନିଜେ ପଢ଼ିଲେ କାମ ସରୁନାହିଁ, ଆମର ପରବର୍ତ୍ତୀ ପିଢ଼ିକୁ ସେଥିରେ ଦୀକ୍ଷିତ କରି ଗଢ଼ି ତୋଳିବାକୁ ହେବ।

**ଡ. କ୍ଷେତ୍ରବାସୀ ମାନ୍‌ସେଠ୍**
ବିତ୍ତ ତଥା ପ୍ରଶାସନିକ ଅଧିକାରୀ,
ଓଡ଼ିଆ ଭାଷା ପ୍ରତିଷ୍ଠାନ

# ସଂକୀର୍ତ୍ତନ ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର



**ଛେଳିଗଡ,୨।୨(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଗୁଡିକୁ ବର୍ତ୍ତମାନ ଗ୍ରାମାଞ୍ଚଳରେ ସଂକୀର୍ତ୍ତନ ମାଧ୍ୟମରେ ସଚେତନତା କରାଯାଉଥିବା ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ସ୍ଥିତ ଗୌଡ଼ସାହିର ରାଧାକୃଷ୍ଣ ନାମ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ରାମଗିରିର ପ୍ରତ୍ୟେକ ୱାର୍ଡର ସମସ୍ତ ସାହି ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ସହ ପ୍ରତିବର୍ଷ ବନ୍ୟା ବାତ୍ୟାରେ ହେଉଥିବା ଧନ ଜୀବନ କ୍ଷୟକ୍ଷତି ବେଳେ ବିପର୍ଯ୍ୟୟ ପରିଚାଳନା , ମଧୁବାବୁ ପେନସନ ଯୋଜନାରେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଓ ଭିନ୍ନକ୍ଷମ ଭତ୍ତା, ହବିଷ୍ୟାଳିଙ୍କ ହବିଷ ପାଇଁ ଶ୍ରୀ ମନ୍ଦିରରେ ରହିବା ଖାଇବା ସୁବିଧା, ମମତା ଯୋଜନାରେ ଗର୍ଭବତୀ, ମହିଳା ଓ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ନେବା, ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା, ଆମ ବ୍ୟାଙ୍କ ମାଧ୍ୟମରେ ଯେଉଁ ପଞ୍ଚାୟତରେ ବ୍ୟାଙ୍କ ନାହିଁ ସେହି ପଞ୍ଚାୟତରେ ସହାୟତା କେନ୍ଦ୍ର ଖୋଲି ବ୍ୟାଙ୍କ ସୁବିଧା, ଲକ୍ଷ୍ମୀ ଯୋଜନାରେ ଗମନାଗମନର ସୁବିଧା, ବ୍ୟାଙ୍କ ଜରିଆରେ ହିତାଧିକାରୀଙ୍କୁ ଭତ୍ତା, କୃଷି ଋଣର ସୁବିଧା, ଜନଜାତିଙ୍କ ବିକାଶ ଓ କଳା ସଂସ୍କୃତିର ଉନ୍ନତି, ଐତିହ୍ୟ ମନ୍ଦିର ବିକାଶ ଦିଗରେ ମଠ ମନ୍ଦିର, ଗୀର୍ଜା, ମସଜିଦର ବିକାଶ,କଳା ସଂସ୍କୃତି ର ନବୀକରଣ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ତାଳମୃଦଙ୍ଗ ବଜାଇ ଗୀତ ମାଧ୍ୟମରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ସଚେତନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ବିଷ୍ଣୁ ନାଥ ଗୌଡ଼, ବାୟାଧର ଗୌଡ଼, ପ୍ରଫୁଲ୍ଲ ଚୌଧୁରୀ, ନକୁଳ ଗୌଡ଼ ଓ ଆନନ୍ଦ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ଲକ୍‌ଭିତ୍ତିରେ ଥାନା ପୁନଃଗଠନ ଦାବି



**କୁକୁଡାଖଣ୍ଡି, ୨।୨ (ସମିସ):** ଦିଗପହଣ୍ଡି ଅଞ୍ଚଳର ମହୁଡା, ବଢପଲ୍ଲୀ, ଅନନ୍ତାଇ ଇତ୍ୟାଦି ପଞ୍ଚାୟତର ଗ୍ରାମ ଗୁଡିକୁ ବ୍ଲକ ଭିତ୍ତିକ ପୁଲିସ ଥାନା ଗଠନ କରିବା ସହିତ ମହୁରୀ କାଲୁଆରେ ଗୋଟେ ବ୍ରିଟ ସ୍ଥାପନ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକ ପତ୍ର ସଦର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଅନିତା ସାହୁଙ୍କ ମାଧ୍ୟମରେ ବିଜେପି ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ ପ୍ରଦାନ କରିଛନ୍ତି । ଆଇନ ଶୃଙ୍ଖଳା ନିୟନ୍ତ୍ରଣ କ୍ଷେତ୍ରରେ ପୁଲିସକୁ ନାକେଦମ ହେବାକୁ ପଡୁଥିବାବେଳେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ଲୋକଙ୍କୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏପରିକି ବେଳେବେଳେ ସୀମା ନିର୍ଦ୍ଧାରଣ ଅଭାବରୁ ପୋଲିସର ତଦନ୍ତ ପ୍ରକ୍ରିୟା ବିଳମ୍ବିତ ହେଉଛି ଓ ସାମାଜିକ ନ୍ୟାୟ ପାଇବା ପାଇଁ ବ୍ଲକ କୁକୁଡାଖଣ୍ଡି ଏବଂ ତହସିଲ ଉପରେ ଲୋକେ ନିର୍ଭରଶୀଳ ଥିବା ବେଳେ ଆଇନଗତ ନ୍ୟାୟ ପାଇବା ପାଇଁ ଦିଗପହଣ୍ଡି ଥାନା ଗ୍ରାମ୍ୟ ନ୍ୟାୟାଳୟକୁ ଯିବାକୁ ପଡୁଛି । ତେଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶ୍ରୀ ପାଢ଼ୀ ସଦର ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁଙ୍କ ମାଧ୍ୟମରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ପତ୍ର ପ୍ରଦାନ କରିଛନ୍ତି ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆତ୍ମରକ୍ଷା ତାଲିମ ଶିବିର

**ବୁଗୁଡା,୨।୨(ସମିସ):** ସ୍ଥାନୀୟ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ସମ୍ମାନିତ ଅତିଥି ଭାବେ ଏନଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ଅଧ୍ୟାପକ ପ୍ରଦୀପ କୁମାର ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହ ଆତ୍ମ ସୁରକ୍ଷା ତାଲିମର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । କୋର୍ଡିନେଟର ରଶ୍ମିତା ପଟ୍ଟନାୟକ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୨୧୮ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ମାଷ୍ଟର ଟ୍ରେନର୍ ପୂଜାରାଣୀ ସ୍ୱାଇଁ ଓ ସଙ୍ଗୀତା ଜେନା ତାଲିମ ପ୍ରଦାନ କରିଥିଲେ ।






**କବିସୂର୍ଯ୍ୟନଗର,୨।୨(ସମିସ):** କବିସୂର୍ଯ୍ୟନଗର ଆଠଗଡ଼ ପାଟଣା ସ୍ଥିତ ନାରାୟଣୀ ବିଜ୍ଞାନ କଲେଜରେ ଅତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଣବ ପ୍ରସାଦ ପଣ୍ଡା ଉଦଘାଟନ କରିଥିଲେ । କବିସୂର୍ଯ୍ୟନଗର ଥାନା ଏସଆଇ ନୀଳାଦ୍ରି ରେ‡ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଜାହାଙ୍ଗୀର ଖାଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଦୀପ କୁମାର ପ୍ରହରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଚିତ୍ରସେନ ଡାକୁଆ, ପ୍ରଫୁଲ୍ଲ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଡଃ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରେନର ଶିବାନୀ ସାହୁ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସୁଧାକର ଦାସ, ଉମାଚରଣ ପଣ୍ଡା ଏବଂ ଚନ୍ଦ୍ରଶେଖର ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ରାୟଗଡ଼,୨।୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲୋବା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ରମେଶ ଚନ୍ଦ୍ର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ସମିତିସଭ୍ୟ ସଞ୍ଜୟ କୁମାର ମଣ୍ଡଳ, ଭାରପ୍ରାପ୍ତ ଜିପିଓ ସେନାପତି ଶବର, ଉଦ୍ୟାନ ବିଭାଗ ଅଧିକାରୀ ପ୍ରଭାତ କୁମାର ପାତ୍ର, ମିଶନ ଶକ୍ତି ବିପିସି ଅମ୍ରିତ ପରିଚ୍ଛା ମଞ୍ଚାସୀନ ଥିଲେ । ସରକାରଙ୍କ ସମସ୍ତ ଯୋଜନା ଲୋକଲୋଚନକୁ ଆଣି ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଯେଉଁ ସବୁ କାର୍ଯ୍ୟ ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଚାଲୁରହିଛି ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି । ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି ହେଲେ ଲୋକେ ଠିକ୍ ଭାବେ ଜାଣି ନ ପାରିବାରୁ ବିଭିନ୍ନ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବା ସହ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ଏଭଳି ପଦେକ୍ଷପ ନେଇଛନ୍ତି ବୋଲି ଅଧ୍ୟକ୍ଷା କହିଥିଲେ । ଏଥିରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଯେଉଁ ସବୁ ଯୋଜନା ଚାଲୁ ରହିଛି ସେ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇଥିଲେ । ଏଥିରେ କୃଷି, ସ୍ୱାସ୍ଥ୍ୟ, ସମ୍ବନିତ ଶିଶୁ ବିଭାଗ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଓ ଶିକ୍ଷା ବିଭାଗ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି ଓ ଆଶା କର୍ମୀ ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ୧୯୯୭ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ବ୍ରହ୍ମପୁର,୨।୨(ସମିସ):** ସହର ଉପକଣ୍ଠ ଲାଠୀ ସ୍ଥିତ ଉତ୍କଳ ବିଦ୍ୟାପୀଠର ୧୯୯୭ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଟାମଣା ନିକଟସ୍ଥ ଘାଟି କାଲୁଆ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ୨୭ ବର୍ଷ ପରେ ପୁରାତନ ସାଙ୍ଗମାନେ ଏକାଠି ହେବା ସହ ଭାବ ଆଦାନପ୍ରଦାନ କରିଥିଲେ । ଏଥିସହ ସ୍କୁଲ ଜୀବନର ସ୍ମୃତି ସାଉଁଟିଥିଲେ । ଏହି ଅବସରରେ ବଣଭୋଜିର ଆୟୋଜନ କରାଯାଇଥିଲା । ମାଟ୍ରିକ ବ୍ୟାଚର ସହପାଠୀଙ୍କ ମଧ୍ୟରେ ମନୋଜ ବିଶ୍ୱାଳ, ଆଲୋକ ରାଉଳ, ପ୍ରମୋଦ ଗୌଡ଼, ମିହିର ପାଣିଗ୍ରାହୀ, ଅନନ୍ତ ବିନ୍ଧାଣୀ, ସୁଦାମ ବେହେରା, ବଳରାମ ପାଣିଗ୍ରାହୀ, ରାମପ୍ରସାଦ ସାହୁ, ଜୟସେନ ମହାରଣା, ମହେନ୍ଦ୍ର ଗୌଡ଼, ନାରାୟଣ ଗୌଡ଼, ସୀମାଞ୍ଚଳ ସାହୁ, ରଞ୍ଜନ ସାହୁ, ଶିବାନନ୍ଦ ପଣ୍ଡା, ସିମାଞ୍ଚଳ ଗୌଡ଼, କେଶବ ବେହେରା, ନବୀନ ଦାସ, ରବୀନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସବୁ ସାଙ୍ଗମାନେ ବର୍ଷରେ ଥରେ ଏକାଠି ହେବା ସହ ଆଗାମୀ ଦିନରେ ସ୍କୁଲର ଉନ୍ନତି ପାଇଁ ଏକାଠି କାମ କରିବେ ବୋଲି ସ୍ଥିର କରିଥିଲେ ।

# ଆଶ୍ରିତା ବୃଦ୍ଧାଶ୍ରମ ଉଦ୍‌ଘାଟିତ




**କବିସୂର୍ଯ୍ୟନଗର,୨।୨(ସମିସ):** ଗଞ୍ଜାମ କବିସୂର୍ଯ୍ୟନଗର ସିଆଳିଆରେ ଆଶ୍ରିତା ବୃଦ୍ଧାଶ୍ରମ ଉଦ୍‌ଘାଟିତ ହୋଇଯାଇଛି । ଉପବାଚସ୍ପତି ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ପ୍ରାଥମିକ ସ୍ତରରେ ୩୫ଜଣ ବୃଦ୍ଧବୃଦ୍ଧା ଆବେଦନକୁ ବିଚାରକମଣ୍ଡଳୀ ମନୋନୀତ କରିବେ ବୋଲି ଜଣାପଡିଛି । ମୁଖ୍ୟବକ୍ତା ବ୍ରହ୍ମପୁର ଏଲଆଇସି ମାର୍କେଟିଙ୍ଗ ମ୍ୟାନେଜର ଅମୂଲ୍ୟ କୁମାର ପଟ୍ଟଯୋଶୀ, ସମ୍ମାନିତ ଅତିଥି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ସ୍ୱାଇଁ, ଏଲଆଇସି ଡିଭିଜନ ଅଫିସର ପ୍ରଭାକର ନାହାକ, ଗଞ୍ଜାମ ଜିଲ୍ଲା ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପ୍ରାକ୍ତନ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ବିଶୋୟୀ, କମ୍ବୁପାଣି ନାହାକ, ରଜନୀ ମଣ୍ଡଳ, ନିରଞ୍ଜନ ନାହାକ ବ୍ୟତୀତ କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ସମସ୍ତ କର୍ମକର୍ତ୍ତା, ମେମ୍ବର ଯୋଗ ଦେଇଥିଲେ । ସମ୍ପାଦକ ପ୍ରବାସ ଚନ୍ଦ୍ର ନାହାକ ସଂଯୋଜନା ଓ ପରିଚାଳନା କରିଥିଲେ ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ



**ରାୟଗଡ଼,୨।୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସେବକପୁର ସ୍ଥିତ ପର୍ଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ପରିପେକ୍ଷୀରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପିତ ହୋଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ଶଶୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସକେସିଜି କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ବିପ୍ଳବ ରଞ୍ଜନ ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଓଡ଼ିଶା ପ୍ରାଶାସନିକ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ । ଏଥିରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଉପରେ ଆଲୋଚନା ହୋଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନୋଡ଼ାଲ ଅଧିକାରୀ ଡ. ରଶ୍ମିତା ସିଂ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଏସ୍. ଗୀତାଞ୍ଜଳି ଗୌଡ, ଅଧ୍ୟାପକ ମୋହନ ପ୍ରଧାନ, ଏନ୍. ମିନା ରାଓ, ଖେଳ ଶିକ୍ଷକ ରାମାରାଓଙ୍କ ସମେତ କର୍ମଚାରୀ ପରିଚାଳନରେ ସହଯୋଗ କରିଥିଲେ ।

# ତହସିଲଦାରଙ୍କୁ ଆଇନଜୀବୀ ସଂଘ ପକ୍ଷରୁ ଦାବିପତ୍ର



**ସାନଖେମୁଣ୍ଡି,୨।୨(ସମିସ):** ଭାରତୀୟ ଆଇନଜୀବୀ ସଂଘର ଆହ୍ୱାନ କ୍ରମେ ଶୁକ୍ରବାର ସାନଖେମୁଣ୍ଡି ଆଇନଜୀବୀ ସଂଘ ପକ୍ଷରୁ ୬ଦଫା ଦାବି ନେଇ ଏକ ସ୍ମାରକପତ୍ର ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ଜେନାଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା, ମଧୁବାବୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନା ଆରମ୍ଭ କରି ଆଇନଜୀବୀଙ୍କୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା, ଆଇନଜୀବୀଙ୍କ ମୃତ୍ୟୁ କିମ୍ବା ସ୍ୱେଚ୍ଛାକୃତ ଅବସର ଗ୍ରହଣ ପାଇଁ ୧୦ ଲକ୍ଷ ଟଙ୍କା ଆଇନଜୀବୀ ପରିଷଦ ପକ୍ଷରୁ ପ୍ରଦାନ କରିବା ଭଳି ବିଭିନ୍ନ ଦାବି ଉଲ୍ଲେଖ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ଆଇଏଏଲ୍ ଜିଲ୍ଲା କାର୍ଯ୍ୟକର୍ତ୍ତା ହରପ୍ରସାଦ ରଥ, ସାନଖେମୁଣ୍ଡି ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ସିଂହ, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଖେମୁଣ୍ଡି ଓକିଲ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ, ବରିଷ୍ଠ ଆଇନଜୀବୀ ରସାନନ୍ଦ ରାଉତଙ୍କ ସମେତ ସତ୍ୟନାରାୟଣ ରଥ, ରବୀନ୍ଦ୍ରନାଥ ବେହେରା, ସଞ୍ଜୟ କୁମାର ପଣ୍ଡା, ପ୍ରଶାନ୍ତ ଡାକୁଆ, ପ୍ରଶାନ୍ତ ବରାଡ, କିଶୋର ଚନ୍ଦ୍ର ଗୌଡ଼, ଟୁକୁନା ପ୍ରଧାନ, ବିଜୟ କୁମାର ପ୍ରଧାନ, ଚିନ୍ମୟ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ଠକେଇ ସଚେତନତା




**ଦିଗପହଣ୍ଡି,୨।୨(ସମିସ):** ଦିଗପହଣ୍ଡି ସରକାରୀ ଗାର୍ଲ୍ସ ହାଇସ୍କୁଲରେ ଗୁରୁବାର ଛାତ୍ରୀ ମାନଙ୍କୁ ଅନଲାଇନ ମାଧ୍ୟମରେ ବିଭିନ୍ନ ସାଇବର ଠକେଇ ସମ୍ପର୍କରେ ବ୍ରହ୍ମପୁର ପୁଲିସ ଜିଲ୍ଲା ପକ୍ଷରୁ ସଚେତନ କରାଯାଇଛି । ଛାତ୍ର ପୁଲିସ କ୍ୟାଡେଟ ଇ- ସୁରକ୍ଷା ଯୋଜନା ଆନୁକୂଲ୍ୟରେ ଡିଏସପି ଅକ୍ଷୟ ନାୟକ ଏବଂ ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନ ଛାତ୍ରୀଙ୍କୁ ବିଭିନ୍ନ ସାଇବର ଠକେଇ ସମ୍ପର୍କରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ୮ମ ଓ ୯ମ ଶ୍ରେଣୀର ୧୨୦ରୁ ଉଦ୍ଧ୍ୱର୍ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସନ୍ତୋଷପୁର ୟୁପି ସ୍କୁଲର ବାର୍ଷିକ ଉତ୍ସବ



**ରମ୍ଭା,୨।୨(ସମିସ):** ରମ୍ଭା ଥାନା ଇଲାକା ସନ୍ତୋଷପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନ ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ଭାଗିରଥୀ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକ ହେବାପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବଂଶୀଧର ସେଠୀ, ସମ୍ମାନିତ ଅତିଥି ରୂପେ ଏବିଇଓ ବିଜୟ ଚନ୍ଦ୍ର ବେହେରା, ସିଆର୍‌ସିସି ଶରତ ଚନ୍ଦ୍ର ବେହେରା, ସରପଞ୍ଚ କବିତା ସାହୁ, ସମିତି ସଭ୍ୟା ଏସ୍ କବିତା ରେ‡ୀ, ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପଣ୍ଡା, ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପଲାଇ, ଗ୍ରାମ୍ୟ ସଭାପତି ସଚ୍ଚୀନ୍ଦ୍ର ନାଥ ପଟ୍ଟନାୟକ, ଏସଏମସି ସଭାପତି ଲଡୁ କିଶୋର ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ସନାତନ ସ୍ୱାଇଁ ସଂଯୋଜନା କରିଥିଲେ ଏବଂ ସହକାରୀ ଶିକ୍ଷକ ବସନ୍ତ ସାସମଲ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା, ଚନ୍ଦ୍ରିକା ବେହେରା ଓ ଶିକ୍ଷକ ରୋହିତ କୁମାର ତରାଇ ସହଯୋଗ କରିଥିଲେ । ଏହି ଉତ୍ସବରେ ଶିକ୍ଷକ ଶ୍ରୀ ବସନ୍ତ ସାସମଲଙ୍କ ନିର୍ଦ୍ଦେଶନାରେ ଛାତ୍ର ମାନଙ୍କ ତରଫରୁ ଏକାଙ୍କିକା "ମୋ ଜୀବନ ପଛେ ନର୍କେ ପଡ଼ିଥାଉ' ଓ ଛାତ୍ରୀ ମାନଙ୍କ ତରଫରୁ ଗୀତିନାଟ୍ୟ "ପରୀ' ଅଭିନୀତ ହୋଇଥିଲା ।

# ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ



**ପାରଳାଖେମୁଣ୍ଡି,୨।୨(ସମିସ):** ଜିଲ୍ଲାସ୍ତରୀୟ ମିଶନ ଶକ୍ତି କବି ସମ୍ମିଳନୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ବ୍ଲକର ୫୦ ଜଣ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇ ସ୍ୱରଚିତ କବିତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ତିନିଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଯୋଗଦେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଧ୍ୟ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି, ଓଡ଼ିଆ ଭାଷାର ସମ୍ମାନ ପାଇଁ ଆଜିର ଏହି ସମ୍ମିଳନୀରେ ଆଲୋକପାତ କରାଯାଇଥିଲା । ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୀମଣୀ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ପ୍ରୋଗ୍ରାମ ଅଫିସର, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ଟିମନ୍ ବରା, ମିଶନ ଶକ୍ତି ସହ ସଂଯୋଜକ, ମନସ୍ମିତା ପାତ୍ର, ସ୍ନାତକ ମହିଳା ମହାବିଦ୍ୟାଳୟର ଡ଼. କଲ୍ୟାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

## ବାଲିଗୁଡ଼ାରେ ମିଶ୍ରଣ ପର୍ବ

# ବିଜେଡିରେ ସାମିଲ ହେଲେ ୩ ଶହରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ

ବାଲିଗୁଡ଼ା, ୨ା୨(ସମିସ)



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ମହାସିଙ୍ଗରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ତଥା ସାଂସଦ ପ୍ରତିନିଧି ଟୁନା ଦାସଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ତୁମୁଡ଼ିବନ୍ଧ ବ୍ଲକର ଲଙ୍କାଗଡ଼, ବିଲାମାଳ ଓ ତୁମୁଡ଼ିବନ୍ଧ ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ନିଜ ଦଳ ଛାଡି ଡ. ସାମନ୍ତଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ସେହିପରି କ. ନୂଆଗାଁ ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ନିଜ ଦଳ ଛାଡ଼ି ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁରଙ୍କ ନେତୃତ୍ୱରେ କନ୍ଧମାଳ ସାଂସଦ ଡ. ସାମନ୍ତଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ସ୍ୱଚ୍ଛ ଶାସନ ତଥା କନ୍ଧମାଳ ସାଂସଦଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜୀବ ପାତ୍ର, ତୁମୁଡ଼ିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଆଦିବାସୀ ଗୀତରେ ନାଚିଲେ ବ୍ଲକ୍ ଅଧ୍ୟକ୍ଷା

**ରାୟଗଡ଼,୨ା୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ତାଳମୁଣ୍ଡ ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରୀୟ

**● ମୁଣ୍ଡା ଭାଷାରେ ଗୀତ ଗାଇଲେ ବିଡିଓ**



ସଚେତନତା କାର୍ଯ୍ୟକ୍ରମରେ ଆଦିବାସୀ ଗୀତରେ ନାଚିଲେ ବ୍ଲକ ଅଧ୍ୟକ୍ଷା। ସେହିପରି ବିଡିଓ ମୁଣ୍ଡା ଭାଷାରେ ଗୀତ ଗାଇ ଲୋକଙ୍କୁ ଉତ୍ସାହିତ କରିଥିଲେ। ସରପଞ୍ଚ ପଦ୍ମାବତୀ ଭୂୟାଁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ମିଶନ ଶକ୍ତି ଡିପିଏମ୍ ଟିମାନ୍ ବାରା, ସମିତିସଭ୍ୟା ସରୋଜିନୀ ଶବର, ଭାରପ୍ରାପ୍ତ ଜିପିଓ ସେନାପତି ଶବର, ଉଦ୍ୟାନ ବିଭାଗ ଅଧିକାରୀ ପ୍ରଭାତ କୁମାର ପାତ୍ର, ମିଶନ ଶକ୍ତି ବିପିସି ଅମ୍ରିତ ପରିଚ୍ଛା ମଞ୍ଚାସୀନ ଥିଲେ। ସରକାରଙ୍କ ସମସ୍ତ ଯୋଜନା ଲୋକଲୋଚନକୁ ଆଣି ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଯେଉଁ ସବୁ କାର୍ଯ୍ୟଗୁଡ଼ିକ '୫-ଟି' ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଚାଲୁରହିଛି ସେହି କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଯେଉଁ ସବୁ ଯୋଜନା ରହିଛି ତାହାକୁ ବିଭାଗୀୟ ଅଧିକାରୀ ଲୋକଙ୍କୁ ସଚେତନତା କରାଇଥିଲେ। ଏଥିରେ କୃଷି, ସ୍ୱାସ୍ଥ୍ୟ, ସମ୍ମନ୍ୱିତ ଶିଶୁ ବିଭାଗ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଓ ଶିକ୍ଷା ବିଭାଗ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି ଓ ଆଶାକର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଇଓ ସନ୍ତୋଷ ପଟ୍ଟନାୟକ ପରିଚାଳନା କରିଥିଲେ।

# ଗଜପତି ଜିଲ୍ଲା ଆଦିବାସୀ ମହାସଂଘର ଆନ୍ଦୋଳନ ଚେତାବନୀ



**ପାରଳାଖେମୁଣ୍ଡି,୨ା୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଚପଲରେ ମାଡ଼ ମାରିଥିବା ଅଭିଯୋଗରେ ମୃତ ନବୋଦୟ ଛାତ୍ରୀ ସୌଦାମିନୀ ରଇତଙ୍କ ମା' ସୁଙ୍ଖାନୀ ଗମାଙ୍ଗଙ୍କୁ ଗୁରୁବାର ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ଗିରଫ କରିଛି। ଏହାର ପ୍ରତିବାଦରେ ଆଦିବାସୀ ମହାସଂଘ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରି ଆନ୍ଦୋଳନର ଚେତାବନୀ ଦେଇଛି। ଏସସି, ଏସଟି ଧାରା ଲାଗିବା ପରେ ମଧ କାହିଁକି ସୁଙ୍ଖାନୀ ଦେଇଥିବା ଅଭିଯୋଗ ଅନୁସାରେ ଅଭିଯୁକ୍ତ ଡାକ୍ତରଙ୍କୁ ପୁଲିସ ଗିରଫ କରିନାହିଁ ବୋଲି ପ୍ରଶ୍ନ କରିଛି ମହାସଂଘ। ସୁଙ୍ଖାନୀଙ୍କ ଗିରଫ ପ୍ରତିବାଦରେ ୩୦ ହଜାର ଲୋକଙ୍କୁ ନେଇ ଆଦିବାସୀ ମହାସଂଘ ଘେରାଉ, ଆନ୍ଦୋଳନ, ବନ୍ଦ ଡାକରା ଦେବ ଏବଂ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ମହାସଂଘ କହିଛି।

# ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



**ଦାରିଙ୍ଗବାଡ଼ି, ୨ା୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ, ମୁଖ୍ୟବକ୍ତା ଭାବେ ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ ଓ ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନା ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନା ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ଫିରିଙ୍ଗିଆ, ୨ା୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତରେ ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଲିକ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ତଥା ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଲିକ, ପବିଙ୍ଗିଆ ସରପଞ୍ଚ, ବିଜୁ ଛାତ୍ର ଜନତା ଦଳ ଫିରିଙ୍ଗିଆ ସଭାପତି ଲାଲମୋହନ କହଁର, କେଳାପଡ଼ା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ, ପବିଙ୍ଗିଆ ପଞ୍ଚାୟତ ବିଜେଡି ସଭାପତି ବାମଦେବ କହଁରଙ୍କ ସହ ସକ୍ରିୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୧୩ନଂ ଜୋନ୍‌ରେ ଆରମ୍ଭ ହୋଇଥିବା ବେଳେ ୧୨ନଂ ଜୋନ୍‌ରେ ମଧ୍ୟ ଆରମ୍ଭ ହୋଇ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଫିରିଙ୍ଗିଆ ବିଜେଡି ବ୍ଲକ ସଭାପତି ରଜନୀ କାନ୍ତ ମଲିକ ସୂଚନା ଦେଇଛନ୍ତି।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଲେ ଉପଜିଲ୍ଲାପାଳ



**ଦାରିଙ୍ଗବାଡ଼ି, ୨ା୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଜିଲ୍ଲାପାଳ ଡ. ରୀନା ପ୍ରଧାନ ଶୁକ୍ରବାର ଦାରିଙ୍ଗବାଡ଼ି ଗସ୍ତ କରି ଅଚାନକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଲୋଚନା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କାର୍ଯ୍ୟକୁ ବୁଲି ଦେଖିଥିଲେ। ଏଥିସହ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡ. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ପରିଦର୍ଶନ କରିଥିଲେ। ଦାରିଙ୍ଗବାଡ଼ି ଅଞ୍ଚଳରେ ହୋଇଥିବା ଷ୍ଟ୍ରବେରୀ ଚାଷ ଜମିକୁ ବୁଲି ଦେଖିବା ସହ ଏହି ଚାଷ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଚାଷୀ ରତିରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଉପଜିଲ୍ଲାପାଳ କାର୍ଯ୍ୟରେ ଯୋଗ ଦେବା ପରେ ଏହା ତାଙ୍କର ଦାରିଙ୍ଗବାଡ଼ି ପ୍ରଥମ ଗସ୍ତ। ଉପଜିଲ୍ଲାପାଳଙ୍କ ଗସ୍ତ ବେଳେ ବିଡିଓ ଗଦାଧର ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଶିଶିର ପାତ୍ର ଓ କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ ଉପସ୍ଥିତ ଥିଲେ।

# ଧାନକ୍ରୟ ଲକ୍ଷ୍ୟ ବୃଦ୍ଧି ଦାବି

**ପାରଳାଖେମୁଣ୍ଡି, ୨ା୨(ସମିସ):** ଗଜପତି ଜିଲ୍ଲାରେ ଖରିଫ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇ ଧାନ ମଣ୍ଡି ଖୋଲାଯାଇଛି। ହେଲେ ପୂର୍ବ ଲକ୍ଷ୍ୟ ପୂରଣ ହୋଇଯାଇଥିବା ଯୋଗୁଁ ଅଧିକ ଲକ୍ଷ୍ୟ ଧାର୍ଯ୍ୟ କରିବା ପାଇଁ ସିଏସସିର ସମ୍ପାଦକ ଓ ସଭାପତି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଜିଲ୍ଲାର ଗୋଷାଣି ବ୍ଲକ କଣ୍ଟ୍ରାଗଡ଼ ସମବାୟ ସମିତିର ସଭାପତି କେ.ପିତାମ୍ବର ଏବଂ ସମ୍ପାଦକ କେ.ତେଜେଶ୍ୱର ରାଓ ପ୍ରମୁଖ ଧାନ କ୍ରୟ ନିମନ୍ତେ ଅତିରିକ୍ତ ଲକ୍ଷ୍ୟ ତୁରନ୍ତ ପ୍ରଦାନ କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ତାହା ନ ହେଲେ ଚାଷୀଙ୍କ ଧାନ ତଥା ଟୋକେନ ପ୍ରଦାନ କରାଯାଇଥିବା ଚାଷୀଙ୍କ ଧାନ ସଂଗ୍ରହ ହୋଇପାରିବ ନାହିଁ ବୋଲି ଜଣାଇଛନ୍ତି। ଏହି ସୋସାଇଟିକୁ ଚଳିତ ଥର ଖରିଫ ଧାନ କ୍ରୟ ପାଇଁ ୫୩୪୦.୪୩ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଯାହାକି ୭୯୩୨.୪୭ ଧାର୍ଯ୍ୟ କରିବା କଥା। ୨୫୯୨.୦୪ ଧାନ ଚାଷୀଙ୍କ ନିକଟରେ ରହିଛି। ଯେହେତୁ ଧାନ କ୍ରୟ ପାଇଁ ଟାର୍ଗେଟ କମ୍ ଦିଆଯାଇଛି। ଏପରି ସ୍ଥଳେ ପଞ୍ଜିକୃତ ତଥା ଟୋକେନ୍ ପ୍ରଦାନ କରାଯାଇ ସାରିଥିବା ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ନିଜ ନିଜ ଧାନ ବିକ୍ରିକରିପାରୁ ନାହାନ୍ତି ବୋଲି ଜଣାଇଛନ୍ତି। ଧାନ ବିକ୍ରି ପାଇଁ ଟୋକେନ୍ ପାଇ ସାରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ସେମାନଙ୍କ ଟୋକେନ୍ ତାରିଖ ଶେଷ ହେବାକୁ ଲାଗିଛି। ଅପରପକ୍ଷରେ ଗୋଷାଣି ବ୍ଲକର ବିଭିନ୍ନ ସୋସାଇଟିରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଟୋକେନ୍ ପାଇ ସାରିଥିବା ଚାଷୀ ଚିନ୍ତିତ ରହିଥିବା ବେଳେ ଅନେକ ଚାଷୀ ବାଧ୍ୟ ହୋଇ ଆନ୍ଧ୍ର ପ୍ରଦେଶର ଧାନ ବ୍ୟବସାୟୀଙ୍କୁ ହାତଟେକି ଧାନ ବିକ୍ରି କରୁଥିବା ଦେଖାଯାଉଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଯୋଗାଣ ବିଭାଗ ପୁନଃ ଧାନ କ୍ରୟ ପାଇଁ ଲକ୍ଷ୍ୟ ପ୍ରଦାନ କରିବାକୁ ଚାଷୀ ଦାବି କରିଛନ୍ତି।

# ୧୦ ମାସ ହେଲା ବୃଦ୍ଧାଙ୍କୁ ମିଳୁନି ରାସନ



**ଜି.ଉଦୟଗିରି, ୨ା୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତର ଧାଙ୍ଗଡମା ଗ୍ରାମର ଟିକିରୀ ନାୟକ ପରିଣତ ବୟସରେ ଏବେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଅନ୍ତ୍ୟୋଦୟ କାର୍ଡ ଜରିଆରେ ତାଙ୍କୁ ମିଳୁଥିଲା ରାସନ ସାମଗ୍ରୀ। ପରିବାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଏହି କାର୍ଡରେ ମିଳୁଥିବା ରାସନରେ ଯେନେତେନେ ପ୍ରକାରେ ଚାଲୁଥିଲା ପରିବାର। କିନ୍ତୁ ୧୦ ମାସ ହେଲା ରାସନ ସାମଗ୍ରୀ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ବୃଦ୍ଧା ଜଣକ। ଶେଷ ଥର ପାଇଁ ୨୦୨୩ ମାର୍ଚ୍ଚ ମାସରେ ଯାହା ସାମଗ୍ରୀ ପାଇଥିଲେ। ତାପରେ ଆଉ ପାଇ ନାହାଁନ୍ତି। ରାସନ ସାମଗ୍ରୀ ମିଳୁ ନଥିବାରୁ ପରିବାର ଏବେ ଚିନ୍ତାରେ ରହିଛନ୍ତି। ସାମଗ୍ରୀ ପାଇବା ପାଇଁ ମହିଳା ଜଣକ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ହେଁ ସୁଫଳ ମିଳୁନି। ଅଯୋଗ୍ୟ ହିତାଧିକାରୀ ରାସନ ପାଉଥିବା ବେଳେ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେଉଁ କାରଣରୁ ତାଙ୍କୁ ରାସନ ବନ୍ଦ କରାଯାଇଛି ତାହା କେହି କିଛି କହୁନାହାନ୍ତି।

# ଓଡ଼ିଆ ଭାଷା ସଂପର୍କିତ ଆଲୋଚନାଚକ୍ର

**ପାରଳାଖେମୁଣ୍ଡି, ୨ା୨(ସମିସ):** ପାରଳାଖେମୁଣ୍ଡିସ୍ଥ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅମ୍ବିକା ଦେବୀ ସଭାପତିତ୍ୱ କରିଥିଲେ।



ମୁଖ୍ୟଅତିଥି ଭାବେ ଡ. ଜିତେନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ଓଡ଼ିଆ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ଓଡ଼ିଆ ସାହିତ୍ୟ, କାବ୍ୟ, ଉପନ୍ୟାସ, ନାଟକ ଆଦିର ବହୁଳ ପ୍ରସାର କରାଇବା ସମାଜର ଦାୟିତ୍ୱ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ.ନୃସିଂହ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବାଗ୍ମୀ ରଞ୍ଜନ ପରିଚାଳନା କରିଥିଲେ।

# ମହିଳା ସ୍ନାତକ ମହାବିଦ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଶୁଭଦେଲେ ବିଧାୟକ

**ପାରଳାଖେମୁଣ୍ଡି, ୨ା୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟର ନୂତନ କୋଠା ନିର୍ମାଣ ନିମନ୍ତେ ଶୁଭ ଦେଇଛନ୍ତି ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ନାସୀର ବେଗ୍, ଅଧ୍ୟକ୍ଷା ଡ. ରୀନା ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ନୂତନ କୋଠା ନିର୍ମାଣ ନିମନ୍ତେ ବିଧାୟକ ଶ୍ରୀ ରାଓ ନିଜସ୍ୱ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିବାରୁ ମହାବିଦ୍ୟାଳୟ ତରଫରୁ କୃତଜ୍ଞତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ସମସ୍ତ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।



# ଦୋକାନ ଭିତରକୁ ପଶିଗଲା ସିମେଣ୍ଟ ବୋଝେଇ ଟ୍ରକ୍

**ଫିରିଙ୍ଗିଆ, ୨ା୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୂଆପଦର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଏକ ରାସନ ଦୋକାନକୁ ମାଡିଯିବାରୁ ଦୋକାନ ଭାଙ୍ଗିଯିବା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ଦୋକାନ ପାଖରେ ଥିବା ବିଦ୍ୟାଳୟର ପାଚେରି ମଧ ଭାଙ୍ଗିଯାଇଛି। ଭାଙ୍ଗିଯାଇଥିବା ଦୋକାନ ନୂଆପାଦର ଗାଁର ଆନନ୍ଦ ସାହୁଙ୍କ ବୋଲି ଜଣାପଡ଼ିଛି। ବିଳମ୍ବିତ ରାତିରେ ଝାରସୁଗୁଡାରୁ ନୂଆପଦର ଗାଁକୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଆସିଥିଲା। ଦୋକାନର କିଛି ଦୂରରେ ଟ୍ରକର ଡ୍ରାଇଭର ଗାଡ଼ିରଖି ଶୋଇ ପଡ଼ିଥିବା ବେଳେ କୌଣସି କାରଣରୁ ଟ୍ରକ ଗଡ଼ିଯାଇ ଦୋକାନ ଭିତରକୁ ପଶିଯାଇଥିଲା। ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ବେଳେ ଦୋକାନ ମାଲିକ କ୍ଷତିପୂରଣ ଦାବିରେ ଡ୍ରାଇଭରଙ୍କୁ ନିଜ ହେପାଜତରେ ଅଟକ ରଖିଥିବା ଜଣାପଡ଼ିଛି।



# ଜି.ଉଦୟଗିରିରେ ମିଳୁନି କୋର୍ଟ ଫି'

**ଜି.ଉଦୟଗିରି, ୨ା୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ୧ ଓ ୨ ଟଙ୍କିଆ ଜୁଡିସିଆଲ କୋର୍ଟ ଫି ଏବଂ ୧, ୨, ୫, ୧୦ ଟଙ୍କିଆ ନନ୍ ଜୁଡିସିଆଲ ଷ୍ଟାମ୍ପ ପେପର ମିଳୁନି। ଏଥିପାଇଁ ଲୋକମାନଙ୍କୁ ନାହିଁ ନଥିବା ହଇରାଣ ହେବାକୁ ପଡୁଥିବା ବେଳେ ଅନାବଶ୍ୟକ ଭାବେ ଅଧିକ ଟଙ୍କାର ଷ୍ଟାମ୍ପ ସହିତ କୋର୍ଟ ଫି ବ୍ୟବହାର କରିବାକୁ ପଡୁଛି। ଏହା ଦୀର୍ଘ ଦିନ ହେଲା ନ ମିଳିବା ଏବଂ ବ୍ରହ୍ମପୁର, ଫୁଲବାଣୀ ଆଦି ବିଭିନ୍ନ ସ୍ଥାନରୁ ଆଣିବା ଅଧିକ ଖର୍ଚ୍ଚ ସହିତ ସମୟସାପେକ୍ଷ ହେଉଛି ବୋଲି ବରିଷ୍ଠ ଆଇନଜୀବୀ ଦୀପକ ଭରଦ୍ୱାଜ କହିଛନ୍ତି। ଏହି ଅଭାବ ବହୁ ଦିନ ହେଲା ଲାଗି ରହିଥିବା ବେଳେ ବାର୍ ଆସୋସିଏସନ ତରଫରୁ କ୍ଷୋଭ ପ୍ରକାଶ କରାଯିବା ସହିତ ଶୀଘ୍ର ଏହା ସ୍ଥାନୀୟ ଷ୍ଟାମ୍ପ ଭେଣ୍ଡରଙ୍କ ପାଖରେ ଉପଲବ୍ଧ କରିବାକୁ ବାର୍ ଆସୋସିଏସନ ତରଫରୁ ସମ୍ପାଦକ ରମେଶ ବେହେରା ଲିଖିତ ଭାବେ ସବ୍‌ଟ୍ରେଜେରି ଅଫିସରଙ୍କୁ ଅନୁରୋଧ କରିଛନ୍ତି।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଫିରିଙ୍ଗିଆ, ୨ା୨(ସମିସ)



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ଖେଳପଡ଼ିଆରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ମନୋଜ କହଁରଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଝୁଲିଲତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା କୁଇସମାଜ ସଭାପତି ମୁଖୁନ୍ଦ କହଁର, କୃଷି ଅଧିକାରୀ ରଂଜିତା ସାହୁ, ଜୀବିକା ମିଶନ ବ୍ଲକ ସଂଯୋଜକ ସଂଗ୍ରାମ କେଶରୀ ସାହୁ, ନୁଆପଦର ପଶୁ ଚିକିତ୍ସକ, ଡିମିରିଗୁଡା କୁଇସମାଜ ସଭାପତି ଆନନ୍ଦେଶ୍ୱର କହଁର, ପଞ୍ଚାୟତ ମହିଳା ସମ୍ପାଦିକା ମାଳତୀ କହଁର, ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, କୋଷାଧ୍ୟକ୍ଷ ସୁବ୍ରତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର କହଁର ପରିଚାଳନା କରିଥିବା ବେଳେ ଫିରିଙ୍ଗିଆ ଶଖିପଡ଼ା ଗାଁର ନାଟ୍ୟଗୁରୁ ବିଜୟ କୁମାର ସାହୁ ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ବିଭିନ୍ନ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁଇ ଭାଷା ଉପରେ ଆଧାରିତ ପାରମ୍ପରିକ ନାଚ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଡିମିରିଗୁଡା ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ପୁସ୍ତିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରାମପତି କହଁର, ମାସିଆ ମଲିକ, ବାଲମିତି କହଁର, ଦ୍ରୌପଦୀ କହଁର, ପୂର୍ବତନ ସମିତିସଭ୍ୟ ସଞ୍ଜୟ ରଣା, ଭଜମନ କହଁର, ମମତା ଚନ୍ଦନ ଓ ରଂଜିତା ପ୍ରଧାନ ଉପସ୍ଥିତ ଥିଲେ।

# ଯୁବରାଜ ହତ୍ୟାର ମାଷ୍ଟରମାଇଣ୍ଡ ଗିରଫ



**ମୋହନା, ୨ା୨(ସମିସ):** ଗତ ୨୦୨୦ ମସିହା ଜାନୁଆରୀ ପହିଲାରେ ମୁନିଗୁଡ଼ା ତହସିଲ କାର୍ଯ୍ୟାଳୟର ଡ୍ରାଇଭର ଯୁବରାଜ ଚାନ୍ଦି ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ବିଜୁ ସାମନ୍ତରାଏକୁ ଗିରଫ କରିଛି ଅଡ଼ବା ପୁଲିସ। ବିଜୁକୁ ପିପିଲି ଥାନା ବାଗେଶ୍ୱରପୁରରୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି। ଅଡ଼ବା ଥାନା ଏସ୍‌ଆଇ ଜୟକୃଷ୍ଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ବାଗେଶ୍ୱରପୁରରୁ ଅଭିଯୁକ୍ତକୁ ଗିରଫ କରିଛି। ପୂର୍ବରୁ ଏହି ହତ୍ୟା ଘଟଣାରେ ମୃତ ଯୁବରାଜଙ୍କ ସ୍ତ୍ରୀ ମୁନିଗୁଡା ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ନିବେଦିତା ନାଏକଙ୍କ ସହ ଦୁଇ ଅଭିଯୁକ୍ତ ଆସିକା ଏବଂ ହିଞ୍ଜିଳିକାଟୁ ଥାନା ଅଞ୍ଚଳର ସୁଜିତ ମହାପାତ୍ର ଓ ପ୍ରମୋଦ ବେହେରାଙ୍କୁ ଗିରଫ କରିଥିଲା ପୁଲିସ। ଦୀର୍ଘ ଚାରିବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ସୂଚନାଯୋଗ୍ୟ ଯେ ନିବେଦିତା ତାଙ୍କ ପୁରୁଷ ବନ୍ଧୁ ବିଜୁ ଏବଂ ଦୁଇ ସହଯୋଗୀଙ୍କ ସହ ମିଶି ଯୁବରାଜଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରି ଅଡ଼ବା ଥାନା ସମ୍ମୁଖରେ ଫିଙ୍ଗି ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଗଜପତି ଜିଲ୍ଲା ଗୌରବାନ୍ୱିତ ହୋଇଛି: ଜିଲ୍ଲାପାଳ

**ପାରଳାଖେମୁଣ୍ଡି,୨।୨(ସମିସ):** ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଗଜପତି ଜିଲ୍ଲା ଗୌରବାନ୍ୱିତ ହୋଇଛି। ସମୁଦାୟ ୩୮ ଶ୍ରେଣୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ଏ ନେଇ ସମଗ୍ର ଜିଲ୍ଲାରେ ଶିକ୍ଷା ମହଲରେ ଖୁସିର ଲହରୀ ଖେଳିଯାଇଛି। ସବୁ ଆଡୁ ପ୍ରଶଂସା କରାଯାଉଛି। ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଦୁଇ ପଞ୍ଚାୟତ ବଡ଼ଗୋଷାଣି ଓ ବୋମିକା ପୁରସ୍କୃତ ହୋଇଛି। ବଡ଼ଗୋଷାଣି ପଞ୍ଚାୟତ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ବେଳେ ବୋମିକା ପଞ୍ଚାୟତ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛି। ଏଥିଲାଗି ପୃଥକ ଭାବେ ପଞ୍ଚାୟତର ସରପଞ୍ଚଙ୍କ ସହ ସମ୍ପୃକ୍ତ ପଞ୍ଚାୟତର ପିଇଓ ମଧ୍ୟ ଉପସ୍ଥିତ ଥିଲେ। ବଡ଼ଗୋଷାଣି ସରପଞ୍ଚ ବି.ମୋହନ ରାଓ ଏବଂ ପିଇଓ କେ. ଚନ୍ଦ୍ର ରାଓ ଏବଂ ବୋମିକା ସରପଞ୍ଚ ଗିନି ବିମଳାବତୀ ଲକ୍ଷ୍ମଣ ରେଡ୍ଡୀ ଏବଂ ତାଙ୍କ ସହ ପିଇଓ ଶ୍ରୀ ମାଝୀ ଭୁବନେଶ୍ୱର ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେମାନେ ଫେରିବା ପରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଭେଟି ଅଭିନନ୍ଦନ ଜଣାଇବା ସହ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ପ୍ରଶଂସା କରିଥିଲେ। ଏହା ସହ ପୁରସ୍କୃତ ଟ୍ରଫି ସହ ମାନପତ୍ର ଉପଢ଼ୌକନ ପ୍ରଦର୍ଶନ କରିଥିଲେ। ସେହିପରି ସରପଞ୍ଚ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କୁ ଭେଟି ପୁରସ୍କାର ସମ୍ପର୍କରେ ଆଲୋଚନା କରିବା ସହ ପ୍ରଶଂସା କରିଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ପଞ୍ଚାୟତ ଆଦି ପୁରସ୍କୃତ ହୋଇଥିବା ଜଣାପଡିଛି। ମହେନ୍ଦ୍ରଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ



ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି। ଏଥିସହ ଉକ୍ତ ବିଦ୍ୟାଳୟ ମଧ୍ୟ ସମ୍ମାନିତ ହୋଇଛି। ପ୍ରଧାନଶିକ୍ଷକଙ୍କ ସହ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଉପସ୍ଥିତ ଥିଲେ। ଏହାସହ ନୂଆଗଡ ବ୍ଲକ ସମ୍ବଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟ ଶ୍ରେଷ୍ଠ ପ୍ରଧାନଶିକ୍ଷକଙ୍କ ସହ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ପାଇଛି। ଅନ୍ୟାନ୍ୟ ବର୍ଗରେ ଗୁମ୍ମା ବ୍ଲକର ଗୁମ୍ମାସ୍ଥିତ କେ.ସି. ପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସାଇ ପ୍ରସାଦ ନନ୍ଦ, ମୋହନା ବ୍ଲକର ମୋହନାସ୍ଥିତ ଲାଲବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ବୁରୁଦା ଗୌରୀ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଅନ୍ୟାନ୍ୟ ଶ୍ରେଷ୍ଠ ଶିକ୍ଷକ ବିଦ୍ୟାଳୟ ଭାବେ ଆର୍. ଉଦୟଗିରି ବ୍ଲକର ଆର୍. ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, କାଶୀନଗର ବ୍ଲକର ଖାରଡାସ୍ଥିତ ସରକାରୀ ବି.ଏମ୍. ହାଇସ୍କୁଲ, ଗୁମ୍ମା ବ୍ଲକର ମୁନସିଂ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋହନା ବ୍ଲକର ରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ, ମେରାପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ ବ୍ଲକର ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଷାଣି ବ୍ଲକର ଗାରାବନ୍ଧର ଏସ୍‌ଭିଟି ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ପଦକ ଲାଭ କରିଛି।

## ସୁଙ୍କାନୀଙ୍କୁ ସର୍ତ୍ତମୂଳକ ଜାମିନ

**ପାରଳାଖେମୁଣ୍ଡି,୨।୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତରଙ୍କୁ ଚପଲରେ ମାରିବା ଘଟଣାରେ ଗିରଫ ହୋଇଥିବା ମୃତ ସୌଦାମିନୀ ରଇତଙ୍କ ମା' ସୁଙ୍କାନୀ ଗମାଙ୍ଗଙ୍କୁ ଶୁକ୍ରବାର ଏସ୍‌ଡିଜେଏମ୍ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଭୁଲ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେଇଥିବା ଅଭିଯୋଗ କରି ସୁଙ୍କାନୀ ଚାରିଦିନ ପୂର୍ବେ କାର୍ଯ୍ୟରତ ଡାକ୍ତର ରଶ୍ମିକାନ୍ତ ମିଶ୍ରଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନା ବେଳେ ସୁଙ୍କାନୀ ହଠାତ୍ ଚପଲରେ ଡା.ମିଶ୍ରଙ୍କୁ ପିଟିଥିଲେ। ଡା.ମିଶ୍ର ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସୁଙ୍କାନୀ ଡାକ୍ତରଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ପୂର୍ବରୁ ଦୁଇଟି ମାମଲା ସହ ଡାକ୍ତରଙ୍କୁ ମାଡ଼ ମାରିବା ଘଟଣାରେ ଗୁରୁବାର ଗିରଫ ହୋଇଥିଲେ ସୁଙ୍କାନୀ। ଏନେଇ ବିଳମ୍ବିତ ସନ୍ଧ୍ୟାରେ ଆଦିବାସୀ ମହାସଂଘ ଏହାକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀ କରି ଆନ୍ଦୋଳନ ଚେତାବନୀ ଦେଇଥିଲେ।

## 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ଦିଗପହଣ୍ଡି,୨।୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସରପଞ୍ଚ ବି.ସନ୍ଧ୍ୟାରାଣୀ ସୁବୁଦ୍ଧି ଏବଂ ସମିତି ସଭ୍ୟା ସୁନୀତା ରେଡ୍ଡୀଙ୍କ ନେତୃତ୍ୱରେ ବିଜେଡିର ତୃଣମୂଳସ୍ତରର କର୍ମୀ ଗ୍ରାମରେ ଶୋଭାଯାତ୍ରା କରି ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନର ଷ୍ଟିକର ମାରିଥିଲେ। ଗଞ୍ଜାମ ଜିଲ୍ଲା ବିଜେଡି କମିଟି ଉପସଭାପତି ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ପଞ୍ଚାୟତ କମିଟି ସଭାପତି ଏମ. ଅସନ୍ତୁଲୁ ରେଡ୍ଡୀ, ୱାର୍ଡ ସଭ୍ୟ ହରିଶ୍ଚନ୍ଦ୍ର ରେଡ୍ଡୀ ଅତିଥି ଭାବେ ଯୋଗଦେଇଥିବା ବେଳେ ଗ୍ରାମର ବହୁସଂଖ୍ୟକ ମହିଳା ଶୋଭାଯାତ୍ରାରେ ସାମିଲ ଥିଲେ।

## ଆଇନଜୀବୀ ସଂଘର ଦାବିପତ୍ର ପ୍ରଦାନ

**ଦିଗପହଣ୍ଡି,୨।୨(ସମିସ):** ଭାରତୀୟ ଆଇନଜୀବୀ ସଂଘର ଆହ୍ୱାନ କ୍ରମେ ଶୁକ୍ରବାର ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ୬ଦଫା ଦାବି ନେଇ ଏକ ସ୍ମାରକପତ୍ର ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି।



ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା, ମଧୁବାବୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନା ଆରମ୍ଭ କରି ଆଇନଜୀବୀଙ୍କୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଯୋଗାଇଦେବା ଭଳି ବିଭିନ୍ନ ଦାବି ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଆଇଏଏଲ୍ ଜିଲ୍ଲା କାର୍ଯ୍ୟକର୍ତ୍ତା ହରପ୍ରସାଦ ରଥ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ଏ. ସୋମେଶ୍ୱର ରାଓ, ଚନ୍ଦ୍ରଧ୍ୱଜ ସିଂହ, ରତ୍ନାକର ମେକାପ, ହେମନ୍ତ କୁମାର ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ, ରଞ୍ଜନ କୁମାର ବେହେରା, ମନୋରଞ୍ଜନ ପଣ୍ଡା, ଗିରିଜା ନନ୍ଦନ ମେକାପ, ନକୁଳ ପ୍ରଧାନ, କିଶୋର ଚନ୍ଦ୍ର ଗୌଡ଼, ପ୍ରହଲ୍ଲାଦ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ସେଠୀ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ପିତା-ମାତାଙ୍କ ସ୍ମୃତିରେ ମିନିପାର୍କ ଲୋକାର୍ପିତ



**ଛତ୍ରପୁର,୨।୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁରରେ ଗ୍ରାମର ତତ୍କାଳୀନ ଭଦ୍ରବ୍ୟକ୍ତି ତଥା ଅଞ୍ଚଳର ଜଣାଶୁଣା ସମାଜସେବୀ ସ୍ୱର୍ଗତ ଦଣ୍ଡପାଣି ସାହୁ ଓ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ସାହୁଙ୍କ ସ୍ମୃତିରେ ତାଙ୍କର କନିଷ୍ଠ ପୁତ୍ର ଅଭିମନ୍ୟୁ ସାହୁ ଗ୍ରାମର ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମିନିପାର୍କ ଲୋକାର୍ପଣ କରିଛନ୍ତି। ଗ୍ରାମବାସୀଙ୍କ ଉପସ୍ଥିତିରେ ଟାଙ୍ଗଣାପଲ୍ଲୀ ସମିତି ସଭ୍ୟା ମୀନା କୁମାରୀ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ଗ୍ରାମ ସଭାପତି ଅମରେଶ୍ୱର ସାହୁ, ସରପଞ୍ଚ ବି.ସୁଦାମ, କାଞ୍ଚନ ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଏଭଳି ଏକ ଯୋଜନାର ପ୍ରଶଂସା କରି ଏହାର ସୁରକ୍ଷାରେ ଗ୍ରାମବାସୀଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

## କ୍ଲକ୍ ଟାୱାର ଲୋକାର୍ପିତ

**ବୁଗୁଡ଼ା,୨।୨(ସମିସ):** ବୁଗୁଡ଼ା ଏନ୍‌ଏସି ୱାର୍ଡ ନଂ-୭ ଅନ୍ତର୍ଗତ ମଦନମୋହନ ଛକରେ ସ୍ଥାପିତ ସୁଉଚ୍ଚ କ୍ଲକ୍ ଟାୱାର ଲୋକାର୍ପିତ ହୋଇଯାଇଛି। କାଉନସିଲର ଆଶୁତୋଷ ବଡ଼େଇଙ୍କ ପ୍ରସ୍ତାବ କ୍ରମେ ମୁକ୍ତା ଅନୁଦାନରେ ନିର୍ମିତ ଉକ୍ତ କ୍ଲକ୍ ଟାୱାରକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିବା ସହ ଏହାର ନିମ୍ନ ଭାଗରେ ସ୍ଥାପିତ ମଦନ ମୋହନ ପାଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀଙ୍କ ସମେତ ଅନ୍ୟାନ୍ୟ କାଉନସିଲର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଗଣ ଏବଂ ସହରବାସୀ ଉପସ୍ଥିତ ଥିଲେ।



## ଏସ୍‌ଏଚ୍‌ଜି ମହିଳାଙ୍କ କବିତା ପାଠୋତ୍ସବ

**ଫୁଲବାଣୀ,୨।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଓଡ଼ିଆ ଭାଷା, ସଂସ୍କୃତିର ଐତିହ୍ୟକୁ ପାଳନ କରିବା ଉଦ୍ଦେଶ୍ୟରେ ସେହି ଦିନ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବ। ଏହାକୁ ଦୃଷ୍ଟିରେ ରଖି ମିଶନ ଶକ୍ତି ବିଭାଗ ଓ କନ୍ଧମାଳ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯ ଜଣ ମିଶନ ଶକ୍ତି ସଦସ୍ୟା କବିତା ପାଠ କରିଥଲେ। ସେମାନଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରଭି ସ୍ୱୟଂ ସହାୟକ ଗୋଷ୍ଠୀର ବିଦ୍ୟୁଲତା ବେହେରା, ଝାନ୍‌ସୀରାଣୀ ଏସ୍‌ଏଚ୍‌ଜିର ଆରତୀ ପରିଚ୍ଛା ଓ ହଳଦିଆସିନି ଏସ୍‌ଏଚ୍‌ଜିର ପ୍ରତିମା ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ, ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ରଥ, ସହକାରୀ ପ୍ରଫେସର ଡ.ଚନ୍ଦ୍ରଶେଖର ଦାସ, ଏଜେଓ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଯୁଧିଷ୍ଠିର ମହାନ୍ତି, ବ୍ଲକ ପ୍ରକଳ୍ପ ସଂଯୋଜକ ଦୀପ୍ତିରାଣୀ ପଟ୍ଟନାୟକ ଓ ସୁଶାନ୍ତ ଲେଙ୍କା ଅତିଥି ଭାବେ ଯୋଗ ଦେଇଥିଲେ।

## ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ବୈଠକ



**ଦାରିଙ୍ଗବାଡି,୨।୨(ସମିସ):** ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ ୭ମ ପଞ୍ଚାୟତ ସମିତି ବୈଠକ ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବିଡିଓ ଗଦାଧର ପାତ୍ର ପରିଚାଳନା କରିଥିଲେ। ଜିପିଓ ଦୁଃଶାସନ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏଁ ମିଳିଥିବା ଅନୁଦାନରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇଥିଲେ ସୁଦ୍ଧା ସମିତିସଭ୍ୟଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଯୋଗୁଁ କିଛି ସମୟ ହୋହଲ୍ଲା ହୋଇଥିଲା। ଏହା ପରେ ପ୍ଲିହେରି, ବ୍ରାହ୍ମଣୀଗାଁ ,ବୁଢ଼ାଗୁଡ଼ା ପଞ୍ଚାୟତ, ସିମାଳକିଆ ଗ୍ରାମ, ସିର୍କାବର୍ଗ ପଞ୍ଚାୟତରେ ଜଳ ଯୋଗାଣ ବ୍ୟବସ୍ଥାକୁ ନେଇ ଅଭିଯୋଗ ହୋଇଥିଲା। ଦାରିଙ୍ଗବାଡ଼ି ବଜାରରେ ପାଣି ଟାଙ୍କି ଥିଲେ ମଧ୍ୟ ଦୁଇ ବର୍ଷ ହେଲା ଜଳଯୋଗାଣ ହେଉ ନ ଥିବା ଦାରିଙ୍ଗବାଡ଼ି ସମିତିସଭ୍ୟ ଓ ସରପଞ୍ଚ ଅଭିଯୋଗ କରିଥିଲେ। ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଅନେକ ସ୍କୁଲରେ ଗୃହ ନ ଥିବା ବେଳେ ଶିକ୍ଷକ ଠିକ୍‌ଭାବେ ପାଠ ପଢ଼ାଉ ନ ଥିବା ସରପଞ୍ଚ ଆଦ୍ରିୟ ପ୍ରଧାନଙ୍କ ସମେତ ଅନ୍ୟ ସରପଞ୍ଚ ଏବଂ ସମିତିସଭ୍ୟ ଅଭିଯୋଗ କରିଥିଲେ। ଏଥିସହିତ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ସମୟରେ ବ୍ୟବଚ୍ଛେଦ କରୁଥିବା ଲୋକ ୨ ହଜାରରୁ ୩ ହଜାର ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜାକେଶ ସାମନ୍ତରାୟ ତାହା ରୋକିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସରକାରଙ୍କ ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ ଜଣେ ଲୋକଙ୍କୁ ନିଯୁକ୍ତି ଦିଆଯିବା ପାଇଁ ଦାବି ହୋଇଥିଲା। ବୈଠକରେ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ଜିଲ୍ଲାରେ ତାଙ୍କ ପକ୍ଷରୁ ହେବାକୁ ଥିବା ବିଭିନ୍ନ ଅନୁଷ୍ଠାନ ସମ୍ପର୍କରେ କହିଥିଲେ। ଏଥିରେ ବିଧାୟକ ପ୍ରତିନିଧି ଦୀପକ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ ଏବଂ ଦୀପିକା ମାଝୀ, ଉପାଧ୍ୟକ୍ଷ ସସ୍ମିତା ପ୍ରଧାନ, ସହକାରୀ ଯନ୍ତ୍ରୀ ଶିଶିର ପାତ୍ର ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ୫ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷା ପୁରସ୍କାର



**ବେଲଗୁଣ୍ଠା,୨।୨(ସମିସ):** ବେଲଗୁଣ୍ଠା ବ୍ଲକର ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ଆଶୁତୋଷ କୁମାର ସ୍ୱାଇଁ, ରବିନାରାୟଣ ଗୌଡ଼, ପ୍ରଭାତ କୁମାର ଗୌଡ଼ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ବିଷୋୟୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ବେଲଗୁଣ୍ଠା ବ୍ଲକ ଗାଙ୍ଗପୁରସ୍ଥିତ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଥିବାବେଳେ ସେହି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଆଶୁତୋଷ କୁମାର ସ୍ୱାଇଁ ଜିଲ୍ଲାର ଶ୍ରେଷ୍ଠ ଶାରିରୀକ ଶିକ୍ଷକ ଭାବେ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ବ୍ଲକର ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଗୌଡ଼ ଜିଲ୍ଲାର ଶ୍ରେଷ୍ଠ ଇଂରାଜୀ ଶିକ୍ଷକ ଭାବେ ପୁରସ୍କାର ଗ୍ରହଣ କରିଥିବାବେଳେ ନେଟେଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ଶିକ୍ଷକ ପ୍ରଭାତ କୁମାର ଗୌଡ଼ ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ତୃତୀୟ ଭାଷା ଶିକ୍ଷକ ଭାବେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଘୁ. ନୂଆଁଗାଆଁ ସ୍ଥିତ ଡକ୍ଟର୍ ସଦାନନ୍ଦ ତ୍ରିପାଠୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ବିଷୋୟୀ ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ରୂପେ ପୁରସ୍କୃତ ହୋଇଛନ୍ତି। ବେଲଗୁଣ୍ଠା ବ୍ଲକର ସମସ୍ତ ମନୋନୀତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବିଷୋୟୀଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପୁରାତନ ଛାତ୍ର ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**ଗଞ୍ଜାମ,୨।୨(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ୱାର୍ଡ ନଂ ୭ ଦାସ ସାହିର ରବୀନ୍ଦ୍ର ଦାସଙ୍କ(୩୦) ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରବୀନ୍ଦ୍ର ତାଙ୍କ ଦୁଇ ସହଯୋଗୀଙ୍କ ସହ କାର୍ଯ୍ୟକ୍ରମ ସାରି ବାଇକ୍‌ରେ ରାତ୍ର ପ୍ରାୟ ୧୨ଟାରେ ଘରକୁ ଫେରୁଥିବାବେଳେ ଛତ୍ରପୁର ନିକଟରେ ଡିଭାଇଡର୍‌ରେ ପିଟି ହୋଇ ଯାଇଥିଲେ। ଫଳରେ ବାଇକ୍ ଚଳାଉ ଥିବା ରବୀନ୍ଦ୍ର ଗୁରୁତର ହୋଇ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ମେଡିକାଲକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଗଞ୍ଜେଇ ଚାଲାଣ ଘଟଣାରେ ଜଣେ ଗିରଫ

ରଙ୍ଗେଇଲୁଣ୍ଡା,୨।୨(ସମିସ): ଗଞ୍ଜେଇ ଚୋରା ଚାଲାଣ କରିବା ଘଟଣାରେ ଶୁକ୍ରବାର ସ୍ଥାନୀୟ ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଠାରୁ ଗଞ୍ଜେଇ ଓ ଗାଡି ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ କୋରାପୁଟ ଜିଲ୍ଲା କୋଟପାଡ଼ ଗ୍ରାମ ପ୍ରଦୀପ କୁମାର ସ୍ୱାଇଁ (୫୩)। ସୂଚନା ଅନୁସାରେ ଶନିବାର ଗୋଳନ୍ଥରା ପୁଲିସ ଯାନବାହାନ ଯାଞ୍ଚ କରୁଥିବା ବେଳେ ପ୍ରଦୀପ ଏକ ସ୍କୁଟି ଯୋଗ ଇଛାପୁରରୁ କନିସି ଅଭିମୁଖେ ଯାଉଥିବା ବେଳେ ଭାଲିଆଗଡ଼ ନିକଟରେ ପୁଲିସ ଯାଞ୍ଚ କରିଥିଲା। ଗାଡିକୁ ଯାଞ୍ଚ ସମୟରେ ଡିକିରୁ ୧ କେଜି ୯ ଶହ ୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ପ୍ରଦୀପକୁ ଅଟକ ରଖି ପଚାରଉଚରା କରିବା ପରେ ଇଛାପୁରରୁ କନିସି ଗଞ୍ଜେଇ ଚାଲାଣ କରି ସାଧାରଣ ଲୋକକୁ ବିକ୍ରି କରିବା ନେଇ ପୁଲିସ ନିକଟରେ କହିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ପ୍ରଦୀପଙ୍କୁ କୋର୍ଟଚାଲାଣ କରିଛି।

## ଛାତ୍ରୀଙ୍କ ଅକାଳ ବିୟୋଗ

**ବୁଗୁଡ଼ା,୨।୨(ସମିସ):** ସ୍ଥାନୀୟ ନିୟୁ ଏରା ପବ୍ଲିକ ସ୍କୁଲର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଅକାଳ ବିୟୋଗ ଘଟିଛି। ମୃତକ ହେଲେ ହେଲେ ଶ୍ରାବଣୀ ପ୍ରଧାନ ଏବଂ ସେ ନିକଟସ୍ଥ ଗୋଲିଆ ଗ୍ରାମର ଭଗବାନ ପ୍ରଧାନଙ୍କ ଝିଅ। କିଛି ଦିନ ହେଲା ଶ୍ରାବଣୀ ଅସୁସ୍ଥ ଥିବାବେଳେ ଗୁରୁବାର ଗୁରୁତର ହୋଇପଡିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ପ୍ରାୟ ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ତାଙ୍କ ବିଦ୍ୟାଳୟରେ ନିରବ ପ୍ରାର୍ଥନା କରାଯିବା ସହ ସ୍କୁଲ କର୍ତ୍ତୃପକ୍ଷ ଏବଂ ଶ୍ରେଣୀ ଶିକ୍ଷୟିତ୍ରୀମାନେ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

# ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଧରାକୋଟ,୨।୨(ସମିସ):**

ଧରାକୋଟ ବ୍ଲକ ଅନ୍ତର୍ଗତ ଢଉଗାଁରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶୀଲ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଝାଡ଼ବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ଝରପାରି ସରପଞ୍ଚ ମାଧୁରୀ ସ୍ୱାଇଁ, ନାଏବ ସରପଞ୍ଚ ରେବତୀ ନାୟକ, ନାରୀ ନେତ୍ରୀ ଭାରତୀ ପାତ୍ର, ସରପଞ୍ଚ ପ୍ରତିନିଧି ଲିଟୁ ଭୂୟାଁ, ପ୍ରମୋଦ ମହାରଣା, ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ମନ୍ଦାକିନୀ ମଲିକ, ଡାକ୍ତର ଶଙ୍କର ନାରାୟଣ ବେହେରା, ଜିଆର୍‌ଏସ ସଞ୍ଜୟ ସ୍ୱାଇଁ, ଯୋଗାଣ ସହାୟକ ମଳୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୨ ଜଣ ହିତାଧିକାରୀଙ୍କୁ ଏମବିପିୱାଇ ଭତ୍ତା, ୧୦ ଜଣଙ୍କୁ ଗ୍ରାମ କଣ୍ଟକ ପଟ୍ଟା ଓ ୬୦ ଜଣଙ୍କୁ ମୋ ଗୁହାଳ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।



ବୁଗୁଡ଼ା: ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପାଙ୍ଗିଡ଼ି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଙ୍ଗିଡ଼ି ସରପଞ୍ଚ ଭାଗ୍ୟଲତା ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଡିଓ ସନ୍ତୋଷ କୁମାର ଜେନା, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷ କେ ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢୀ, ବୁଗୁଡ଼ା ଅଞ୍ଚଳ ନିର୍ଦ୍ଦେଶକ ନନ୍ଦିନୀ ଭୁୟାଁ, ସମିତି ସଭ୍ୟା ସସ୍ମିତା ଆପଟ୍ଟ, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ବିଷୟରେ ଆଲୋପାତ କରିଥିଲେ। ଜିପିଇଓ ମନୋଜ କୁମାର ସାହୁ ଓ ନୃସିଂହ ଚରଣ ଦାସ ସଂଯୋଜନା କରିଥିବାବେଳେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଆପଟ, ସେବା ସମବାୟ ସମିତି ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବିଷୋୟୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସିଆରପି, ଏମ୍‌ବିକେ, ଏସ୍‌ଏଚ୍‌ଜି ସଦସ୍ୟା ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

**ଆସିକା:** ଆସିକା ବ୍ଲକ ଅନ୍ତର୍ଗତ ନଳବଣ୍ଟା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କିଶୋର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପଞ୍ଚାୟତ ଅଧ୍ୟକ୍ଷ ତ୍ରିବେଣୀ ନାହାକ, ବିଡିଓ ଫକୀର ଚରଣ ପରିଡା, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ପଞ୍ଚାୟତ ଅଫିସର ଦିପାଞ୍ଜଳି ପ୍ରଧାନ, ଜିଆରଏସ ରବୀନ୍ଦ୍ର ପ୍ରଧାନ, ଜେଇ ବାବୁରାମ ନାୟକଙ୍କ ସମେତ ପଞ୍ଚାୟତ ସମିତି ସଭ୍ୟ କିରଣ ଭୁଆଁ, ଗହଙ୍ଗୁ ସରପଞ୍ଚ ମନୋଜ ପରିଡା, ଚଢିଆପଲି ପଞ୍ଚାୟତ ସରପଞ୍ଚ ଜୟସନ ସ୍ୱାଇଁ, ଖଣ୍ଡ ଦେଉଳି ସମିତି ସଭ୍ୟ ପ୍ରତିନିଧି ଅରୁଣ ଦଳାଇ, ବିପିଏମ ଅନିତା ମହାରଣା ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ମେଣ୍ଟର ଅଧିକାରୀ, ଅଙ୍ଗନବାଡି କର୍ମୀ, ସିଆରପି କର୍ମୀ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସାମ୍ବାଦିକ ରତ୍ନାକର ସିଂହ ସହଯୋଗ କରିଥିଲେ।



ଶ୍ରୀମନ୍ଦିର ହୁଣ୍ଡିରେ ପରିକ୍ରମା ପ୍ରକଳ୍ପର ପ୍ରଭାବ

# ୧୫ ଦିନରେ ବାହାରିଛି ୮୦ ଲକ୍ଷ

ପୁରୀ, ୨।୨(ସମିସ):

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କିଭଳି ବିକଶିତ ହୋଇଛି, ପରିକ୍ରମା ପ୍ରକଳ୍ପରେ କ'ଣ ସୁବିଧା କରାଯାଇଛି, ତାହାକୁ ଦେଖିବା ଏବଂ ଅନୁଭୂତି ନେବା ଲାଗି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। କେବଳ ପରିକ୍ରମା ପ୍ରକଳ୍ପ ନୁହେଁ, ମହାପ୍ରଭୁଙ୍କୁ ବି ଦର୍ଶନ କରିହେବ। ଏଭଳି ମାନସିକତା ରଖିଥିବା ଭକ୍ତଙ୍କର ଏବେ ସୁଅ ଛୁଟୁଛି ପୁରୀକୁ। ପୁଣି ରାଜ୍ୟ ସରକାର ପ୍ରତି ଜିଲ୍ଲାରୁ ପର୍ଯ୍ୟାୟକ୍ରମେ ଶ୍ରଦ୍ଧାଳୁଙ୍କୁ ପୁରୀ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇବା ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖାଇବାର ବ୍ୟବସ୍ଥା କରିଛନ୍ତି। ଫଳରେ ପୂର୍ବାପେକ୍ଷା ପୁରୀକୁ ଭକ୍ତଙ୍କ ସଂଖ୍ୟା ଢେର୍ ବୃଦ୍ଧି ପାଇଛି, ଯାହାର ପ୍ରଭାବ ଏବେ ଶ୍ରୀମନ୍ଦିର ହୁଣ୍ଡି ଉପରେ ପଡ଼ିଛି। ପୂର୍ବରୁ ସାଧାରଣ ଦିନରେ ହୁଣ୍ଡିରୁ ଯେତିକି ପରିମାଣର ଟଙ୍କା ବାହାରୁଥିଲା, ଏବେ ତାହା ପ୍ରାୟ ଦେଢ଼ରୁ ଦୁଇଗୁଣ ବୃଦ୍ଧି ପାଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ମାତ୍ର ୧୫ଦିନରେ ହୁଣ୍ଡିରୁ ପ୍ରାୟ ୮୦ଲକ୍ଷ ଟଙ୍କା ମିଳିଲାଣି।

ଶ୍ରୀମନ୍ଦିରକୁ ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ତେଣୁ ପ୍ରତିଦିନ ହୁଣ୍ଡିରୁ ପ୍ରାୟ ଅଢ଼େଇରୁ ତିନିଲକ୍ଷ ପର୍ଯ୍ୟନ୍ତ ଟଙ୍କା ବାହାରିଥାଏ। ଏହାବାଦ୍ ଛୁଟିଦିନ କିମ୍ବା ଅନ୍ୟାନ୍ୟ ପର୍ବପର୍ବାଣି ଦିନରେ ଭକ୍ତଙ୍କ ସଂଖ୍ୟା ଲକ୍ଷେ ଟପୁଥିବା ବେଳେ ହୁଣ୍ଡି ଅର୍ଥ ୫ଲକ୍ଷରୁ ଊର୍ଦ୍ଧ୍ୱ ବାହାରିଥାଏ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ମୋଟାମୋଟି ଏହି ଧାରା ଜାରି ରହିଥିଲା। ଏହି ହିସାବକୁ ନେଲେ ୧୫ ଦିନରେ ୪୫ରୁ ୫୦ଲକ୍ଷ ଟଙ୍କା ବାହାରିବା କଥା। ହେଲେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବା ପରଠାରୁ ୧୫ଦିନରେ ଶ୍ରୀମନ୍ଦିର ହୁଣ୍ଡିରୁ ବାହାରିଛି ୭୯ଲକ୍ଷ ୪୨ ହଜାର ୪୨୮ ଟଙ୍କା। ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିଥିଲେ। ଏହି ଦିନ ହୁଣ୍ଡିରୁ ୫ଲକ୍ଷ ୪୬ ହଜାର ୬୦୫ ଟଙ୍କା ମିଳିଥିଲା। ଏହା ପରଠାରୁ ହୁଣ୍ଡିରେ ଟଙ୍କା ପରିମାଣ ବଢ଼ିଛି।



ସୂଚନା ଅନୁଯାୟୀ, ୧୮ ତାରିଖରେ ୬,୧୭,୭୮୪ ଟଙ୍କା, ୧୯ରେ ୪,୬୮,୨୪୮ ଟଙ୍କା, ୨୦ରେ ୪,୯୬,୫୨୪ ଟଙ୍କା, ୨୧ରେ ୫,୯୨,୦୫୫ ଟଙ୍କା, ୨୨ରେ ୫,୩୧,୨୨୨ ଟଙ୍କା, ୨୩ରେ ୪,୪୩,୪୭୩ ଟଙ୍କା, ୨୪ରେ ୩,୬୫,୫୯୧ ଟଙ୍କା, ୨୫ରେ ୪,୭୩,୧୫୧ ଟଙ୍କା, ୨୬ରେ ୬,୦୧,୯୪୮ ଟଙ୍କା, ୨୭ରେ ୬,୬୧,୩୫୪ ଟଙ୍କା, ୨୮ରେ ୮,୦୩,୦୨୬ ଟଙ୍କା, ୨୯ରେ ୪,୫୫,୬୪୭ ଟଙ୍କା, ୩୦ରେ ୪,୭୮,୧୯୫ ଟଙ୍କା ଏବଂ ଫେବୃଆରୀ ୧ ତାରିଖରେ ଶ୍ରୀମନ୍ଦିର ହୁଣ୍ଡିରୁ ୪ଲକ୍ଷ ୭ ହଜାର ୬୦୫ ଟଙ୍କା ବାହାରିଛି। ଉପରୋକ୍ତ ୧୫ଦିନରେ ମାତ୍ର ଗୋଟିଏ ଦିନ ୩,୬୫,୫୯୧ ଟଙ୍କା ବାହାରିଥିବା ବେଳେ ଆଉ ସବୁଦିନ ହୁଣ୍ଡି ଆୟ ୪/୫ ଲକ୍ଷ ଟଙ୍କା ଉପରେ ରହିଛି। ଏପରିକି ଗୋଟିଏ ଦିନ ୮ଲକ୍ଷ ଟଙ୍କା ବି ବାହାରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରଠାରୁ ହୁଣ୍ଡି ଆୟ ବୃଦ୍ଧି ପାଇଛି। ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଭକ୍ତ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖୁଛନ୍ତି। ତେଣୁ ଶ୍ରୀମନ୍ଦିର ହୁଣ୍ଡିରେ ଆୟ ବଢ଼ିଥିବା କୁହାଯାଉଛି।

ସୂଚନାଥାଉ କି, ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ହୁଣ୍ଡିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥା'ନ୍ତି। କେହି କେହି ମାନସିକ କରି ବିଭିନ୍ନ ପ୍ରକାର ବସ୍ତ୍ର ମଧ୍ୟ ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହା ଗଣତି କରାଯାଏ।

■ ଅର୍ପଣ ଚାଉଳରେ ପ୍ରସ୍ତୁତ ହେବ ଖେଚେଡ଼ି ଓ କାନିକା

# ରବିବାରଠାରୁ ତିନିଦ୍ୱାରରେ ଭକ୍ତଙ୍କୁ ବଣ୍ଟାଯିବ

ପୁରୀ, ୨।୨ (ସମିସ): ଅର୍ପଣ ରଥରେ ସଂଗୃହୀତ ଅରୁଆ ଚାଉଳରେ ପ୍ରସ୍ତୁତ ହେବ ଖେଚେଡ଼ି ଏବଂ କାନିକା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କୁ ଏହି ଖେଚେଡ଼ି ଏବଂ କାନିକା ବଣ୍ଟନ କରାଯିବ। ଆସନ୍ତା ରବିବାରଠାରୁ ଏହା ଆରମ୍ଭ ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅର୍ପଣ ରଥରେ ସଂଗୃହୀତ ଅରୁଆ ଚାଉଳକୁ କ'ଣ କିପରି କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ହୋଇଛି।

ଅର୍ପଣ ରଥରେ ସଂଗ୍ରହ କରାଯାଇଥିବା ଅରୁଆ ଚାଉଳ, ଗୁଆ ଏବଂ ନଡ଼ିଆ ବିଭିନ୍ନ ଜିଲ୍ଲାରୁ ଆସି ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କର ଏହି ଭକ୍ତି ଅର୍ଘ୍ୟକୁ ଗୁଣ୍ଡିଚା ମନ୍ଦିର ପରିସରରେ ରଖିଛି। ବିଶେଷକରି ବହୁ ପରିମାଣରେ ଚାଉଳ ଆସିଥିବାବେଳେ ଏହାକୁ କିପରି ସଦ୍‌ବିନିଯୋଗ କରାଯିବ ସେ ନେଇ ଶୁକ୍ରବାର ବୈଠକ ବସିଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ପ୍ରଥମେ ଚାଉଳର ମାନ ନିର୍ଦ୍ଧାରଣ କରାଯିବ। ଏଥିପାଇଁ ୫ ଜଣିଆ କମିଟି ଗଠନ କରାଯାଇଛି। ଯେଉଁଥିରେ ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ ଏବଂ ଅମୁଣିଆ ପରିଛା ପ୍ରମୁଖ ସେବାୟତ ସଦସ୍ୟ ରହିଛନ୍ତି। ଏହି କମିଟି ପ୍ରଥମେ ଚାଉଳର ମାନ ନିର୍ଦ୍ଧାରଣ କରିବେ। ଏହାପରେ ଏହି ଚାଉଳରେ ଖେଚେଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯିବ।

**ଚାଉଳର ମାନ ନିର୍ଦ୍ଧାରଣ ପାଇଁ ଗଠନ ହୋଇଛି କମିଟି**

ଏ ସମ୍ପର୍କରେ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଗୁଣ୍ଡିଚା ମନ୍ଦିର ପରିସରରେ ଥିବା ଏହି ଚାଉଳର ବିଭିନ୍ନ ବସ୍ତାରୁ ପ୍ରାୟ ୪ କିଲୋ ଚାଉଳ ଆଣିଥିଲୁ। ଏହା ସମ୍ପୂର୍ଣ୍ଣ ଭାବେ ଅରୁଆ ଚାଉଳ ରହିଥିଲା। ପରୀକ୍ଷାମୂଳକ ଭାବେ ଏଥିରେ ଭୋଗ ପ୍ରସ୍ତୁତି ହୋଇଥିଲା। ତେଣୁ ଭକ୍ତମାନେ ଦେଇଥିବା ଏହି ଚାଉଳରେ ଖେଚେଡ଼ି ଏବଂ କାନିକା ପ୍ରସ୍ତୁତ କରାଯାଇ ବଣ୍ଟନ କାରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ପ୍ରଥମେ ଚାଉଳର ମାନ ନିର୍ଦ୍ଧାରଣ କରାଯିବ। ଏଥିପାଇଁ ଗଠିତ କମିଟି ଯେଉଁ ଚାଉଳ ଦେବ ସେଥିରେ କାନିକା, ଖେଚେଡ଼ି ପ୍ରସ୍ତୁତ ହେବ। ତେବେ କେତେ ପରିମାଣର ହେବ, କେଉଁ ଭୋଗରେ ଏହା କରାଯିବ ସେ ନେଇ ସୁଆର ମହାସୁଆର ନିଯୋଗ ବୈଠକ ଶନିବାର ବସିବ। ତେବେ ଏହି କାନିକା ଏବଂ ଖେଚେଡ଼ି ଶ୍ରୀମନ୍ଦିରର ତିନିଦ୍ୱାରରେ ଭକ୍ତଙ୍କୁ ବଣ୍ଟନ କରାଯିବ ବୋଲି ମହାସୁଆର କହିଛନ୍ତି। ଅନ୍ୟପକ୍ଷରେ ପ୍ରାଥମିକ ଭାବେ ଦୈନିକ ୩୦ରୁ ୪୦ ହାଣ୍ଡି ଖେଚେଡ଼ି ଏବଂ କାନିକା ପ୍ରସ୍ତୁତ କରାଯିବା ଲାଗି ବୈଠକରେ ଆଲୋଚନା ହୋଇଛି।

ସୂଚନାଥାଉ କି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସବୁ ଲୋକେ ପୁରୀ ଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବା ଲାଗି ହୋଇଥିଲା ନିଷ୍ପତ୍ତି। ସେହି ଅନୁସାରେ, ଗତ ଜାନୁୟାରୀ ୬ ତାରିଖରେ ଓଡ଼ିଶାର ପୁରପଲ୍ଲୀରେ ଗଡ଼ିଥିଲା ଅର୍ପଣ ରଥ। ପ୍ରତିଟି ପରିବାର ଏଥିରେ ଉଦ୍‌ବୁଦ୍ଧ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ଅରୁଆ ଚାଉଳ, ଗୁଆ ଓ ନଡ଼ିଆ। ପ୍ରାୟ ସପ୍ତାହେ ଧରି ଏହି କାର୍ଯ୍ୟକ୍ରମ ଗାଁରୁ ସହର ଚାଲିଥିଲା। ତେବେ ଅର୍ପଣ ରଥରେ ସଂଗୃହୀତ ସାମଗ୍ରୀକୁ ନେଇ ଅଯଥା ବିବାଦ ଉଠାଇଥିଲେ ବିରୋଧୀ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପ୍ରସଙ୍ଗ

# ମାମଲା ପ୍ରତ୍ୟାହାର କଲେ ଆବେଦନକାରୀ

କଟକ, ୨।୨ (ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନକୁ ବିରୋଧ କରି ରୁଜୁ ମାମଲାକୁ ଶେଷରେ ଆଜି ଆବେଦନକାରୀ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ସୁରେନ୍ଦ୍ର ପାଣିଗ୍ରାହୀ ଓ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଂଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଗତ ଶୁଣାଣି ବେଳେ ହାଇକୋର୍ଟ ଏଭଳି ଜନସ୍ୱାର୍ଥ ମାମଲାକୁ ନେଇ ବିରକ୍ତି ପ୍ରକାଶ କରିଥିଲେ। ଏପରିକି ଉଭୟ ଆବେଦନକାରୀଙ୍କ ଆୟ ଉତ୍ସ ସମ୍ପର୍କରେ ଅଦାଲତ ଜାଣିବାକୁ ଚାହିଁଥିଲେ। ଏ ସମ୍ପର୍କିତ ତଥ୍ୟ ନଦେଲେ ଆଜି ଏହି ମାମଲାକୁ ରଦ୍ଦ କରି ୧ଲକ୍ଷ ଲେଖାଁଏ ଜରିମାନା କରାଯିବ ବୋଲି ଆବେଦନକାରୀଙ୍କ ଓକିଲଙ୍କୁ ଅଦାଲତ କହିଥିଲେ। ଏହି ମାମଲାର ଆଉ ପ୍ରାସଙ୍ଗିକତା ରହିନଥିବାରୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ଆବେଦନକାରୀଙ୍କ ଓକିଲ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଗୋପାଳ ଜେନା ମାମଲା ପରିଚାଳନା କରୁଥିଲେ।

# ପରିକ୍ରମା ପ୍ରକଳ୍ପ ବୁଲିଲେ ୫ ଜିଲ୍ଲାର ଶ୍ରଦ୍ଧାଳୁ

ପୁରୀ, ୨।୨ (ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ଲାଗି ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରୁଛନ୍ତି। ଗତ ୨୯ ତାରିଖଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ୫ଟି ଜିଲ୍ଲା(ନୟାଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଖୋର୍ଦ୍ଧା ଓ ରାୟଗଡ଼ା)ରୁ ୭, ୨୬୦ ଭକ୍ତ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ସାଉଣ୍ଟିବା ସହ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଉପରୋକ୍ତ ୫ଟି ଜିଲ୍ଲାରୁ ଭକ୍ତଙ୍କୁ ଧରି ଗୁରୁବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିଂରେ ପହଞ୍ଚିଥିଲା ବସ୍। ନୟାଗଡ଼ ଜିଲ୍ଲାର ୭୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୫ଟି ବସ୍‌ରେ ୧, ୫୬୦ ଜଣ, ସୁନ୍ଦରଗଡ଼ ଜିଲ୍ଲାର ୧୦୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୪ଟି ବସ୍‌ରେ ୨, ୦୦୦ ଜଣ, କେନ୍ଦୁଝର ଜିଲ୍ଲାର ୬୩ ପଞ୍ଚାୟତ ଏବଂ ୱାର୍ଡରୁ ୨୮ ବସ୍‌ରେ ୧, ୨୬୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୩୧ ପଞ୍ଚାୟତ ଏବଂ ୱାର୍ଡରୁ ୧୪ଟି ବସ୍‌ରେ ୬୨୦ ଜଣ ଏବଂ ରାୟଗଡ଼ା ଜିଲ୍ଲାର ୯୧ପଞ୍ଚାୟତ ଏବଂ ୱାର୍ଡରୁ ୪୦ଟି ବସ୍‌ରେ ୧, ୮୨୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ଼ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ।

# ଛତିଶଗଡ଼ରେ ନକ୍ସଲଙ୍କ ତୁମୁଳକାଣ୍ଡ

ମାଲକାନଗିରି, ୨।୨ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ନକ୍ସଲମାନେ ଏକ ବଡ଼ଧରଣର ତୁମୁଳକାଣ୍ଡ ଘଟାଇଛନ୍ତି। ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନରେ ନିଆଁ ଲଗାଇ ପୁଣି ନିଜର ସ୍ଥିତି ଜାହିର କରିଛନ୍ତି। ସୂଚନାନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଅବୁଜମାଡ଼ ଅଞ୍ଚଳ ଏକ ନକ୍ସଲପ୍ରବଣ ଅଞ୍ଚଳ। ଦୀର୍ଘଦିନ ବ୍ୟବଧାନ ପରେ ଏହି ଅଞ୍ଚଳରେ ପୋଲ ଓ ରାସ୍ତା ଭଳି ବିଭିନ୍ନ ବିକାଶ କାର୍ଯ୍ୟ ଚାଲୁ ରହିଛି। ଆଗକୁ ନାରାୟଣପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଜନା ରହିଥିବା ବେଳେ ଏହାର ଠିକ୍ ପୂର୍ବରୁ ନକ୍ସଲମାନେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟାଇଛନ୍ତି। ନକ୍ସଲ ସଂଗଠନର ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ନକ୍ସଲ ଘଟଣାସ୍ଥଳରେ ପହଞ୍ଚି ଜିବଲାପଦର ଗ୍ରାମରେ ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହାନରେ ନିଆଁ ଲଗାଇ ଦେଇଥିଲେ। ବହୁ ସଂଖ୍ୟାରେ ଆସିଥିବା ନକ୍ସଲମାନେ ୱାଟର ଟ୍ୟାଙ୍କର୍, ମିକ୍ସର୍ ମେସିନ, ଟ୍ରାକ୍ଟର ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ।



# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ENGLISH

**SECTION – A READING SKILLS**

**1. Read the following Text. (10)**

Demonetization refers to an economic policy where a certain currency unit leases to be used as a legal tender. It occurs whenever there is a change in the national currency: The existing form or forms of money is pulled from circulation and retired, to be replaced with new notes or coins. Sometimes, a country completely replaces the old currency with new currency.

On 8 November, 2016, the Indian government decided to demonetize the 500 and 1000 rupee notes, the two biggest denominations in its currency system. These notes accounted for 86% of the country's circulating cash. With little warning, India's Prime Minister Narendra Modi announced to the citizenry that these notes would be rendered immediately ineffective with immediate effect. People were given time till the end of the year to deposit or exchange them for newly introduced 2000 rupee and 500 rupee notes.

The government's goal was to combat India's thriving underground economy on several fronts: eradicate counterfeit currency, fight tax evasion (only 1% of the population pays taxes), eliminate black money accumulated from money laundering and terrorist financing activities, and to promote a cashless economy. Individuals and entities with huge sums of black money Acquired from parallel cash systems were forced to take their large- denomination notes to a bank, and account for them satisfactorily and submit proof if tax paid. If the owner could not provide proof of making any tax payments on the cash, he possessed a penalty of 200% on the tax due was imposed.

Demonetization had a severe impact on the gold market. The extraordinary demand for the yellow metal, made a stiff hike in the cost. However, the Government made it mandatory that every buyer had to submit his/her PAN card details for purchases made. Erring jewelers were brought to book.

Many Indians switched to alternative payment methods. The biggest gainers \yere mobile wallet companies that offered easy transactions through a large network of partners. Alibaba-backed Paytm saw a sevenfold increase in overall traffic. Prepaid cash cards were another option that the customers found useful. Other alternatives were mobile payment systems linked to e-commerce businesses like Ola Money, Free Charge, and Flipkart Wallet.

**Answer the following questions briefly:**

(i) What is meant by demonetization?
(ii) When did the government demonetize the 500-and 1000-rupee notes?
(iii) What announcement did Prime Minister Narendra Modi make on Nov. 8?
(iv) What did the government want to accomplish by the demonetization?
(v) When was a penalty of 200% imposed?
(vi) Explain the idiom, 'brought to book'.
(vii) Find a word in the passage which means 'to provide or supply'.
(viii) Which were the alternate payment methods available for Indians post demonetization?

**SECTION – B- WRITING AND GRAMMAR**

**2. In the following questions, you have a passage where some of the words have been left out. Read the passages carefully and choose the correct answer to each blanks with its particular number, out of the four alternatives. (1/2x10=5)**

Childhood is a time when there are ____ (1)__ responsibilities to make life difficult. If a child __ (2) __ good parents, he is fed, looked __ (3) __ and loved, whatever he may do. It is improbable that he will ever again in his life __ (4) __ given so much without having to do anything __ (5)__ return. In addition, life is always __ (6) __ new things to the child. A child finds __ (7)__ in playing in the rain or in the snow. His first visit __ (8) __ the seaside is a marvelous adventure. But a child has his pains; he is not so free to do as he wishes; he is continually being __ (9) __ not to do things or is being __ (10)__. His life is therefore not perfectly happy

1. A. few B. more C. many D. little
2. A. has B. will have C. have D. had
3. A. after B. around C. at D. up
4. A. be B. is C. has D. are
5. A. of B. as C. for D. in
6. A. displaying B. presenting C. donating D. granting
7. A. pressure B. pleasure C. pain D. progress
8. A. for B. in C. on D. to
9. A. restricted B. forbidden C. told D. ordered
10. A. punished B. disturbed C. beaten D. penalized

**3. Choose the Right Modal Verb. (10)**

i. There are plenty of tomatoes in the fridge. You _________ buy any.
ii. This is a hospital. You _________ smoke here.
iii. He had been working for more than 11 hours. He _________ be tired after such hard work. He _________ prefer to get some rest.
iv. I _________ speak Arabic fluently when I was a child and we lived in Morocco. But after we moved back to Canada, I had very little exposure to the language and forgot almost everything I knew as a child. Now, I _________just say a few things in the language.
v. The teacher said we _________ read this book for our own pleasure as it is optional. But we _________ read it if we don't want to.
vi. _________you stand on your head for more than a minute? No, I can't
vii. If you want to learn to speak English fluently, you _________ worry. We will help you become a fluent speaker but you have to work hard.
viii. Take an umbrella. It _________ rain later.
ix. You _________ leave small objects lying around. Such objects _________ be swallowed by children.
x. People _________ walk on the grass.

**4. Attempt the questions given below : (5x2)**

**A.** You have noticed many stray animals on the road during the busy hours of the day. These animals have caused traffic jam as well as accidents. You have already written to the concerned authorities but no action has been taken so far. So write a letter to the Editor of a leading newspaper telling him about the nuisance created by the stray animals. Sign your name as PreetilKrishnan, C/5, Assam

**B.** You are Anamika, a student of class XII and resident of 33 D, Ring Road, ITO, New Delhi, and wants to be a choreographer. Write a letter to the director, the National Institute of Choreography, Noida, seeking information about their course, admission procedure, eligibility criteria and other necessary details.

**SECTION C Literature Text Book and Supplementary Reading Text**

**5. Read the following extract and answer the questions that follow :** (5)

"Okay, okay, but first you must get on the bus," said the conductor, and he stretched out a hand to help her up. "Never mind," she said, "I can get on by myself. You don't have to help me."

(a) Why did the conductor gave Valli a hand of help?
(b) How did Valli reacted to the conductor?
(c) Find a word from the extract which means 'extended'.
(d) What trait of Valli's character has been shown in the extract?

**6. Read the following extract and answer the questions that follow :** (5)

"I heard an old religious man But yesternight declare That only God, my dear, Could love you for yourself alone And not your yellow hair."

(a) What does T refer to here ?
(b) How is God's love different from the love of young lovers ?
(c) Which word in the extract means 'a religious book' ?
(d) Name the poem and the poet

**7. Answer any 3 of the following questions in about 40 -50 words each:**(3x3)

a. Is it right to judge someone on the basis of his/her physical appearance. Elaborate.
b. What do you think changed the attitude of the other animals and that of Belinda towards the dragon ?
c. According to the poet in what respect is the fog similar to a cat ? Do you think the comparison made is appropriate ?
d. How does the poet describe the moon: (a) at the beginning of the third stanza, and (b) at its end ? What causes this change ?

**8. Answer the following questions in about 40 - 50 words each :** (3x2)

a. What are the 'tokens' that the poet says he may have dropped long ago and which the animals have kept for him ?
b. Eaborate the idea that one should learn to accept and let go and not stick to something that we can not have

**9. Answer the following questions in about 100 - 120 words :** (6)

Valli was so overcome with sadness to see the dead cow that she lost all enthusiasm. Do you feel the same way? If you feel concerned about the plight of animals falling prey to the fast-moving traffic, what efforts will you make to make travelling on roads a safer activity?

OR

Instead of enjoying their childhood, the children today are keen to enter adulthood. After reading about all the joys that the author Lucio Rodrigues had in his childhood do you think such a keenness on the part of children is desirable?

**10. Answer the following questions in about 100 - 120 words :** (6)

In the name of rules and regulations, basic values are ignored but people like the airhostess in 'Mijbil the Otter' are a ray of hope. What virtues do we find in the airhostess?

*****

*All the Best...*

**ANSWER KEY**

2. 1. (a) 2.(a) 3. (a) 4. (a) 5. (d) 6. (b) 7. (b) 8. (d) 9. (c) 10. (a)

3. i. needn't ii. mustn't iii. Must, May iv. Could, can v. Can, need not vi. Can vii. Ned not viii. Might ix. Should not may x. Must not

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

## ଆଜିର ରାଶିଫଳ

**ମେଷ:** ଧନପ୍ରାପ୍ତି ହେବ । ପରିବାର ସହିତ ହସଖୁସିରେ ସମୟ ବିତାଇବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଭାବିଚିନ୍ତି କଥା କହିବା ଭଲ । ପ୍ରେମ ବ୍ୟାପାରରେ ସଫଳ ହେବେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ଦୂରଯାତ୍ରା ଯୋଗ ରହିଛି । ଦୀର୍ଘ ଦିନ ପ୍ରତୀକ୍ଷାର ଅନ୍ତ ଘଟିବ । ବ୍ୟବସାୟରେ ଲାଭବାନ ହେବେ । ନୂତନ ବସ୍ତ୍ର କିଣିପାରନ୍ତି ।

**ମିଥୁନ:** ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବା ଭଲ । ଆୟ ଅନୁସାରେ ବ୍ୟୟ ହେବ । ପ୍ରେମ ବ୍ୟାପାରରେ ସଫଳ ହେବେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କୋର୍ଟ-କଚେରୀ ମାମଲାରେ ଛନ୍ଦି ହୋଇପାରନ୍ତି ।

**କର୍କଟ:** ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ବୃଦ୍ଧି ପାଇବ । ରାଜନୀତିରେ ସକ୍ରିୟ ରହିବେ । ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବାରେ ବିଳମ୍ବ ହେବ ।

**ସିଂହ:** ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଅର୍ଥ ମିଳିବ । ନୂତନ ଜମି କ୍ରୟ କରିପାରନ୍ତି । ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ମହିଳାମାନେ ମୁଖ୍ୟ ଦାୟିତ୍ୱ ନିଭାଇବେ ।

**କନ୍ୟା:** ପରିସ୍ଥିତି ଅନୁକୂଳ ରହିବ । ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ତୁଳା:** ତରବରିଆ ଭାବେ କାମ କରନ୍ତୁନି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ । ଅଚାନକ ଖୁସି ଖବର ଶୁଣିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ ।

**ବିଛା:** ଜୀବନସାଥୀଙ୍କ ସହଯୋଗ ମିଳିବ । କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସହଯୋଗ ଲୋଡ଼ିବେ । ଘରେ ମାଙ୍ଗଳିକ କାର୍ଯ୍ୟ ହେବ । ପିଲାମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବା ଦରକାର । ପୂଜାର୍ଚ୍ଚନା କରନ୍ତୁ ।

**ଧନୁ:** ଅଟକି ଥିବା କାର୍ଯ୍ୟ ପୂରା ହେବ । ନିଜ ଲୋକ ପ୍ରତାରଣା କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଳା, ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ବଜରଙ୍ଗବାଲିଙ୍କୁ ଦର୍ଶନ କରନ୍ତୁ ।

**ମକର:** ନିଜର ଲୋକଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । କୌଣସି ବିଷୟରେ ହଠାତ୍ ନିଷ୍ପତ୍ତି ନେବା ଉଚିତ ନୁହେଁ । ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରିବେ । ଅଚାନକ ଖର୍ଚ୍ଚ ବଢ଼ିପାରେ ।

**କୁମ୍ଭ:** ପରିବାର ଲୋକଙ୍କ ସହିତ ସମୟ ବିତାଇବେ । ସ୍ୱାସ୍ଥ୍ୟ ସ୍ଥିତି ଠିକ୍ ରହିବ । ଭାଇ ଭାଇ ମଧ୍ୟରେ କଳହ ଲାଗି ରହିବ । ଆୟ ଅନୁସାରେ ବ୍ୟୟ କମ୍ ହେବ । ଅଯଥା ସମସ୍ୟାରେ ଛନ୍ଦି ହୋଇ ପାରନ୍ତି ।

**ମୀନ:** ଦୂରଯାତ୍ରା କରିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତା ବଢ଼ିବ । ଦାମ୍ପତ୍ୟ ଜୀବନ ମଧୁମୟ ହେବ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କୁ ଜଣାନ୍ତୁନି । ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ ।

### ଆଜିର ଇତିହାସ

- ୧୮୧୮ - ବିଶ୍ୱର ପ୍ରଥମ ପନୀର ପ୍ରସ୍ତୁତ କାରଖାନା ସ୍ୱିଜରଲ୍ୟାଣ୍ଡରେ ନିର୍ମିତ ।
- ୧୯୧୬ - ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା ।
- ୧୯୬୬ - ଆମେରିକା ମହାକାଶକୁ ଉପଗ୍ରହ ପ୍ରେରଣ କଲା
- ୨୦୧୮ - ଭାରତ ଚତୁର୍ଥ ଥର ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଜିତିଲା ।

## ଆପ୍ ଆଧାରିତ ପିନ୍ଧିବାଯୋଗ୍ୟ ଇସିଜି ସେନସର୍

ତିରୁବନନ୍ତପୁରମ୍‌ର ଦୁଇ ଜଣ ଯୁବକ ଆପ୍ ଦ୍ୱାରା ଆଧାରିତ ଏକ ନିଆରା ଡିଭାଇସ୍ ବିକଶିତ କରିଛନ୍ତି । ଯାହାକି ଲୋକଙ୍କୁ ନିତିଦିନର ହୃଦ୍ ସମ୍ବନ୍ଧୀୟ ଗତିବିଧି ସମ୍ପର୍କରେ ତଥ୍ୟ ପ୍ରଦାନ କରେ । ଏହି ଦୁଇ ଯୁବକ ହେଲେ ପ୍ରୀଥିଜିତ୍ ଏସ୍‌ପି ଏବଂ ଆଲେକ୍ସ ଜୋସେଫ୍ । ସେମାନେ ବିକଶିତ କରିଥିବା ଡିଭାଇସ୍‌କୁ ଲୋକେ ପିନ୍ଧିପାରିବେ । କେବଳ ସେତିକି ନୁହେଁ, ଏହି ଡିଭାଇସ୍‌ରେ ପିନ୍ଧିବାଯୋଗ୍ୟ ଇସିଜି ସେନ୍‌ସର୍ ଲାଗିଛି । ଯାହାକୁ ଲୋକଙ୍କ ଛାତିରେ ବନ୍ଧାଯାଏ । ଉକ୍ତ ସେନ୍‌ସର୍ ହିଁ ବାସ୍ତବିକ ହାର୍ଟ ରେଟ୍ ସମ୍ବନ୍ଧରେ ସୂଚନା ପ୍ରଦାନ କରେ । ଆଥ୍‌ଲେଟ୍‌ମାନଙ୍କ ଉନ୍ନତ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହାକୁ ସେମାନେ ଫିଟ୍‌ନେସ୍ ଆପ୍ଲିକେସନ୍ ଭାବେ ବିକଶିତ କରିଛନ୍ତି । ଦୁଇ ବର୍ଷ ହେବ ଦୁହେଁ ଖେଳାଳିଙ୍କ ଦକ୍ଷତାକୁ ସୁଧାରିବା ପାଇଁ ଏହି ଆପ୍ଲିକେସନ୍‌କୁ ବ୍ୟବହାର କରି ଆସୁଥିଲେ । ପରେ ସେମାନେ ଜାଣିବାକୁ ପାଇଥିଲେ ଯେ, ଏହି ଆପ୍ଲିକେସନ୍ ଦ୍ୱାରା ସକ୍ରିୟ ଜୀବନଶୈଳୀ ଅତିବାହିତ କରିବାକୁ ଅସମର୍ଥ ଥିବା ଲୋକଙ୍କ ପାଇଁ ମଧ୍ୟ ଏହା ଉପଯୋଗୀ ସାବ୍ୟସ୍ତ ହେବ । ସେଇଠୁ ଏବେ ସେମାନେ ଏହାକୁ ସାଧାରଣ ଲୋକଙ୍କ ପାଇଁ ପରିଚିତ କରାଇବେ । ସେଥିପାଇଁ କେରଳରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ସ୍ପୋର୍ଟସ୍ ସମିଟ୍‌ରେ ସେମାନେ ଏହାକୁ ପ୍ରଦର୍ଶନ କରିବା ପାଇଁ ଯୋଜନା ରଖିଛନ୍ତି । ତା'ସହ ନିତିଦିନ ଜୀବନରେ ଟେକ୍ନୋଲୋଜିର ଉପଯୋଗିତାକୁ ଏହା ମାଧ୍ୟମରେ ଲୋକପ୍ରିୟ କରାଇବେ । ଅନ୍ୟପଟେ ୨୦୨୩ ନଭେମ୍ବରରେ ଲଞ୍ଚ୍ ହୋଇଥିବା ଏହି ଆପ୍ଲିକେସନ୍‌କୁ ଏଯାବତ୍ ୫୦୦ ଲୋକ ଉପଯୋଗ କଲେଣି । ତା'ସହ ଏହାକୁ ନେଇ ଲୋକଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ମଧ୍ୟ ମିଳିଥିବା ସେମାନେ କହିଛନ୍ତି ।



## 'ଛାବା'ର ସୁଟିଂ ସାରିଲେ ରଶ୍ମିକା

ନେସ୍‌ନାଲ କ୍ରସ୍ ରଶ୍ମିକା ମନ୍ଦାନା 'ଛାବା' ଫିଲ୍ମରେ ଭିକି କୌଶଲଙ୍କ ସହିତ ନଜର ଆସିବେ । ଇତିମଧ୍ୟରେ ଫିଲ୍ମର ସୁଟିଂ ଶେଷ ହୋଇଛି । ଏହି ଅବସରରେ ରଶ୍ମିକା, ଭିକି ଓ ଅନ୍ୟ କ୍ରୁ ମେମ୍ବରଙ୍କ ଉଦ୍ଦେଶ୍ୟରେ ଏକ ଲମ୍ବା ନୋଟ୍ ଲେଖିଛନ୍ତି । ଏଥିରେ ସେ ପୂରା ଟିମ୍‌କୁ ଧନ୍ୟବାଦ ଦେବା ସହ ଭିକିଙ୍କର ଜବରଦସ୍ତ ପ୍ରଶଂସା କରିଛନ୍ତି । ସେ ଲେଖିଛନ୍ତି- 'ଆପଣଙ୍କ ସହ କାମ କରିବା ବେଶ୍ ଆନନ୍ଦଦାୟକ ଥିଲା । ଆପଣ ପ୍ରକୃତରେ ଏକ ରତ୍ନ । ମୋର ଶୁଭେଚ୍ଛା ସବୁବେଳେ ଆପଣଙ୍କ ସହିତ ରହିଛି ।' ଭିକି ଏହି ପୋଷ୍ଟ ଉପରେ ଉତ୍ତର ଦେଇ ଲେଖିଛନ୍ତି- 'ପୂରା ଟିମ୍ ଆପଣଙ୍କୁ ମିସ୍ କରିବ । ୟେସୁବାଇ ହେବା ପାଇଁ ଧନ୍ୟବାଦ ।' ଲକ୍ଷ୍ମଣ ଉତେକର୍ 'ଛାବା'ର ନିର୍ଦ୍ଦେଶନା ଦେଇଛନ୍ତି । ଏହା ଏକ ପିରିୟଡିକ୍ ଫିଲ୍ମ । ଫିଲ୍ମଟି ସମ୍ଭାଜୀ ମହାରାଜଙ୍କ ବୀରତ୍ୱ, ବଳିଦାନ ଓ ଯୁଦ୍ଧକାଳୀନ ରଣନୀତି ଉପରେ ଆଧାରିତ ହେବ । ଏଥିରେ ଭିକି ସମ୍ଭାଜୀ ମହାରାଜଙ୍କ ଭୂମିକାରେ ଦେଖାଯିବେ ।



## ପାର୍କରେ ନର୍କ ଯନ୍ତ୍ରଣାର ଦୃଶ୍ୟ

### ପିଲାଙ୍କୁ ଶିକ୍ଷାଦେବାକୁ ଆଣନ୍ତି ଶିକ୍ଷକ



ସିଙ୍ଗାପୁରର 'ହ ପର୍ ଭିଲ୍ଲା' ନାମକ ଏକ ପାର୍କ ରହିଛି । ଏହି ପାର୍କକୁ ପୃଥିବୀର ନର୍କ ବୋଲି କୁହାଯାଏ । ଏହି ସ୍ଥାନ ଏତେ ଭୟାନକ ଯେ, ଏଠାକୁ ପର୍ଯ୍ୟଟକମାନେ ଆସିବାକୁ ମଧ୍ୟ ଭୟ କରନ୍ତି । ଲୋକଙ୍କ ମଧ୍ୟରେ ନିର୍ଯାତନାର ଭୟ ଜାଗ୍ରତ କରିବା ପାଇଁ ଏହି ସ୍ଥାନରେ ଅନେକଗୁଡ଼ିଏ ଭୟଙ୍କର ପ୍ରତିମୂର୍ତ୍ତି ରହିଛି । କେଉଁ ମୂର୍ତ୍ତିରେ ମୁଣ୍ଡ ନାହିଁ ତ କେଉଁଥିରେ କୁକୁଡ଼ା ମୁଣ୍ଡ ଲାଗିଛି । ଏପରି ଭୟଙ୍କର ସ୍ଥାନକୁ ସ୍କୁଲ ଟ୍ରିପ୍‌ରେ ଛାତ୍ରଛାତ୍ରୀମାନଙ୍କୁ ଭ୍ରମଣ ନିମନ୍ତେ ଅଣାଯାଇଥାଏ । ପିଲାମାନଙ୍କୁ ସ୍ଥାନୀୟ ଲୋକକଥା ଅନୁସାରେ, ପାପ କଲେ ମୃତ୍ୟୁ ପରେ କେଉଁ ଭଳି ଯନ୍ତ୍ରଣା ମିଳିଥାଏ ସେବାବଦରେ କୁହାଯାଇଥାଏ । ଏହି ପାର୍କ ୪୦୦୦ ବର୍ଗମିଟର ଅଞ୍ଚଳରେ ପରିବ୍ୟାପ୍ତ । ନର୍କ ଯନ୍ତ୍ରଣା ବିଷୟରେ ସୂଚନା ଦେବାପାଇଁ ଏଠାରେ ମୋଟ ୧୦ ଟି ଅଦାଲତ ରହିଛି । ଯେଉଁଠି କ୍ଷତ ବିକ୍ଷତ ଶରୀର, ମାଂସ ଖାଉଥିବା ରାକ୍ଷସ ଓ ରକ୍ତରଞ୍ଜିତ ମୂର୍ତ୍ତି ରହିଛି । ଏହି ନର୍କ ଯନ୍ତ୍ରଣା ଅଦାଲତରେ ଚୀନ୍ ଲୋକକଥା ଅନୁଯାୟୀ, ପାପ ଏବଂ ତା' ପରବର୍ତ୍ତୀ ଜୀବନରେ ଲୋକମାନଙ୍କ ସହ କ'ଣ ହୁଏ ସେ କଥା କୁହାଯାଇଥାଏ । ଏହି ଥିମ୍ ପାର୍କରେ ଗୁମ୍ଫା ଭଳି ଅନେକ କୋଠରି ରହିଛି ।

## ଅଥ ପକ୍ୱକେଶ ଉବାଚ

### ହାଟ ମଝିରେ ବ୍ରହ୍ମଜ୍ଞାନ

ଭଦ୍ରବ୍ୟକ୍ତି ଜଣକ ଦୋକାନୀକୁ ପଚାରିଲେ – ଏଇ ଧଳାବାଳ ପାଇଁ ଆପଣଙ୍କ ପାଖରେ କିଛି ଅଛି କି? ଦୋକାନୀ ବିନମ୍ରତା ସହ ହାତଯୋଡ଼ି କହିଲା – ସାର୍ ! କେବଳ ସମ୍ମାନ ।

ଏହି ସମ୍ମାନ ସୂଚକ ପକ୍ୱକେଶ କ୍ରମଶଃ ବିଲୁପ୍ତ ହେବାକୁ ଯାଉଚି । କାଳେ କାଳେ ଆମ ଘରେ, ଗାଁରେ, ସାହିରେ ଧଳାକେଶ ଥିବା ଲୋକଙ୍କୁ ଆମେ ମୁରବି ସ୍ଥାନୀୟ ମଣିଷ ବୋଲି କହୁଥିଲୁ । ଏବେ ତ ସମସ୍ତଙ୍କ ପୋଷାକ ସହ କେଶର ରଙ୍ଗ ବି ବଦଳି ଯାଇଛି । କାହା ଘରକୁ ଗଲେ ଦେଖୁଚୁ- ବାପାର ହାପ୍ ପ୍ୟାଣ୍ଟକୁ ପୁଅର ବି ହାପ୍ ପ୍ୟାଣ୍ଟ । ବାପାର ଚୁଟି କଳାକୁ ପୁଅର ଚୁଟି ବି କଳା । ଏଥିରେ ତ ବାପ ପୁଅଙ୍କୁ ବି ବାରିବା କଷ୍ଟ ହେଇଯାଉଚି ।

କଳାରଙ୍ଗ ବୋଳି ଏବେ ପ୍ରାୟ ସମସ୍ତେ ଯୁବକପ୍ରାୟ ଦେଖାଯିବାର ପ୍ରଚେଷ୍ଟାରେ ଅଛନ୍ତି । ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଅନେକେ ଏଇ ରଙ୍ଗବୋଳା ବା ଡାଇଙ୍ଗ୍‌କଳା ବିଷୟରେ କିଛି ଜାଣି ନଥିଲେ । ଓଡ଼ିଶାର ଏକ ନୂଆ ଡାଇଙ୍ଗ୍ କମ୍ପାନୀର ମାଲିକ ଖବରକାଗଜରେ ବିଜ୍ଞାପନ ଦେବାକୁ ଆସିଲେ । ସମ୍ପାଦକ ବାଳକୃଷ୍ଣ କର ଚିନ୍ତାରେ ପଡ଼ିଗଲେ – କ'ଣ ଲେଖି ଲୋକଙ୍କୁ ବୁଝେଇବେ । ସେତେବେଳେ ନିଆଁଖୁଣ୍ଟା ସମ୍ପାଦକ ଗୋଦାବରୀଶ ମହାପାତ୍ର କହିଲେ – ତମ ନାଆଁକୁ ଛାଡ଼ିଛାଡ଼ି ଲେଖିଦିଅ 'ବାଳ କୃଷ୍ଣ କର' ବାସ୍ ।

ବିଜ୍ଞାପନରେ ଭେଳିକିରେ ହେଉ କି ଗୋଠ ମାତିଲେ ଖଣ୍ଡିଆ ହଡା ମାତିବା ନ୍ୟାୟରେ ହେଉ ଏବେ ଧଳାକେଶର ସେ ପୂର୍ବ ମର୍ଯ୍ୟାଦା ଟିକକ ନାହିଁ । ତେବେ, ଧଳାକେଶର ମହତ୍ତ୍ୱକୁ ଆମେ ବୁଝିବା ଦରକାର । ଏହି ଧଳାକେଶ ମଣିଷକୁ କିଛି ସୂଚନା ସହ ଚେତାବନୀ ମଧ୍ୟ ଦେଇଥାଏ ।

ରାମଚରିତ ମାନସରେ ପକ୍ୱକେଶର ମହିମା ପ୍ରକାଶ କରିଚନ୍ତି ଗୋସ୍ୱାମୀ ତୁଳସୀ ଦାସ । ରାମ ଲକ୍ଷ୍ମଣାଦି ଚାରି ପୁତ୍ରଙ୍କ ବାହାଘର ସାରି ଅଯୋଧ୍ୟାକୁ ଫେରିଲା ପରେ ଦିନେ ଦଶରଥ ଆଇନା ସାମ୍ନାରେ ଠିଆ ହେଇଚନ୍ତି କାନ ପାଖରେ ପାଚିଲା କେଶଟିଏ ଦେଖିଚନ୍ତି । ଆଉ ସେ ପକ୍ୱକେଶର ଉପଦେଶକୁ ଶୁଣିଚନ୍ତି । ମାନସ ପଦାବଳୀରୁ କିଛି ପଦ ଏହି ମର୍ମରେ :-

ଦେଖିଣ ଦଶରଥ ଦରପଣକୁ
ସଜାଡୁଥାନ୍ତି ନିଜ ଶିରସ୍ତ୍ରାଣକୁ ॥
ଦେଖିଲେ କର୍ଣ୍ଣପାଶେ ପକ୍ୱକେଶକୁ
ଶୁଣିଲେ ସତେ କି ତା' ଉପଦେଶକୁ ॥
ନିଜ ଜନ୍ମ ଜୀବନ କର ସାର୍ଥକ
କର ଏଥର ରାମ ରାଜ୍ୟାଭିଷେକ ॥

ସରକାରୀ ଚାକିରି କାଳ ପୂରି ଆସିଲେ ନୋଟିସ୍, ମେମୋ ଚାର୍ଜସିଟ୍ ପରି ଜୀବନ କାଳ ପାଇଁ ଏ ଧଳାବାଳ ବି ଏକ ନୋଟିସ୍ । ନିଜ ଜୀବନକୁ ତର୍ଜମା କରିବା । ଅବଶିଷ୍ଟ ଜୀବନରେ କ'ଣ କଲେ ଆମ ଜନ୍ମ ଓ ଜୀବନ ସଫଳ ହେବ ଚିନ୍ତା କରିବା । ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ଉଡ଼ିଯାଆ ଗୁଡ଼ି ମୋର



ପ୍ରଶାନ୍ତ କୁମାର ଦାଶ

ସାତରଙ୍ଗୀ କାଗଜରେ
ତିଆରିଛି ତତେ
ଉଡ଼ିଯାଇ ଆକାଶରେ
ଖୁସି ଦେବୁ ମତେ ॥
ସାରିଦେଇ ପାଠପଢ଼ା
ଦାଣ୍ଡଘରେ ବସି
ଖୁସିହେଇ ତିଆରିଚି
ତତେ ହସିହସି ॥
ସୁଲୁସୁଲୁ ପବନରେ
ଯିବୁ ଦୂରେ ଉଡ଼ି
ସୂତାଛାଡ଼ି ଉଡ଼ାଇଲି
ମୋର ଟିକି ଗୁଡ଼ି ॥
ଆକାଶର ଛାତିଛୁଇଁ
ଉଡ଼ୁଥିଲେ ତୁହି
ତଳେ ଥାଇ ଗୀତଗାଇ
ନାଚୁଥିବି ମୁହିଁ ॥
ପଢ଼ା ସାଥେ ଖେଳ ମେଳ
ଗୀତ ନାଚ ହସ
ଭଲଲାଗେ ଗୁଡିଉଡ଼ା
ରୂପ ରଙ୍ଗ ରସ ॥
ଉଡ଼ାଜାହାଜରେ ବସି
ଯିବି ମାମୁଘର
ତୋ ପରି ମୁଁ ଉଡ଼ିଯିବି
ମନୁ ତେଜି ଡର ॥
ଉଡ଼ି ଯାଆ ଗୁଡ଼ି ମୋର
ବାଣ୍ଟିଦେଇ ସୁଖ
ତତେ ଦେଖି ଲିଭିଯାଉ
କୋହ ଲୁହ ଦୁଃଖ ॥



କୁଞ୍ଜର ସଙ୍ଗଳାଇ
ପିପିଲି, ପୁରୀ
ମୋ-୯୬୭୮୮୨୨୧୯୦

## କୁନି ହାତରେ ତୂଳୀ





ଆୟାଂଶ ଆଚାର୍ଯ୍ୟ
ଦ୍ୱିତୀୟ ଶ୍ରେଣୀ
ପୋଦାର ଇଣ୍ଟରନ୍ୟାସନାଲ ସ୍କୁଲ
ପୱାଇ, ମୁମ୍ବାଇ





ଦେବାଂଶୀ ବେହେରା
ତୃତୀୟ ଶ୍ରେଣୀ
ନୀଳଗିରି ଇଂଲିସ୍ ମିଡିୟମ୍ ସ୍କୁଲ
ନୀଳଗିରି



## ଆମେ ସମସ୍ତେ ଏକ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଗୋଟେ ବିରାଟ ଗୋଦାମ ପଛଭାଗରେ ବନା ଯାଇଥାଏ ଏକ ମୂଷିକ କଲୋନି । ସେଠାରେ ମୂଷାମାନେ ଏକତ୍ର ମିଳିମିଶି ହସଖୁସିରେ ବସବାସ କରୁଥାନ୍ତି । ଖାଇବା ଦରବ ଯାହାକିଛି ସେମାନଙ୍କୁ ଜୁଟିଯାଏ, ସେସବୁ ଗୋଟିଏ ଥାନରେ ଠୁଳ କରନ୍ତି ଆଉ ବାଣ୍ଟିକୁଣ୍ଟି ଖାଆନ୍ତି । ସେମିତି ବୟସ୍କ ମୂଷା ଆଉ ମୂଷା ଶାବକଙ୍କୁ ମଧ୍ୟ ପେଟପୂରା ଖାଇବା ମିଳି ଯାଉଥାଏ ।

ସେମାନଙ୍କ ଭିତରେ ଫାଲୁଆ ମୂଷାଟିଏ ଥାଏ । ନିଜର ଦିହବଳକୁ ନେଇ ସେ ଗରବରେ ଫାଟିପଡ଼େ । ସଦାବେଳେ ସେ ଏକା ପଦାକୁ ବାହାରିଯାଏ ଆଉ ଯାହାକିଛି ଖାଦ୍ୟ ପାଏ ପେଟପୂରା ଖାଇ ବସାକୁ ବାହୁଡ଼ି ଆସେ । ବୟସରେ ବଡ଼ ମୂଷାମାନେ ତାକୁ ବହୁଥର ବୁଝାଇଲେ, ହେଲେ ତା'ର ଘମଣ୍ଡ ଦେଖି ତାକୁ ବୁଝାଶୁଝା କରିବା ଛାଡ଼ିଦେଲେ । ଯାପରେ କ'ଣ ହେଲା କେଜାଣି, ଗୋଟେ ଭୁଆ ବିଲେଇ ନିଇତି ସେଠିକି ଆସିବାକୁ ଲାଗିଲା । ନିତିଦିନ ମୂଷିକ କଲୋନିକୁ ସେ ଆସିବା ଦେଖି ମୂଷାଙ୍କ ଭିତରେ ଭାଳେଣି ପଡ଼ିଗଲା । ଭୁଆ ବିଲେଇ ଆତଙ୍କରେ ମୂଷାମାନେ ତ୍ରାହିତ୍ରାହି ଡାକିଲେ । ଏବେ ସେମାନେ ହୁସିଆର ହୋଇ ରହିବା ଆରମ୍ଭ କରିଦେଲେ ।

ଥୋକେ ମୂଷା ଭୁଆ ବିଲେଇ ଉପରେ କଡ଼ା ନଜର ରଖିଥାନ୍ତି । ବାକି ମୂଷାମାନେ ଖାଇବା ଦରବ ସଂଗ୍ରହ କରିବାରେ ଲାଗିଥାନ୍ତି ।

ସବୁ ମୂଷା ଦିନେ ଖାଇବା ଦରବ ଏକାଠି ଠୁଳ କରୁଥିବା ବେଳେ ଭୁଆ ସେମାନଙ୍କ ଆଡକୁ ଝପଟି ଆସୁଥିବାର ଖବର ପାଇଲେ । ସେଇଠୁ ସମସ୍ତେ ସାଙ୍ଗସାଥୀ ହୋଇ ସେଠୁ ପଳାଇଯାଇ ନିଛାଟିଆ ଜାଗାରେ ଛପିଗଲେ । ହେଲେ ଖାଦ୍ୟ ଖାଇବାରେ ଫାଲୁଆ ଏକଦମ୍ ମଜ୍ଜିଯାଇଥିଲା । ଭୁଆ ବିଲେଇ ଯେ ତା' ଆଡକୁ ମାଡ଼ି ଆସୁଛି ସେ ପ୍ରତି ତାର ଟିକେ ହେଲେ ମଧ୍ୟ ନଜର ନ ଥିଲା । ଆଖି ପିଛୁଳାକେ ବିଲେଇ ସେଠିକି ଖେଦିଯାଇ ଖପ୍‌କିନା ତାକୁ ପଞ୍ଝାରେ କାବୁ କରିନେଲା । ଫାଲୁଆର ବିକଳ ଚିତ୍କାର ଶୁଣି ମୂଷାମାନେ ପରସ୍ପରକୁ ଅନାଅନି ହେଲେ । ସବୁ ମୂଷାମାନେ ଏଇ ମଉକାକୁ ଟାକି ବସିଥିଲେ । ସମସ୍ତେ ନିଜ ନିଜର ପ୍ରାଣ ବଞ୍ଚାଇବା ସକାଶେ ଆଗରୁ କିଛି ଭାବି ନେଇଥିଲେ । ଫାଲୁଆ ଯେମିତି ଉଦ୍ଧତ, ତା' ସାଥୀ ମୂଷାମାନେ ମଧ୍ୟ ସେମିତି ଜିଦ୍‌ଖୋର । ସଭିଏଁ ଏକଜୁଟ୍ ହୋଇ ଭୁଆ ବିଲେଇକୁ ପାନେ ଚଖେଇବା ପାଇଁ ତା ଉପରକୁ ଝାମ୍ପ ମାରିଲେ । କିଛି ମୂଷା ଭୁଆ ବିଲେଇ ପିଠି ଉପରେ ଚଢିଗଲେ ତ ଆଉ କେତେକ ମୂଷା ତା ଲାଞ୍ଜରେ ଲଟକିଗଲେ ।

ଅଚାନକ ମୂଷାମାନଙ୍କ ଘନଘନ ଆକ୍ରମଣରେ ଭୁଆ ବିଲେଇ ହଡ଼ବଡ଼େଇ ଯାଇ ଫାଲୁଆ ମୂଷାକୁ ଛାଡ଼ିଦେଇ ପଛକୁ ଘୁଞ୍ଚିଗଲା । ଏପଟରେ ମୂଷାମାନେ ବି ଦୌଡ଼ିଯାଇ ପୁଣି ଗାତ ଭିତରେ ଲୁଚିଗଲେ । ଫାଲୁଆ ମୂଷାକୁ ବି ସେମାନେ ଭିଡ଼ି ଓଟାରି ସେମାନଙ୍କ ସଙ୍ଗରେ ଘେନି ଯାଇଥିଲେ । ଭୁଆ ବିଲେଇଟି କିଛି ବୁଝିପାରିଲା ନାହିଁ । ସେ ସେଠୁ ଛୁ ମାରିଲା । ଯାହାହଉ, ଫାଲୁଆର ପ୍ରାଣ କୌଣସିମତେ ବଞ୍ଚିଗଲା । ଖଣ୍ଡିଆଖାବରା ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲା ଫାଲୁଆ । ମୂଷା ଭାଇମାନେ ତା'ର କ୍ଷତଜାଗାରେ ମଲମ ଘଷି ଚିରାକନା ବାନ୍ଧିଦେଲେ । ଏସବୁ ଦେଖି ଫାଲୁଆ ଲାଜରେ ଜଡ଼ସଡ଼ ହୋଇ ମୁହଁ ତଳକୁ ପୋତିଦେଲା । ସେଇକ୍ଷଣି ସବୁ ମୂଷାଭାଇଙ୍କ ଆଗରେ ସେ କ୍ଷମାଭିକ୍ଷା କଲା । ବୟସ୍କ ମୂଷାମାନେ ତାକୁ ମିଳିମିଶି ଏକାଠି ରହିବା ଏବଂ ଏକତା ହିଁ ବଳର ମହତ୍ତ୍ୱ ବାବଦରେ ବୁଝାଇ କହିଲେ – ସମସ୍ତଙ୍କ ସହିତ ଏକ ମନପ୍ରାଣ ଦେଇ ସହବାସ କରିବା ହିତକର । ଅନ୍ୟମାନଙ୍କ ପଛରେ ଛିଡ଼ା ହୋଇଛ ବୋଲି ତୁମେ ସେମାନଙ୍କୁ ସାହସ ଦିଅ । ଦରକାର ପଡ଼ିଲେ କେବଳ ଆହ୍ୱାନ ଦିଅ ଯେ ଆମେ ସମସ୍ତେ ଏକ । ଏଣିକି ଫାଲୁଆ ଏକତାର ହିଁ ବଳ ବୋଲି ବେଶ୍ ହେଜିଲା ଏବଂ ସମସ୍ତଙ୍କ ସହିତ ମିଳାମିଶି ଏକାଠି ରହିବାକୁ ଲାଗିଲା । ■



ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍
ଭୁବନେଶ୍ୱର
ମୋ- ୯୪୩୮ ୩୩୨୧୩୮

## ସକାଳ ଶିଶୁ କୁଇଜ୍-୦୫

(୧) କୁଚୁପୁଡ଼ି କେଉଁ ରାଜ୍ୟର ଲୋକନୃତ୍ୟ?
ଉତ୍ତର : ____________________

(୨) ସାଇନା ନେହୱାଲ୍ କେଉଁ ଖେଳ ସହିତ ସଂପୃକ୍ତ?
ଉତ୍ତର : ____________________

(୩) ଉତ୍କଳ ଭାରତୀ ଉପାଧି କାହାକୁ ଦିଆଯାଇଛି?
ଉତ୍ତର : ____________________

(୪) ପ୍ରଥମ ହିନ୍ଦୀ ସିନେମାର ନାମ କ'ଣ?
ଉତ୍ତର : ____________________

(୫) କେଉଁ ନଦୀକୁ ଦକ୍ଷିଣ ଭାରତର ଗଙ୍ଗା କୁହାଯାଏ?
ଉତ୍ତର : ____________________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

### ଗତ ସପ୍ତାହର କୁଇଜ୍ ବିଜେତା

- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଅଂଶୁମାନ ପ୍ରଧାନ, ଲୋହାରପାଲି, ବରଗଡ଼
- ପଲ୍ଲବୀ ହୋତା, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ପହେଲି

- ନିର୍ଜୀବ ହୋଇ ଦେଖୁଛି ବସି
  ଜଗୁଛି ଆମ ଧନ
  ଚୋରକୁ ଧରେ ଅତି ସହଜେ
  ମହତ ତା'ର ଦାନ
  ଚୋରାଏ ଯିଏ ଆମରି ଧନ
  ଲୁଚି ଲୁଚିକା ପରା
  ରହିଥିଲେ ସେ ଆମରି ଘରେ
  ପକେଇଦିଏ ଧରା ।
  
  ଉ-କ୍ୟାମେରା

- ବାରଟି ଅଗଣା ଗୋଟିଏ ଘରେ
  ତିନି ଲୋକ ଥାନ୍ତି ସେ ପରିବାରେ
  ଜଣଙ୍କ ଶରୀର ଅଟେ ପତଳା
  ଦୌଡୁଥାଏ ସିଏ ଘରଟି ସାରା
  ଆଉ ଜଣେ ମୋଟା ଅଟଇ ଗେଡ଼ା
  ଥକ୍କା ମାରି ସିଏ ଚାଲଇ ପରା
  ଅନ୍ୟ ଜଣଙ୍କର ସ୍ୱାସ୍ଥ୍ୟ ଅଟେ ସୁନ୍ଦର
  ଧୀରେ ଧୀରେ ଚାଲେ ସମ୍ପୂର୍ଣ୍ଣ ଘର ।
  
  ଉ-ଘଣ୍ଟା



- ତିନୋଟି ଅକ୍ଷରେ ନାମ ମୋହର
  ଚାଷ କାର୍ଯ୍ୟ ପାଇଁ ମୁଁ ଦରକାର
  ପ୍ରଥମ ଦୁଇ ଅକ୍ଷରକୁ ଯଦି ପଢ଼ିବ
  ଶକ୍ତି ଶବ୍ଦକୁ ସେ ବୁଝାଉଥିବ
  ପ୍ରଥମ ଓ ଶେଷ ଯେବେ ମିଶିବ
  ଖରାପ ଅନ୍ୟନାମ ବୁଝାଉଥିବ ।
  
  ଉ-ବଳଦ

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୮୯୭୩୦୧୧୪୩

**ଦ୍ୱିତୀୟ ଟେଷ୍ଟ: ପ୍ରଥମ ଦିନରେ ଭଲ ଖେଳିଲା ଭାରତ**

# ଜୟସ୍ୱାଲଙ୍କ ଅପରାଜିତ ଶତକ

ବିଶାଖାପାଟଣା, ୨।୨ (ଏଜେନ୍ସି) ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କ ଆକ୍ରମଣାତ୍ମକ ଅପରାଜିତ ଶତକ ସହାୟତାରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ଭଲ ଖେଳ ପ୍ରଦର୍ଶନ କରିଛି। ଜୟସ୍ୱାଲ ଚମତ୍କାର ବ୍ୟାଟିଂ କରି ୧୭୯ ରନ୍‌ରେ ଅପରାଜିତ ରହିବା ଫଳରେ ପ୍ରଥମ ଦିନ ଖେଳରେ ଭାରତ ୬ ୱିକେଟରେ ୩୩୬ ରନ୍ ସଂଗ୍ରହ କରିଛି। ଏହି ବାମହାତି ଯୁବ ଓପନର ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ତଥା ଘରୋଇ ମାଟିରେ ପ୍ରଥମ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ସେ ମୋଟ ୨୫୭ ବଲ୍ ଖେଳି ୧୭ ଚୌକା ଓ ୫ ଛକା ସହ ଏହି ରନ୍ କରିଛନ୍ତି। ତାଙ୍କ ସହ ରବିଚନ୍ଦ୍ରନ ଅଶ୍ୱିନ ୫ ରନ୍‌ରେ ଅପରାଜିତ ରହିଛନ୍ତି। ଜୟସ୍ୱାଲଙ୍କ ଛଡ଼ା ଅନ୍ୟ କୌଣସି ଭାରତୀୟ ବ୍ୟାଟର ବଡ଼ ସ୍କୋର କରିବାରେ ସମର୍ଥ ହୋଇ ନାହାନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ପ୍ରଥମଥର ଦଳର ୩, ୪ , ୫ ଓ ୬ ନମ୍ବର ବ୍ୟାଟର ୨୫ରୁ ୩୫ ରନ୍ ମଧ୍ୟରେ ଆଉଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଟେଷ୍ଟ ପଦାର୍ପଣ କରିଥିବା ରଜତ ପଟିଦାର ୩୨ ରନ୍ କରିଥିଲେ। ସେ ଦୁର୍ଭାଗ୍ୟଜନକ ଭାବେ ବୋଲ୍ଡ ହୋଇଥିଲେ।



ଅନ୍ୟତମ ଓପନର ତଥା ଅଧିନାୟକ ରୋହିତ ଶର୍ମା ମାତ୍ର ୧୪, ଫର୍ମରେ ନଥିବା ଶୁବମାନ ଗିଲ ୩୪, ଶ୍ରେୟସ ଆୟର ଓ ଅକ୍ଷର ପଟେଲ ୨୭ ରନ୍ ଲେଖାଏଁ, ଶ୍ରୀକର ଭରତ ୧୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଦୁଇ ପାକିସ୍ତାନୀ ବଂଶୋଦ୍ଭବ ସ୍ପିନର ରେହାନ ଅହମ୍ମଦ୍ ଓ ସୋଏବ ବସିର ୨ଟି ଲେଖାଏଁ ୱିକେଟ ପାଇଥିଲେ। ୪୨ ବର୍ଷୀୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ଓ ପ୍ରଥମ ଟେଷ୍ଟରେ ଭାରତକୁ ହରାଇଥିବା ଟମ୍ ହର୍ଟଲୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

ପ୍ରଥମ ଟେଷ୍ଟ ଖେଳିଥିବା ଭାରତ ୩ ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରି ଏହି ମ୍ୟାଚ୍ ଖେଳିଥିଲା। ରଜତ ପଟିଦାର, କୁଲଦୀପ ଯାଦବ ଓ ମୁକେଶ କୁମାରଙ୍କୁ ଏହି ମ୍ୟାଚ୍ ଲାଗି ସାମିଲ କରାଯାଇଥିଲା। ଦୁଇ ଆହତ ଖେଳାଳି ରବିନ୍ଦ୍ର ଜାଡେଜା, ଲୋକଶ ରାହୁଲ ଓ ମହମ୍ମଦ୍ ସିରାଜ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦିଆଯାଇଥିଲା। ଇଂଲଣ୍ଡ ଦଳ ମାର୍କ ଉଡ୍‌ଙ୍କ ସ୍ଥାନରେ ଜେମ୍ସ ଆଣ୍ଡରସନ ଓ ଆହତ ଜ୍ୟାକ୍ ଲିଚ୍‌ଙ୍କ ସ୍ଥାନରେ ସୋଏବ ବସିରଙ୍କୁ ଖେଳାଇଥିଲା।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି: ୩୩୬/୬, ୯୩ ଓଭର (ଯଶସ୍ୱୀ ଜୟସ୍ୱାଲ-୧୭୯*, ଶୁବମାନ ଗିଲ-୩୪, ରେହାନ ଅହମ୍ମଦ୍-୨/୬୧, ସୋଏବ ବସିର-୨/୧୦୦)।

## ଗୋଟିଏ ଦିନରେ ୮ ପଦାର୍ପଣକାରୀ

ନୂଆଦିଲ୍ଲୀ, ୨।୨ (ସମିସ): ଅନ୍ତର୍ଜାତୀୟ କ୍ରିକେଟରେ ଶୁକ୍ରବାର ୮ ଜଣ ଖେଳାଳି ପଦାର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଶାଖାପାଟଣାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତର ରଜତ ପଟିଦାର ଓ ଇଂଲଣ୍ଡର ସୋଏବ ବସିର ଅନ୍ୟତମ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆର ଲାନ୍ସ ମୋରିସ ଓ ଜାଭିୟର ବାର୍ଟଲେଟ ମଧ୍ୟ ପଦାର୍ପଣ କରିଛନ୍ତି। ସେହିପରି ଶ୍ରୀଲଙ୍କା ବିପକ୍ଷ ଏକମାତ୍ର ଟେଷ୍ଟରେ ଆଫଗାନିସ୍ତାନର ନୁର ଅଲୀ, ଜିଆ-ଉର-ରହମନ, ନଭୀଦ ଜଦ୍ରାନ ଓ ମହମ୍ମଦ୍ ସଲୀମ ମଧ୍ୟ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି।

**● ଆଜିଠାରୁ ମହିଳା ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍**

# ଚୀନ୍ ସହ ଭାରତର ପ୍ରଥମ ମୁକାବିଲା

ଭୁବନେଶ୍ୱର, ୨।୨ (ସମିସ): ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍‌ର ମହିଳା ବିଭାଗର ଭାରତୀୟ ଲେଗ୍ ଶନିବାରଠାରୁ ଆରମ୍ଭ ହେଉଛି। ଏଥିରେ ଆୟୋଜକ ଭାରତ ସମେତ ଚୀନ୍, ଆମେରିକା, ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ଭଳି ୫ଟି ଦେଶ ଭାଗ ନେଉଛନ୍ତି। ପ୍ରତ୍ୟେକ ଦଳ ଅନ୍ୟ ସହ ଦୁଇଥର ଲେଖାଏଁ ମୁକାବିଲା କରିବେ। ଏହି ପ୍ରତିଯୋଗିତା ଲାଗି ଦୁଇଟି ଭେନ୍ୟୁ ଯଥା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ମ୍ୟାଚ୍ ଗୁଡିକ ଖେଳାଯିବ। ଭୁବନେଶ୍ୱରରେ ଏହା ଫେବୃଆରୀ ୩ରୁ ଆରମ୍ଭ ହୋଇ ୯ରେ ଶେଷ ହେବ। ରାଉରକେଲାରେ ଫେବୃଆରୀ ୧୨ରୁ ଆରମ୍ଭ ହୋଇ ୧୮ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କଳିଙ୍ଗରେ ଶନିବାର ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲାରେ ଆମେରିକା ସହ ନେଦରଲାଣ୍ଡ୍ସ ଖେଳିବ। ଏହି ଦିନ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଚୀନ୍ ସହ ଭାରତ ତାହାର ଉଦ୍‌ଘାଟନୀ ମ୍ୟାଚ୍ ଖେଳିବ। ଏହାର ପରଦିନ ଅର୍ଥାତ୍ ରବିବାର ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦଳ ନେଦରଲାଣ୍ଡସ ସହ ମୁକାବିଲା କରିବ। ଫେବୃଆରୀ ୭ରେ ଅଷ୍ଟ୍ରେଲିଆ ଓ ୯ରେ ଆମେରିକା ସହ ଖେଳି ଭାରତ ତାହାର ଅଭିଯାନ ଶେଷ କରିବ। ଏସିଆନ ଗେମ୍ସ ଓ ଅଲିମ୍ପିକ୍ କ୍ୱାଲିଫାୟରରେ ନିରାଶାଜନକ ଖେଳ ପ୍ରଦର୍ଶନ କରିଥିବା ଭାରତ ପ୍ରୋ ଲିଗ୍‌ରେ ଭଲ ଖେଳି ସମ୍ମାନ ରକ୍ଷା କରିବା ଲକ୍ଷ୍ୟରେ ରହିଛି।

**ଖେଳସୂଚୀ (ଭୁବନେଶ୍ୱର ପର୍ଯ୍ୟାୟ)**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଖେଳ ଆରମ୍ଭ |
|---|---|---|
| ୩।୨ | ଆମେରିକା-ନେଦରଲାଣ୍ଡ୍ସ | ସନ୍ଧ୍ୟା ୫ଟା ୩୦ |
| ୩।୨ | ଭାରତ-ଚୀନ | ରାତି ୭ଟା ୩୦ |
| ୪।୨ | ଅଷ୍ଟ୍ରେଲିଆ-ଚୀନ୍ | ସନ୍ଧ୍ୟା ୫ଟା ୩୦ |
| ୪।୨ | ଭାରତ-ନେଦରଲାଣ୍ଡ୍ସ | ରାତି ୭ଟା୩୦ |
| ୬।୨ | ନେଦରଲାଣ୍ଡ୍ସ-ଚୀନ | ସନ୍ଧ୍ୟା ୫ଟା ୩୦ |
| ୬।୨ | ଆମେରିକା-ଅଷ୍ଟ୍ରେଲିଆ | ରାତି ୭ଟା ୩୦ |
| ୭।୨ | ଆମେରିକା-ଚୀନ୍ | ସନ୍ଧ୍ୟା ୫ଟା ୩୦ |
| ୭।୨ | ଭାରତ-ଅଷ୍ଟ୍ରେଲିଆ | ରାତି ୭ଟା ୩୦ |
| ୯।୨ | ନେଦରଲାଣ୍ଡସ-ଅଷ୍ଟ୍ରେଲିଆ | ସନ୍ଧ୍ୟା ୫ଟା ୩୦ |
| ୯।୨ | ଭାରତ-ଆମେରିକା | ରାତି ୭ଟା୩୦ |




# ରାଜ୍ୟ ବରିଷ୍ଠ କବାଡ଼ି ଚାମ୍ପିଅନସିପ୍ ଆରମ୍ଭ




କଟକ, ୨।୨(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା କବାଡି ସଂଘ ପକ୍ଷରୁ ଆରମ୍ଭ ହୋଇଛି ରାଜ୍ୟ ବରିଷ୍ଠ କବାଡି ଚାମ୍ପିଅନସିପ। କଟକ ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂଘ ସଭାପତି ଡଃ ଶରତ କୁମାର ସାହୁ ସଭାପତିତ୍ୱ କରିବା ସହ ରାଜ୍ୟରେ କବାଡି କ୍ରୀଡ଼ାର ବିକାଶ ଦିଗରେ ଆଲୋକପାତ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା, ମୁମ୍ବଇ ଆରବିଏଲ ବ୍ୟାଙ୍କର ବରିଷ୍ଠ ଉପସଭାପତି ଅଙ୍କୁର ଶିଙ୍ଗଲା, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରୁଚି ଲୋକ ସମ୍ପର୍କ ବିଭାଗର ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେବା ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୦୦୦ରୁ ଅଧିକ ପୁରୁଷ ଓ ମହିଳା କ୍ରୀଡ଼ାବିତ, ପ୍ରଶିକ୍ଷକ, ଅଫିସିଆଲଙ୍କୁ ସ୍ୱାଗତ କରିଥିଲେ। କବାଡି ଗୁରୁ ପ୍ରେମାନନ୍ଦ ଶତପଥୀଙ୍କୁ ଏହି ଅବସରରେ ଓଡ଼ିଶା କବାଡି ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଖେଳାଳିମାନେ ସହର ପରିକ୍ରମା କରିଥିଲେ।

**ପୁଡୁଚେରୀ ବିପକ୍ଷ ରଣଜୀ ମୁକାବିଲା**

# ପ୍ରଥମ ଦିନରେ ଓଡ଼ିଶା ୨୩୦/୪

କଟକ, ୨।୨(ସମିସ): ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ପୁଡୁଚେରୀ ବିପକ୍ଷ ରଣଜୀ ଏଲିଟ ଗ୍ରୁପ୍-ଡି' ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳର ପ୍ରଦର୍ଶନ ପ୍ରଭାବଶାଳୀ ରହିଛି। ପ୍ରଥମ ଦିବସରେ ସତର୍କତାର ସହ ଖେଳି ଓଡ଼ିଶା ୪ ୱିକେଟ ବିନିମୟରେ ୨୩୦ରନ ସଂଗ୍ରହ କରିଛି। ପୁଡୁଚେରୀର ବୋଲିଂ ବିଫଳ ହୋଇଛି। ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ୮୦ରନ ଏବଂ ବିପ୍ଳବ ସାମନ୍ତରାୟ ୪୧ରନରେ ଅପରାଜିତ ଥିବା ବେଳେ ଓଡ଼ିଶା ବିଶାଳ ସ୍କୋର ଅଭିମୁଖେ ମୁହାଁଇଛି। ଟସ୍ ଜିତି ପୁଡୁଚେରୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଚୂଡାନ୍ତ ଏକାଦଶରେ ପୂର୍ବମ୍ୟାଚ୍ ଖେଳିଥିବା ଓଡ଼ିଶା ସମାନ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଓଡ଼ିଶାର ଓପନିଂ ଭାଗୀଦାରି ବିଫଳ ହୋଇଥିଲା। ଅନୁରାଗ ଷଡ଼ଙ୍ଗୀ ୮ରନ କରିଥିବା ବେଳେ ପୁଡୁଚେରୀର ଅଗ୍ରଣୀ ୱିକେଟ ଟେକର ଗୌରବ ଯାଦବଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଅଧିନାୟକ ତଥା ଅନ୍ୟତମ ଓପନର ଶାନ୍ତନୁ ମିଶ୍ର ଏବଂ ସନ୍ଦୀପ ପଟ୍ଟନାୟକ ଦ୍ୱିତୀୟ ୱିକେଟରେ ୭୦ରନର ଭାଗୀଦାରି ସୃଷ୍ଟି କରିଥିଲେ। ଶାନ୍ତନୁ ୪୦ରନରେ ଆଉଟ ହେବା ପରେ ଶୁଭ୍ରାଂଶୁ ଶେଖର ସେନାପତି ମାତ୍ର ୮ରନ କରି କ୍ରିଜ ଛାଡ଼ିଥିଲେ। ପରେ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ସେ ୪୪ରନରେ ପ୍ୟାଭିଲିୟନ ଫେରିଥିଲେ। ୧୧୨ରନରେ ଓଡ଼ିଶା ୪ଟି ୱିକେଟ ହରାଇଥିଲା। ତେବେ ଦଳର ଦୁଇ ବରିଷ୍ଠ ଓ ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ଏବଂ ବିପ୍ଳବ ସାମନ୍ତରାୟ ଅବିଭକ୍ତ ୫ମ ୱିକେଟରେ ୧୧୮ ରନର ଭାଗିଦାରୀ ସୃଷ୍ଟି କରି ଓଡ଼ିଶାର ସ୍ଥିତି ମଜବୁତ କରିଛନ୍ତି। ଚଳିତ ସଂସ୍କରଣରେ ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ହାସଲ କରି ସାରିଥିବା ଗୋବିନ୍ଦ ୮୦ ରନ୍ କରିବା ପରେ ଶତକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ପୁଡୁଚେରୀ ପକ୍ଷରୁ ଗୌରବ ୨ଟି, ରବି ଯାଦବ ଏବଂ ସୌରଭ ଯାଦବଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି।

## ସୁପର ସିକ୍ସରେ ଭାରତର ଦ୍ୱିତୀୟ ଜିତ୍

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ବ୍ଲୋଏମ୍‌ଫୋଣ୍ଟେନ, ୨।୨(ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ସୁପର-୬ ପର୍ଯ୍ୟାୟରେ ଗ୍ରୁପ୍-୧ର ଏକ ମ୍ୟାଚ୍‌ରେ ଶୁକ୍ରବାର ନେପାଳକୁ ୧୩୨ ରନରେ ପରାସ୍ତ କରିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ଉଦୟ ସରଣଙ୍କ ୧୦୦ ରନ ବଳରେ ୫୦ ଓଭରରେ ୫ ୱିକେଟ ହରାଇ ୨୯୭ ରନ ସଂଗ୍ରହ କରିଥିଲା। ଜବାବରେ ନେପାଳ ୯ ୱିକେଟ ହରାଇ ୧୬୫ ରନରେ ସୀମିତ ରହି ପରାସ୍ତ ହୋଇଛି।

## ସାଫ୍ କପ୍: ଭାରତର ବଡ଼ ବିଜୟ

ଢ଼ାକା,୨ । ୨ (ଏଜେନ୍ସି): ଭୁଟାନକୁ ୧୦-୦ ଗୋଲରେ ପରାସ୍ତ କରି ଭାରତ ଏଠାରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ସାଫ୍ କପ୍ ମହିଳା ଫୁଟବଲରେ ଭାରତ ବଡ଼ ବିଜୟ ହାସଲ କରିଛି। ଏହି ମ୍ୟାଚ୍ର ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୪-୦ ଗୋଲରେ ଆଗୁଆ ରହିଥିଲା। ବିଜୟୀ ଦଳ ପକ୍ଷରୁ ପୂଜା ୪ଟି ଓ ଶିବାନୀ ଦେବୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଭାରତ ତାହାର ଦ୍ୱିତୀୟ ମ୍ୟାଚ ବାଂଲାଦେଶ ସହ ରବିବାର ଖେଳିବ। ଏହି ମ୍ୟାଚ୍‌ରେ ମଧ୍ୟ ଭାରତ ବିଜୟ ହାସଲ କରିବ ବୋଲି ସହକାରୀ ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଆଶା ପ୍ରକାଶ କରିଛନ୍ତି। ଏହି ମ୍ୟାଚ୍‌ଟି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଖେଳାଯିବ।

## ଓବିବିଏର ନୂଆ କର୍ମକର୍ତ୍ତା ନିର୍ବାଚିତ



ଭୁବନେଶ୍ୱର, ୨।୨ (ସମିସ): ଭାରତୀୟ ବଡ଼ି ବିଲ୍ଡର୍ସ ଫେଡେରେସନର ସ୍ୱୀକୃତିପ୍ରାପ୍ତ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏସନ (ଓବିବିଏ)ର ଆସନ୍ତା ୫ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ବିଭିଜି ରାଓ ସଭାପତି, ରାଜେଶ ଆଚାରୀ ସମ୍ପାଦକ ଓ ଉମାଚରଣ ଶତପଥି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ସଂଘର ରାଜ୍ୟ ବଡି ବିଲ୍ଡିଂ ପ୍ରତିଯୋଗିତା ଆସନ୍ତା ୧୫ ଓ ୧୬ ତାରିଖରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି।

## ଆଇଏସ୍ଏଲ: ଓଡ଼ିଶା ଏଫ୍‌ସି ବିଜୟୀ

ଭୁବନେଶ୍ୱର, ୨।୨(ସମିସ): ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଆଇଏସ୍ଏଲ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ହରାଇଛି। ଓଡ଼ିଶା ତରଫରୁ ରଏ କ୍ରିଷ୍ଣା ୫୩ ଓ ୫୭ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ ଓ କେରଳ ତରଫରୁ ୧୧ତମ ମିନିଟ୍‌ରେ ଡିମିଟ୍ରିୟସ୍ ଡିଆମାଣ୍ଟାକୋସ ଗୋଲ ଦେଇଥିଲେ। ଏଥିସହ ଓଡ଼ିଶା ଅଙ୍କ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି।

**● ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ**

## ଭାରତ-ଏ'ର ପ୍ରତ୍ୟାବର୍ତ୍ତନ

ଅହମ୍ମଦାବାଦ, ୨।୨(ଏଜେନ୍ସି): ଚଳିତ ଇଂଲଣ୍ଡ ଲାୟନ୍ସ ବିପକ୍ଷ ତୃତୀୟ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ପାଳିରେ ଭାରତ ୧୯୨ ରନକରି ଅଲଆଉଟ ହେବାପରେ ଇଂଲଣ୍ଡ ପ୍ରଥମ ପାଳିରେ ୬୪.୩ ଓଭରରେ ୧୯୯ ରନରେ ଅଲଆଉଟ ହୋଇ ୭ ରନରେ ଅଗ୍ରଣୀ ହାସଲ କରିଛି। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ଭାରତ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୮.୨ ଓଭରରେ ୩ ୱିକେଟ ହରାଇ ୧୪୮ ରନ ସଂଗ୍ରହ କରିଛି। ଫଳରେ ଭାରତ ୭ ୱିକେଟ ବାକିଥାଇ ୧୪୧ ରନର ଅଗ୍ରଣୀ ହାସଲ କରିଛି। ସାଇ ସୁଦର୍ଶନ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି।

**● ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ**

## ଅଷ୍ଟ୍ରେଲିଆର ସହଜ ବିଜୟ

ମେଲବୋର୍ଣ୍ଣ, ୨।୨(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ୮ ୱିକେଟରେ ଅତି ସହଜରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୪୮.୪ ଓଭରରେ ୨୩୧ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୩୮.୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ୪ ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଜାଭିଏର କଲିନ୍ ବାର୍ଟଲେଟ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କାମରନ ଗ୍ରୀନ୍ ୭୭ ଓ ଅଧିନାୟକ ଷ୍ଟିଭେନ ସ୍ମିଥ ୭୯ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଜୋଶ ଇଂଲିଶ ୬୫ ରନ କରି ଆଉଟ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ତରଫରୁ କେସି କାର୍ଟି ୮୮, ରୋଷ୍ଟନ ଚେଜ୍ ୫୯ ରନ କରିଥିଲେ।

## ଭାରତ-ପାକିସ୍ତାନ ଡେଭିସ୍ କପ୍ ମୁକାବିଲା ଆଜିଠାରୁ

ଇସ୍ଲାମାବାଦ୍, ୨।୨(ଏଜେନ୍ସି): ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ୧ ପ୍ଲେ-ଅଫ୍ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଇସ୍‌ଲାମାବାଦ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ଐତିହାସିକ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ। ଦୀର୍ଘ ୬୦ ବର୍ଷ ପରେ ଭାରତ ପାକିସ୍ତାନର ଗସ୍ତ କରି ଏହି ମ୍ୟାଚ୍ ଖେଳିବାକୁ ଯାଉଛି। ଫଳରେ ଏହାର ଗୁରୁତ୍ୱ ବଢ଼ିଯାଇଛି। ଭାରତ ଫେବରାଇଟ୍ ବିବେଚିତ ହେଉଛି। ଡେଭିସ୍ କପ୍ ଇତିହାସରେ ଭାରତ କେବେବି ପାକିସ୍ତାନଠାରୁ ପରାସ୍ତ ହୋଇନାହିଁ।




| ପାର୍କିଂ ସ୍ଥଳ | ଯାନର ପ୍ରକାର | ଷ୍ଟାଡ଼ିୟମକୁ ପ୍ରବେଶ |
|---|---|---|
| କମିଶନରେଟ୍ ରିଜର୍ଭ ପୋଲିସ୍ ପଡ଼ିଆ ପାର୍କିଂ | ୨ ଏବଂ ୪ ଚକିଆ ଯାନ | ଗେଟ୍ ନଂ ୩ ଓ ୪ |
| ନ୍ୟୁ ଏଜି କଲୋନୀ ପାର୍କିଂ | ୨ ଏବଂ ୪ ଚକିଆ ଯାନ | ଗେଟ୍ ନଂ ୩ ଓ ୪ |
| ବେହେରା ସାହି ଖେଳ ପଡ଼ିଆ | ୨ ଚକିଆ ଯାନ | ଗେଟ୍ ନଂ ୩ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର